ତାଙ୍କ ପରଲୋକରେ ଶୋଭନୀୟ ଆନ୍ଦୋଳନର ନିୟନ୍ତ୍ରିକା ରୁକ୍ମିଣୀ ଦେବୀ, ସମ୍ପାଦିକା ସତ୍ୟଭାମା ଦେବୀ, ପୂର୍ବତନ ମନ୍ତ୍ରୀ ସେକ୍ ମତଲୁବ ଅଲୀ, କବି ଓ ରାଜନେତା ଶଙ୍କର୍ଷଣ ପରିଡା, ପୂର୍ବତନ ବିଧାୟକ ବିଷ୍ଣୁଚରଣ ସେଠୀ, ଅଶୋକ ପୁହାଣ, ବୈକୁଣ୍ଠନାଥ ସାହୁଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଗଭୀର ଶୋକ ପ୍ରକାଶ କରିଛନ୍ତି।




# ପୃଥକ୍ ବାଇକ ଦୁର୍ଘଟଣା: ୪ ମୃତ

## ନାଳକୁ ଖସିଲେ ୨, ପଥରରେ ଧକ୍କା ହେଲେ ୨

**ବୁଗୁଡ଼ା/ତୁମୁଡ଼ିବନ୍ଧ,୨୯।୧(ଡି.ଏନ.ଏ.)**

ଗଞ୍ଜାମ ଓ କନ୍ଧମାଳ ଜିଲାରେ ସୋମବାର ରାତିରେ ଦୁଇଟି ବାଇକ୍ ଦୁର୍ଘଟଣାରେ ୪ ଜଣଙ୍କ ମୃତ୍ୟୁ ଘଟିଛି। ଗଞ୍ଜାମ ଜିଲା ବୁଗୁଡ଼ା ଥାନା ଅଞ୍ଚଳରେ ନାଳକୁ ବାଇକ୍ ଖସି ୨ ଆରୋହୀଙ୍କ ମୃତ୍ୟୁ ଘଟିଥିବା ବେଳେ କନ୍ଧମାଳ ଜିଲା ତୁମୁଡ଼ିବନ୍ଧ ଥାନା ଅଞ୍ଚଳରେ ପଥରେ ବାଇକ୍ ଧକ୍କା ହେବାରୁ ୨ ଜଣଙ୍କ ଜୀବନ ଚାଲିଯାଇଛି।

ବୁଗୁଡ଼ା ଥାନା ଅନ୍ତର୍ଗତ ଡ଼େହୁକା ଗ୍ରାମର ଏକ ଭୋଜିରେ ଯୋଗଦେଇ ପୋଲସରା ଥାନା ଅନ୍ତର୍ଗତ ଓସ୍ତାପଡ଼ା ଗ୍ରାମର ଉଦ୍ଧବ ସ୍ୱାଇଁ (୨୧) ଓ ସଂଗ୍ରାମ ସ୍ୱାଇଁ (୨୨) ବାଇକ୍ ଯୋଗେ ଫେରୁଥିଲେ। ସେମାନଙ୍କ ସମ୍ପର୍କୀୟ ଏକ ଅଟୋ ଯୋଗେ ପଛେ ପଛେ ଆସୁଥିଲେ। ରାତି ପ୍ରାୟ ୧୨ଟାରେ ବାଲିପଦର –କଳମ୍ବ ରାସ୍ତା ମଝିରେ ନିର୍ମାଣାଧୀନ ନଈବର ନାଳ ଶଙ୍କରେ ବାଇକଟି ଭାରସାମ୍ୟ ହରାଇ ତଳକୁ ଖସିପଡ଼ିବାରୁ ଘଟଣାସ୍ଥଳରେ ଉଦ୍ଧବଙ୍କର ମୃତ୍ୟୁ ଘଟିଥିଲା। ଅଟୋରେ ଆସୁଥିବା ସମ୍ପର୍କୀୟମାନେ ସଂଗ୍ରାମଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବ୍ରହ୍ମପୁର ବଡ ମେଡିକାଲକୁ ନେଉଥିବା ବେଳେ କୁକୁଡ଼ାଖଣ୍ଡିଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏନେଇ ବୁଗୁଡ଼ା ଥାନାରେ ନଂ. ୨୩/୧୯ରେ ଏକ ମାମଲା ରୁଜୁ ହୋଇଛି।

ସେହିପରି କନ୍ଧମାଳ ଜିଲା ତୁମୁଡିବନ୍ଧ ଥାନା ଅଧୀନ ୫୯ ନମ୍ବର ଜାତୀୟ ରାଜପଥର ବୁଢୁଲିପଦର ଘାଟିବୁଲାଣିରେ ବାଇକ୍ ଭାରସାମ୍ୟ ହରାଇ ପଥରରେ ଧକ୍କା ହେବାରୁ ଭାଲିଆପାଣିର ରମାକାନ୍ତ ମଲିକ (୪୨) ଓ କୋଟଗଡ଼ ଥାନା ପାରିଗଡ ଗ୍ରାମର କର୍ଣ୍ଣେଲ ପ୍ରଧାନ (୨୩)ଙ୍କ ମୃତ୍ୟୁ ଘଟିଛି। ସୋମବାର ରାତି ପ୍ରାୟ ୮ଟାରେ ଉଭୟେ ପାରିଗଡ଼ ଗ୍ରାମରୁ ଆସୁଥିବା ବେଳେ ବାଇକ୍ ଦୁର୍ଘଟଣାଗ୍ରସ୍ତ ହେବାରୁ ଘଟଣାସ୍ଥଳରେ ରମାକାନ୍ତଙ୍କ ମୃତ୍ୟୁ ଘଟିଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ଗୁରୁତର ଆହତ କର୍ଣ୍ଣେଲଙ୍କୁ ତୁମୁଡିବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅଣାଯାଇଥିଲା । ସେଠାରୁ ଅଧିକ ଚିକିତ୍ସା ପାଇଁ ବାଲିଗୁଡ଼ା ଉପଖଣ୍ଡ ଡାକ୍ତରଖାନାକୁ ପଠାଯାଇଥିଲେ ମଧ୍ୟ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ନେଇ ତୁମୁଡିବନ୍ଧ ଥାନାରେ ନଂ. ୮/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

ୟୁରୋପୀୟ ସମାଜର ସୁନ୍ଦର ବାହ୍ୟ ସଭ୍ୟତା ତଳେ, ଏକ ଗଭୀର ନୈତିକ ରୋଗ ତା'ର ପ୍ରାଣକୁ ଗ୍ରାସ କରୁଛି – ଯାହାର ସହସ୍ର ସହସ୍ର ଲକ୍ଷଣ ଆମ ଆଖିରେ ପଡୁଛି। ଭାରତ ଯଦି ତା'ର ରାଜନୈତିକ ଆଦର୍ଶ, ସାମାଜିକ ପ୍ରଣାଳୀ ଓ ଆର୍ଥିକ ନିୟମକୁ ଗ୍ରହଣ କରେ– ତେବେ ସେ ମଧ୍ୟ ସେ ସବୁ ରୋଗ ଦ୍ୱାରା ଆକ୍ରାନ୍ତ ହେବ।

–ଶ୍ରୀଅରବିନ୍ଦ



# ଜନବାଉଳାକାରୀ ଯୋଜନା

କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ୨୦୧୯ ଜାନୁୟାରୀ ୨୮ରେ ଛତିଶଗଡ଼ ରାଜଧାନୀ ରାୟପୁରଠାରେ ଏକ କୃଷକ ସମାବେଶରେ ଯୋଗଦେବା ଅବସରରେ କହିଛନ୍ତି ଯେ, ତାଙ୍କ ଦଳ କ୍ଷମତାକୁ ଆସିଲେ ଗରିବଙ୍କ ପାଇଁ ସର୍ବନିମ୍ନ ଆୟ ଯୋଗାଇ ଦେବ। ଏହି ଯୋଜନାରେ ଗରିବ ଲୋକଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସର୍ବନିମ୍ନ ଆୟ ଅର୍ଥ ସିଧାସଳଖ ପହଞ୍ଚିଯିବ। ରାଜସ୍ଥାନ, ମଧ୍ୟପ୍ରଦେଶ ଓ ଛତିଶଗଡ଼ ବିଧାନସଭା ନିର୍ବାଚନରେ କଂଗ୍ରେସ ବିଜୟ ଲାଭ କରିବା ପରେ କୃଷି ଋଣ ଛାଡ଼ କରାଯିବ ବୋଲି ରାହୁଲ ନିକଟରେ ଘୋଷଣା କରିଥିଲେ। ଏବେ ଗରିବଙ୍କ ପାଇଁ ସର୍ବନିମ୍ନ ଆୟ ଯୋଗାଇ ଦେବା ଭଳି ପ୍ରତିଶ୍ରୁତି ସାଧାରଣ ନିର୍ବାଚନ ପୂର୍ବରୁ ଭାଜପାକୁ ରୋକୋ ଦେବା ଲାଗି ଅନ୍ୟତମ ମାଷ୍ଟରଷ୍ଟ୍ରୋକ୍ ବୋଲି କୁହାଯାଉଛି। ତେବେ ଏତେବଡ଼ ଜନସଂଖ୍ୟାବହୁଳ ଦେଶରେ ଗରିବଙ୍କୁ ଚିହ୍ନି ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଅର୍ଥ ଦେବା ଏବଂ ସେଥିପାଇଁ ଆବଶ୍ୟକ ପାଣ୍ଠି ଯୋଗାଡ଼ କରିବା ବାସ୍ତବତା ଉପରେ ଆଧାରିତ ବୋଲି ମନେହେଉ ନାହିଁ। ଏହି ପରିପ୍ରେକ୍ଷୀରେ ମନେପଡ଼େ ଅନ୍ୟତମ ଜାତୀୟ ଦଳ ଭାଜପାର ନିର୍ବାଚନ ପ୍ରତିଶ୍ରୁତି। ୨୦୧୪ ସାଧାରଣ ନିର୍ବାଚନ ପୂର୍ବରୁ ଭାଜପା ନେତା ନରେନ୍ଦ୍ର ମୋଦି କହିଥିଲେ ଯେ କ୍ଷମତାକୁ ଆସିଲେ ବିଦେଶରେ ଥିବା କଳାଧନ ଫେରାଇ ଅଣାଯାଇ ପ୍ରତ୍ୟେକ ନାଗରିକଙ୍କ ବ୍ୟାଙ୍କ ଆକାଉଣ୍ଟରେ ୧୫ ଲକ୍ଷ ଟଙ୍କା ଭରି ଦିଆଯିବ। କ୍ଷମତା ଉପଭୋଗର ୫ ବର୍ଷ ପୂରିବାକୁ ବସିଥିବା ବେଳେ ସେହି ପ୍ରତିଶ୍ରୁତି ପାଣିରଗାର ଭଳି ପ୍ରତୀୟମାନ ହୋଇଛି। କେବଳ ସେତିକି ନୁହେଁ, ବର୍ଷକୁ ୨ କୋଟି ଯୁବତୀଯୁବକଙ୍କୁ ଚାକିରି ଦିଆଯିବାଠାରୁ ଆରମ୍ଭ କରି କୃଷି ସମସ୍ୟା ଦୂର, ଦରଦାମ ନିୟନ୍ତ୍ରଣ, ଲୋକପାଳ ନିଯୁକ୍ତି ଏପରିକି ଅଯୋଧ୍ୟାରେ ରାମ ମନ୍ଦିର ନିର୍ମାଣ ହେଉ ବା ୩୭୦ ଧାରା ଉଚ୍ଛେଦ ଭଳି ବିବାଦୀୟ ପ୍ରସଙ୍ଗ ଉପରେ କୌଣସି ସମାଧାନ ଅଣାଯାଇପାରି ନାହିଁ। ତା' ସହିତ ନୂତନ ଭାବେ ଯୋଡ଼ି ଦିଆଗଲା 'ଉଜ୍ଜ୍ୱଳା' ଭଳି ଅନେକ ଯୋଜନା। ୫ କୋଟି ମହିଳାଙ୍କୁ ପ୍ରଥମ ଥର ପାଇଁ ରନ୍ଧନ ଗ୍ୟାସ୍‌ଭର୍ତ୍ତି ସିଲିଣ୍ଡର ଦିଆଯାଇଛି ବୋଲି ସରକାର ଦାବି କରିଛନ୍ତି। ଏହି ତଥ୍ୟର ସତ୍ୟାସତ୍ୟ ଜାଣିବା ଅସମ୍ଭବ। ତାହା ଯଦି ସତ୍ୟ ହୋଇଥାଏ, ତେବେ ଦ୍ୱିତୀୟ ସିଲିଣ୍ଡର ପାଇଁ ସେହି ଗରିବ ପରିବାରକୁ ବଜାର ଦରରେ ରନ୍ଧନ ଗ୍ୟାସ୍ କିଣିବାକୁ ପଡୁଛି। ଏଠାରେ ଉଲ୍ଲେଖଯୋଗ୍ୟ, ରନ୍ଧନ ଗ୍ୟାସ୍ ଏକ ଯୁଗ ଉପଯୋଗୀ ଇନ୍ଧନ ନୁହେଁ। ଏହା ପରିବେଶର କ୍ଷତି କରିବା ସହିତ ଯେହେତୁ ପେଟ୍ରୋଲିୟମ୍ ପଦାର୍ଥରୁ ପ୍ରସ୍ତୁତ କରାଯାଇଥାଏ, ସେଥିପାଇଁ ତାହା ବିଦେଶରୁ ଅଣାଯାଉଛି। ମାଗଣା ସିଲିଣ୍ଡର ଯୋଗାଇ ଦେବା ଭଳି ଯୋଜନା ଚାଲୁ ରହିଲେ ଏହି ଗ୍ୟାସ୍ କିଣୁଥିବା ବ୍ୟକ୍ତିଙ୍କ ଉପରେ ଆର୍ଥିକ ବୋଝ ଲଦିବାକୁ ସରକାର ବାଧ୍ୟ ହେବେ। ସେହିଭଳି ଓଡ଼ିଶା ସରକାରଙ୍କ ଦ୍ୱାରା ଲାଗି ରହିଥିବା ଯୋଜନା ପରେ ଯୋଜନା ଘୋଷଣା ଗୋଟିଏ କଥା ପ୍ରମାଣ କରୁଛି। କରଦାତାଙ୍କ ଅର୍ଥକୁ ବଦ୍ ଉପଯୋଗ କରି କ୍ଷମତା ହାସଲ ପାଇଁ ସବୁ ରାଜନୈତିକ ଦଳ ତତ୍ପର ହୋଇପଡ଼ିଛନ୍ତି। ଯିଏ କ୍ଷମତାରେ ଅଛି ସିଏ ଯୋଜନା ଘୋଷଣା କରୁଛି, ଯିଏ ନାହିଁ ସେ ବଦ୍ ଉପଯୋଗ କରିବ ବୋଲି ପ୍ରତିଶ୍ରୁତି ଦେଉଛି।

**ତଥାଗତ ସତପଥୀ**

ବର୍ତ୍ତମାନ ଦେଶର ପରିସ୍ଥିତି ଦେଖିଲେ କୃଷି ସମ୍ବନ୍ଧୀୟ ଦୁରବସ୍ଥା ଓ ବେରୋଜଗାରଙ୍କ ପାଇଁ କର୍ମନିଯୁକ୍ତିର ଅଭାବ ସବୁ କ୍ଷେତ୍ରରେ ଅଶାନ୍ତି ସୃଷ୍ଟି କରୁଛି। ଏଭଳିସ୍ଥଳେ ରାଜନୈତିକ ଦଳ ଓ ରାଜନେତାମାନେ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ନାଗରିକଙ୍କ ପାଇଁ ବିଭିନ୍ନ ପ୍ରକାର ଲୋଭନୀୟ ଯୋଜନା ଘୋଷଣା କରିବାରେ ବ୍ୟସ୍ତ। ବ୍ୟାଙ୍କ ଆକାଉଣ୍ଟରେ ସିଧାସଳଖ ଟଙ୍କା ଭର୍ତ୍ତି ହେବା, କୃଷି ଋଣ ଛାଡ଼, ସୁଧରେ ରିହାତି, ଛାତ୍ରୀଛାତ୍ରଙ୍କ ପାଇଁ ପ୍ରୋତ୍ସାହନ, ମାଗଣାରେ ଖାଦ୍ୟସାମଗ୍ରୀ ଯୋଗାଣ ପରି ଲୋକଙ୍କୁ ଭୁଆଁ ବୁଲାଇବା ଭଳି କାର୍ଯ୍ୟକ୍ରମ ନେଇ ସୁନୀଳ ଚିତ୍ର ଦେଖାଇ ଦିଆଯାଉଛି। ଭାରତୀୟମାନେ ମଧ୍ୟ ବିନା କର୍ମରେ ଅର୍ଥ ହାସଲ ପାଇଁ ଯଥେଷ୍ଟ ପରିମାଣରେ ହାଇଁପାଇଁ ହେଉଛନ୍ତି। ଏହା ଜାତୀୟ ଚରିତ୍ରକୁ ଶକ୍ତ ଧକ୍କା ଦେଉଛି। ପ୍ରତ୍ୟେକ ନାଗରିକ ଯଦି ହାତ ବାନ୍ଧି ବସିବ ଏବଂ ସରକାରଙ୍କଠାରୁ ଅର୍ଥ ଆଶା ରଖିବ, ତେବେ ଖୁବ୍ ଶୀଘ୍ର, ଦେଶର ଅର୍ଥନୀତି ତଳିତଳାନ୍ତ ହୋଇଯିବ। ଭାରତ ଏକ ଆଧୁନିକ ଅର୍ଥନୀତିରେ ଶକ୍ତିଶାଳୀ ରାଷ୍ଟ୍ର ହୋଇ ଗଢ଼ି ଉଠିବ ବୋଲି ଯେଉଁ ସ୍ୱପ୍ନ ଦର୍ଶାଯାଉଛି, ତାହା ଏବେଠାରୁ ଅସତ୍ୟ ବୋଲି ଜଣାପଡୁଛି। କେନ୍ଦ୍ର ଓ ରାଜ୍ୟ ସରକାରଗୁଡ଼ିକ ଅକର୍ମଣ୍ୟ ସୃଷ୍ଟି କରିବାରେ ଇଚ୍ଛୁକ ଥିଲା ଭଳି ବୁଝାପଡୁଛି। ଏହି ଦୌଡ଼ରୁ କୌଣସି ରାଜନୈତିକ ଦଳ ଭିନ୍ନ ହେବାକୁ ଚାହୁଁ ନାହିଁ। କାରଣ ଲୋକଙ୍କୁ ଖୁସି କଲେ ଭୋଟ ମିଳିବ। ଏସବୁ ଦେଖି ନାଗରିକମାନେ କିଏ ଅଧିକ ସୁବିଧା ଓ ସୁଯୋଗ ଦେଇପାରିବେ ତାହା ତଉଲିବାରେ ଲାଗିଲେଣି। କିନ୍ତୁ ଭୋଟରମାନେ ବିବେକକୁ ପ୍ରଶ୍ନ କରିବା ଦରକାର ଯେ ଦିଆଯାଉଥିବା ସବୁ ପ୍ରତିଶ୍ରୁତି ବାସ୍ତବତା ଉପରେ ଆଧାରିତ ଅଛି କି ନାହିଁ। ଦେଶର ଅର୍ଥନୀତି ସୁଦୃଢ଼ ନ ଥିବା ବେଳେ ଜନସଂଖ୍ୟାବହୁଳ ଭାରତବର୍ଷର ଲୋକଙ୍କୁ ଖୁସି କରିବା ଲାଗି ପାଣ୍ଠି କେଉଁଠାରୁ ଆସିବ, ତାହା ହେବା କଥା ମୂଳ ପ୍ରଶ୍ନ। ଅର୍ଥନୈତିକ ଦୃଷ୍ଟିକୋଣରୁ ଦେଖିଲେ ଲୋକବାଉଳାକାରୀ ଯୋଜନାଗୁଡ଼ିକ ରାଷ୍ଟ୍ରର ପାଣ୍ଠି ପାଇଁ ନିଅଣ୍ଟିଆ ପରିସ୍ଥିତି ସୃଷ୍ଟି କରିଥାଏ। ଭୋଟ ପାଇବା ସକାଶେ ଯୋଜନା ଘୋଷଣା କରିବା ସହଜ। କିନ୍ତୁ ଏହାର ରୂପାୟନ ଆର୍ଥିକ ସ୍ଥିତି ଉପରେ ନିର୍ଭର କରେ। ଅତୀତରେ ଦେଖାଯାଇଛି, କେତେକ ଶାସକ ଦେଶର ଆବଶ୍ୟକତାକୁ ମେଣ୍ଟାଇବା ପାଇଁ ବିଭିନ୍ନ ସ୍ତରରୁ ଋଣ କରି ଦେଶକୁ ଦେବାଳିଆ ସ୍ତରକୁ ନେଇଯାଇଥିଲେ। ସେତେବେଳର ସ୍ଥିତିଠାରୁ ଆଜିର ବିଶ୍ୱ ଅର୍ଥନୀତିକୁ ଦେଖିଲେ ଆକାଶପାତାଳ ଫରକ ରହିଛି। ଅର୍ଥନୈତିକ ସ୍ଥିରତା ବଜାୟ ରଖିବା ଲାଗି ଦେଶ–ଦେଶ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଲାଗି ରହିଛି। ତେଣୁ ଏବେ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ଦେଶବାସୀଙ୍କୁ ଯେଉଁ ଗୋଲାପୀ ସ୍ୱପ୍ନ ଦେଖାଇ ଦିଆଯାଉଛି, ତାହା ଦ୍ୱାରା ଭାରତର ମୋଟ ଘରୋଇ ଉତ୍ପାଦ (ଜିଡିପି)କୁ ଧ୍ୱଂସ କରିଦେବ। କାରଣ ଜିଡିପି ଏଭଳି ଏକ ଆର୍ଥିକ ଶକ୍ତି, ଯାହାକୁ ଦୃଢ଼ୀଭୂତ କରିବାକୁ ହେଲେ ପ୍ରତ୍ୟେକ ନାଗରିକକୁ କାର୍ଯ୍ୟ କରି କିଛି ଉତ୍ପାଦନ କରିବାକୁ ପଡ଼ିଥାଏ। ଏଠାରେ କେବଳ ରାଜନେତାମାନଙ୍କୁ ଦୋଷ ଦେଇ ବସିପଡ଼ିଲେ ହେବ ନାହିଁ। କର୍ମକୋଢ଼ି ହେବା ପାଇଁ ଆମେ ସମସ୍ତେ ଆଗଭର ହେଉଛେ। ଏହାର ସୁଯୋଗ ରାଜନେତାମାନେ ନେଉଛନ୍ତି।

# ବିଜ୍ଞାନ ଗବେଷଣାରେ ବୃତ୍ତି ଓ ଯୋଜନା



**ସୁଶାନ୍ତ କୁମାର ସାହୁ**

ଷଡ୍‌ବିଂଶ ଜାତୀୟ ଶିଶୁ ବିଜ୍ଞାନ କଂଗ୍ରେସ ଉଦ୍‌ଘାଟନ କରିବା ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପିଲାମାନଙ୍କୁ ଗବେଷଣା ପାଇଁ ଆହ୍ୱାନ ଦେବା ସହିତ ରାଜ୍ୟସରକାର କିପରି ଓଡିଶାର ଛାତ୍ର ତଥା ଯୁବପିଢି ମଧ୍ୟରେ ବୈଜ୍ଞାନିକ ଗବେଷଣା ପ୍ରତି ଆଗ୍ରହ ସୃଷ୍ଟି ପାଇଁ ଯୋଜନା କରୁଛନ୍ତି ତାହା ସୂଚାଇଛନ୍ତି। ସେହିପରି ରାଜ୍ୟରେ ଗୁଣାତ୍ମକ ଉଚ୍ଚଶିକ୍ଷା, ଉଚ୍ଚତର ଗବେଷଣା ଓ ଜାତୀୟ ସ୍ତରରେ ପ୍ରତିଯୋଗିତାମୂଳକ ପରୀକ୍ଷାରେ ସଫଳତା ପାଇଁ ୯ଟି ବିଶ୍ୱବିଦ୍ୟାଳୟରେ ପ୍ରସ୍ତାବିତ ଏକକ ପାଠ୍ୟକ୍ରମ ପ୍ରଚଳନ ତଥା ଏକକ ପ୍ରବେଶିକା ପରୀକ୍ଷା ଏକ ଯୁଗାନ୍ତକାରୀ ପଦକ୍ଷେପ। କିନ୍ତୁ ବାସ୍ତବରେ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟସ୍ତରୀୟ ଶିକ୍ଷା ବ୍ୟବସ୍ଥା ଏବଂ ଯୋଜନାଗୁଡିକର ସମୟାନୁଯାୟୀ ସଫଳ ପ୍ରୟୋଗରେ ଆମେ ବହୁତ ପଛରେ ପଡିଯାଇଛେ, ଯାହାକି ଉତ୍କଳ ବିଶ୍ୱବିଦ୍ୟାଳୟ ପରି ଏକ ଖ୍ୟାତିସମ୍ପନ୍ନ ବିଶ୍ୱବିଦ୍ୟାଳୟକୁ ଦେଶର ଶ୍ରେଷ୍ଠ ୧୦୦ ବିଶ୍ୱବିଦ୍ୟାଳୟ (ଏନ୍‌ଆଇଆର୍ ଅଫ୍ ର୍‍ୟାଙ୍କିଙ୍ଗ୍) ମଧ୍ୟରେ ସ୍ଥାନ ପାଇବାରୁ ବଞ୍ଚିତ କରିଛି।

ନିକଟରେ ହୋଇଥିବା ମେକ୍ ଇନ୍ ଓଡିଶା କନ୍‌କ୍ଲେଭରେ ମଧ୍ୟ ବିଶ୍ୱବିଦ୍ୟାଳୟସ୍ତରୀୟ ଗବେଷଣାକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ଆମର ଉଚ୍ଚଶିକ୍ଷାମନ୍ତ୍ରୀ ଓଡିଶା ୟୁନିଭର୍ସିଟି ଇନୋଭେଶନ ଆଣ୍ଡ ଇନ୍‌ସେଣ୍ଟିଭାଇଜେଶନ ପଲିସି (ଓୟୁଆର୍‌ଆଇଆଇପି)ରେ ନୂତନ ନୀତି ଓ ନିୟମସମୂହ ଉନ୍ମୋଚନ କରିଛନ୍ତି। ଏହି ଯୋଜନା ମାଧ୍ୟମରେ ରାଜ୍ୟ ସରକାର ଜେଆର୍‌ଏଫ୍‌ରେ କୃତକାର୍ଯ୍ୟ ହୋଇ ନ ଥିବେ। କିନ୍ତୁ ନେଟରେ ଶୀର୍ଷ ସ୍ଥାନ ହାସଲ କରିଥିବା ଛାତ୍ରୀଛାତ୍ରମାନଙ୍କୁ ବୃତ୍ତି ଦେବାର ବ୍ୟବସ୍ଥା କରିଛନ୍ତି, ଯାହାକି ସ୍ୱାଗତ ଯୋଗ୍ୟ। ଏହି ନିୟମ ଅନୁଯାୟୀ, ବଛା ହୋଇଥିବା ପ୍ରାର୍ଥୀମାନଙ୍କୁ ମାସିକ ୧୫୦୦୦ ଟଙ୍କା ବୃତ୍ତି ଓ ବାର୍ଷିକ ୨୫୦୦୦ ଟଙ୍କା ଗବେଷଣା ଖର୍ଚ୍ଚ ଦେବାର ବ୍ୟବସ୍ଥା ରହିଛି। ଏହି ପଦକ୍ଷେପକୁ ଅନେକ ବୁଦ୍ଧିଜୀବୀ, ବୈଜ୍ଞାନିକ ଓ ଛାତ୍ରୀଛାତ୍ର ସ୍ୱାଗତ କରିଛନ୍ତି।

ତେବେ ବୃଦ୍ଧି ପାଉଥିବା ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ଆମ ଜୀବନଶୈଳୀ ଉପରେ ପ୍ରଭାବକୁ ଆଖି ଆଗରେ ରଖି ଏହି ଯୋଜନାଗୁଡ଼ିକର ପ୍ରୟୋଗର ବିଚାର କଲେ ସେପରି ଖୁସି ଓ ଉନ୍ମାଦନାର ବିଶେଷ କାରଣ ଅନୁଭବ ହେଉନାହିଁ। ଏହାର ଗୋଟିଏ କାରଣ ହେଲା ଏହି ବୃତ୍ତିର ସଂଖ୍ୟା ଓ ପରିମାଣ ସେତେଟା ଉତ୍ସାହଜନକ ନୁହେଁ ଯାହାକି ଗବେଷଣା ପାଇଁ ବହୁ ଆଗ୍ରହୀ ମେଧାବୀ ଛାତ୍ରୀଛାତ୍ରଙ୍କୁ ଆକର୍ଷିତ କରିପାରିବ। ଅଧୁନା ଭାରତର ଅଗ୍ରଣୀ ଅନୁଷ୍ଠାନଗୁଡିକ ଯଥା ଆଇଆଇଏସ୍‌ସି, ଆଇଆଇଟି, ଆଇଜର, ନାଇଜର ଇତ୍ୟାଦିରେ ଗବେଷଣା କରୁଥିବା ପିଏଚ୍‌ଡି ଛାତ୍ରୀଛାତ୍ର ଓ ଯୁବ ଗବେଷକମାନେ ମାସିକ ବୃତ୍ତି ୨୫ହଜାରରୁ ୫୦ହଜାର ଟଙ୍କାକୁ ବୃଦ୍ଧି ଦାବିରେ ତୀବ୍ର ଆନ୍ଦୋଳନ କରୁଥିବା ବେଳେ ଓଡିଶାର ଏହି ନୂତନ ଯୋଜନା କେତେଦୂର ପ୍ରଭାବଶାଳୀ ହୋଇପାରିବ ଏବଂ ଯୁବପିଢିଙ୍କୁ ଆକର୍ଷିତ କରିପାରିବ ତାହା ଏକ ପ୍ରଶ୍ନବାଚୀ ସୃଷ୍ଟି କରେ। ପୁଣି ଏହି ଯୋଜନା ଅନୁଯାୟୀ ପ୍ରତି ବିଷୟରେ ମାତ୍ର ୫ଜଣ ପ୍ରାର୍ଥୀଙ୍କୁ ଏହି ସୁବିଧା ଯୋଗାଇ ଦିଆଯିବ, ଯେଉଁଥିରେ ଦୁଇଟି ଆସନ ମହିଳାମାନଙ୍କ ପାଇଁ ସଂରକ୍ଷିତ। ଯଦି ଆମେ ସିଏସ୍‌ଆଇଆର୍–ୟୁଜିସି ନେଟ୍ (ଏନ୍‌ଇଟି–ଜାତୀୟ ଯୋଗ୍ୟତା ପରୀକ୍ଷା) ଜୁନ ୨୦୧୮ ଫଳାଫଳକୁ ଅନୁଧ୍ୟାନ କରିବା, ତେବେ ଜାଣିବାକୁ ପାଇବା ଯେ, ସମଗ୍ର ଭାରତରେ ୩୭୫୬ ପାର୍ଥୀ ଲେକ୍ଚରରଶିପ ନେଟ୍‌ରେ କୃତକାର୍ଯ୍ୟ ହୋଇପାରିଛନ୍ତି ଓ ସେହିପରି ୟୁଜିସି ନେଟ୍‌ରେ ବାର୍ଷିକ ପ୍ରାୟ ୬ ପ୍ରତିଶତ ପ୍ରାର୍ଥୀ ସଫଳ ହୋଇପାରିଛନ୍ତି। ଏହି ନେଟ୍ ପରୀକ୍ଷାଗୁଡିକରେ ଓଡିଶାରୁ ସଫଳତା ପାଇଥିବା ପ୍ରାର୍ଥୀ ଢେର କମ୍ ହୋଇଥିବା ଯୋଗୁ ଓୟୁଆର୍‌ଆଇଆଇପି ଯୋଜନାରେ ସମସ୍ତ ନେଟ୍ କୃତକାର୍ଯ୍ୟ ପ୍ରାର୍ଥୀଙ୍କୁ ଅନ୍ତର୍ଭୁକ୍ତ କରିବା ବିଚାରଯୋଗ୍ୟ।

ସେହିପରି ନେଟ୍‌ରେ ସଫଳତା ପାଇ ନ ଥିବା କିନ୍ତୁ ଗବେଷଣା ପାଇଁ ଆଗ୍ରହୀ ମେଧାବୀ ଛାତ୍ରୀଛାତ୍ରଙ୍କ ପାଇଁ ଏକ ରାଜ୍ୟସ୍ତରୀୟ ପରୀକ୍ଷା ମାଧ୍ୟମରେ ଫେଲୋଶିପ ଦେବାରେ ନୂତନ ଯୋଜନାଗୁଡିକର ଆବଶ୍ୟକତା ରହିଛି। କିଛି ଲୋକ ମତ ଦିଅନ୍ତି ଯେ ଏହି ଓୟୁଆର୍‌ଆଇଆଇପି ଯୋଜନା ଆଣିବାରେ ଓଡିଶା ପ୍ରଥମ ରାଜ୍ୟ, କିନ୍ତୁ ବାସ୍ତବରେ ଅନେକ ରାଜ୍ୟ ଏହିପରି ଯୋଜନାକୁ ବହୁବର୍ଷ ଧରି ସଫଳ କରାଇ ଗବେଷଣା ଓ ଅଭିନବୀକରଣରେ ନିଜକୁ ଅଗ୍ରଣୀ ରାଜ୍ୟ ଭାବରେ ପ୍ରତିଷ୍ଠା କରାଇ ପାରିଛନ୍ତି। ଉଦାହରଣ ସ୍ୱରୂପ କେରଳ ପରି ରାଜ୍ୟ ୨୦୦୨ରୁ ରାଜ୍ୟର ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗ ଦ୍ୱାରା ପ୍ରାୟୋଜିତ ଯୋଜନା ମାଧ୍ୟମରେ ବିଶ୍ୱବିଦ୍ୟାଳୟରୁ ଏମ୍‌ଏସ୍‌ସି ଓ ଏମ୍‌ଟେକ୍ ଡିଗ୍ରୀଧାରୀମାନଙ୍କୁ ଗବେଷଣା କରିବାକୁ ପ୍ରୋତ୍ସାହନ ଯୋଗାଇଦେଇ ଆସିଛନ୍ତି। ଏହି ନନ୍–ନେଟ୍ ଫେଲୋଶିପ୍‌ଗୁଡିକରେ ସମସ୍ତ ବିଷୟରେ ମାସିକ ବୃତ୍ତି ୨୨ହଜାର ଟଙ୍କା, ୧୦ ପ୍ରତିଶତ ଏଚ୍‌ଆର୍‌ଏ ଏବଂ ବାର୍ଷିକ ଗବେଷଣା ଖର୍ଚ୍ଚ ୨୦ହଜାର ଟଙ୍କା ଦିଆଯିବାର ବ୍ୟବସ୍ଥା ରହିଛି, ଯେଉଁଥିରେ ଏକ ରାଜ୍ୟସ୍ତରୀୟ ପରୀକ୍ଷା ମାଧ୍ୟମରେ ପ୍ରାର୍ଥୀ ଚୟନ କରାଯାଇ ଗବେଷଣା ପାଇଁ ନିୟୋଜିତ କରାଯାଏ। ସେହିପରି ପିଏଚ୍‌ଡି ଡିଗ୍ରୀଧାରୀମାନଙ୍କୁ ଗବେଷଣା ପାଇଁ ଏବଂ ବୈଜ୍ଞାନିକ ହେବାର ପ୍ରାଥମିକ ଅଭିଜ୍ଞତା ହାସଲ ପାଇଁ ରାଜ୍ୟ ସରକାର ବୃତ୍ତି ସହଯୋଗ ଦେଇ ଆସୁଛନ୍ତି। ପ୍ରତ୍ୟେକ ପୋଷ୍ଟଡୋକ ଫେଲୋଙ୍କୁ ମାସିକ ୩୨ହଜାର ଟଙ୍କା ବୃତ୍ତି, ୧୦ ପ୍ରତିଶତ ଏଚ୍‌ଆର୍‌ଏ ଏବଂ ବାର୍ଷିକ ୫୦ହଜାର ଟଙ୍କା ଗବେଷଣା ଖର୍ଚ୍ଚ ରାଜ୍ୟ ସରକାର ପରିବହନ କରିଥାନ୍ତି। ସେହିପରି ସ୍କୁଲ ଓ କଲେଜ ସ୍ତରର ଛାତ୍ରୀଛାତ୍ରମାନଙ୍କର ଭୌତିକ ବିକାଶ ଓ ଅଭିନବୀକରଣ ପାଇଁ କେରଳ ସରକାର ଅନେକ ଯୋଜନା ପ୍ରଣୟନ କରିଛନ୍ତି। ସୁତରାଂ ଓଡିଶାର ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗ ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକରେ ବିଭିନ୍ନ ଆକର୍ଷଣୀୟ ଏବଂ ପ୍ରେରଣାଭିତ୍ତିକ ଗବେଷଣା ଯୋଜନା ପ୍ରଣୟନ କରିବା ଉଚିତ ଓ ଯୁବ ଗବେଷକମାନଙ୍କୁ ଗବେଷଣା ପାଇଁ ପ୍ରୋତ୍ସାହନ ଦେବା ଆବଶ୍ୟକ। ସ୍କୁଲଗୁଡ଼ିକ ପାଠ୍ୟକ୍ରମରେ ବିଜ୍ଞାନଭିତ୍ତିକ ପରୀକ୍ଷା ପ୍ରଦର୍ଶନ, ବିଜ୍ଞାନଭିତ୍ତିକ ପତ୍ରିକାର ଆଲୋଚନା, ରାଜ୍ୟସ୍ତରୀୟ ଓ ଜାତୀୟସ୍ତରୀୟ ଗବେଷଣା ଅନୁଷ୍ଠାନଗୁଡିକ ଭ୍ରମଣ ଏବଂ ବିଜ୍ଞାନ ଶିକ୍ଷକମାନଙ୍କୁ ଗବେଷଣାଭିତ୍ତିକ ପ୍ରଶିକ୍ଷଣ ଦେବାର ପ୍ରୟୋଜନୀୟତା ରହିଛି। ଅତୀତରେ ସ୍ନାତକ ଓ ସ୍ନାତକୋତ୍ତର ଡିଗ୍ରୀ କୋର୍ସଗୁଡ଼ିକରେ ଗବେଷଣାଭିତ୍ତିକ ପ୍ରୋଜେକ୍ଟ ସିଲାବସ ନ ରହିବା ନିଶ୍ଚିତ ଭାବରେ ଏକ ଦୁର୍ଭାଗ୍ୟଜନକ ବିଷୟ।

୨୦୧୬–୧୭ ଶିକ୍ଷା ବର୍ଷଠାରୁ ସ୍ନାତକ ଛାତ୍ରୀଛାତ୍ରଙ୍କ ପାଇଁ ରାଜ୍ୟ ସରକାର ସିବିସିଏସ୍ ସିଷ୍ଟମ୍ ଲାଗୁକରିଛନ୍ତି, ଯେଉଁଥିରେ ଏକ ପ୍ରୋଜେକ୍ଟ ସମ୍ପୃକ୍ତ। କିନ୍ତୁ କେତେଦୂର ଏହା ଗବେଷଣାଭିତ୍ତିକ ଏବଂ ମହାବିଦ୍ୟାଳୟଗୁଡ଼ିକରେ ସଫଳରୂପେ ସମ୍ପାଦନ କରାଯାଉଛି ତାହା ବିଶ୍ଳେଷଣଯୋଗ୍ୟ ଏବଂ ଏଥିପାଇଁ ଗବେଷଣା ଅଭିଜ୍ଞତା ଥିବା ଅଧ୍ୟାପକଙ୍କୁ ନିଯୋଜିତ କରିବାର ଆବଶ୍ୟକତା ରହିଛି। ସେହିପରି ରାଜ୍ୟସ୍ତରୀୟ ଆସେସ୍‌ମେଣ୍ଟ ଓ ଆକ୍ରିଡିଏଶନ କାଉନ୍‌ସିଲ ଗଠନ କରି ଓଡିଶାର ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟଗୁଡ଼ିକୁ ନିୟମିତ ଭାବରେ ପରିଚାଳନା କଲେ ଉତ୍କଳ ବିଶ୍ୱବିଦ୍ୟାଳୟ ପରି (ରାଷ୍ଟ୍ରୀୟ ଉଚ୍ଚତର ଶିକ୍ଷା ଅଭିଯାନ ଦ୍ୱାରା ୧୦୦ କୋଟି ଅନୁଦାନ ପ୍ରାପ୍ତ) ଅନ୍ୟ ବିଶ୍ୱବିଦ୍ୟାଳୟଗୁଡିକୁ ମଧ୍ୟ କେନ୍ଦ୍ରୀୟ ଅନୁଦାନ ମିଳିପାରିବ, ଯାହାକି ଗବେଷଣା ଓ ଅନ୍ୟାନ୍ୟ ଭିତ୍ତିଭୂମି ଗଠନରେ ସାହାଯ୍ୟ କରିବ। ଓଡିଶାର ଗୌରବମୟ ଇତିହାସକୁ ମନେପକାଇଲେ ଜଣାପଡେ, ଓଡିଶା ଅତୀତରେ ବହୁ ପ୍ରଖ୍ୟାତ ବୈଜ୍ଞାନିକ ଯଥା ଡ. ପ୍ରାଣକୃଷ୍ଣ ପରିଜା, ଗୋକୁଳାନନ୍ଦ ମହାପାତ୍ର, ଯୋଗେଶ ଚନ୍ଦ୍ର ପତି ଆଦିଙ୍କୁ ସୃଷ୍ଟି କରିପାରିଛି। ବିଦ୍ୟାଳୟ, ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟଗୁଡ଼ିକରେ ଆବଶ୍ୟକ ପୃଷ୍ଠଭୂମି ଗଠନ ଓ ଗବେଷଣାଭିତ୍ତିକ ଯୋଜନାଗୁଡିକର ବହୁମାତ୍ରାରେ ପ୍ରୟୋଗ, ଫେଲୋଶିପ୍ ବୃଦ୍ଧି ଓ ଗବେଷଣାରେ ଦକ୍ଷ ଶିକ୍ଷକମାନଙ୍କୁ ନିଯୁକ୍ତି ମାଧ୍ୟମରେ ଓଡିଶା ନିଜକୁ ଗବେଷଣାରେ ଏକ ଅଗ୍ରଣୀ ରାଜ୍ୟ ଭାବରେ ପ୍ରତିଷ୍ଠିତ କରାଇ ପାରିବ। ଏହା ସୁଚାରୁରୂପେ ସମ୍ପାଦନ କଲେ ଓଡ଼ିଶାର ବିଶ୍ୱବିଦ୍ୟାଳୟଗୁଡିକ ଏମ୍‌ଏଚ୍‌ଆର୍‌ଡି ଦ୍ୱାରା ପରିଚାଳିତ ଏନ୍‌ଆଇଆର ଅଫ୍ ର୍‍ୟାଙ୍କିଙ୍ଗ୍‌ରେ ଉନ୍ନତି ଆଣିପାରିବେ ତଥା ବିଶ୍ୱପ୍ରସିଦ୍ଧ ବୈଜ୍ଞାନିକ ସୃଷ୍ଟିକରି ସୁନାମ ଅର୍ଜନ କରିପାରିବେ ବୋଲି ଆଶା ଓ ବିଶ୍ୱାସ।

ଆଇତିପୁର, ଆଶ୍ରମ ବାଲିକୁଦା, କେନ୍ଦ୍ରାପଡ଼ା,
ମୋ–୯୮୫୩୩୨୩୬୫୩

# ହିଂସାର ଶିକାର ଅହିଂସାର ପୂଜାରୀ



**ଗିରିଜାଶଙ୍କର ତରାସିଆ**

ଭାରତବର୍ଷ ସ୍ୱାଧୀନତା ଲାଭ କରିବାର ମାତ୍ର ୫ ମାସ ୧୫ ଦିନ ପରେ ଅର୍ଥାତ୍ ୧୯୪୮ ମସିହା ଜାନୁୟାରୀ ୩୦ ତାରିଖ ଶୁକ୍ରବାର ଅପରାହ୍ଣ ୫ଟା ୧୭ ମିନିଟ୍ ସମୟରେ ନୂଆଦିଲ୍ଲୀସ୍ଥିତ ବିରଳା ଭବନରେ ଅନୁଷ୍ଠିତ ପ୍ରାର୍ଥନାସଭାରେ ଆତତାୟୀ ଗୁଳିର ଶିକାର ହୋଇ ଜାତିର ଜନକ ଗାନ୍ଧିଜୀଙ୍କର ପ୍ରାଣବାୟୁ ଉଡ଼ିଗଲା। ମହାତ୍ମାଙ୍କ ମହାପ୍ରୟାଣ ଖବର ବିଜୁଳି ବେଗରେ ବ୍ୟାପିଗଲା। ଏହି ମର୍ମନ୍ତୁଦ ଖବର ପାଇ ପଣ୍ଡିତ ନେହେରୁ, ସର୍ଦ୍ଦାର ପଟେଲ, ଗାନ୍ଧିଜୀଙ୍କ ପୁତ୍ର ଦେବଦାସ ଗାନ୍ଧୀ ସହସା ବିରଳା ଭବନକୁ ଛୁଟି ଆସିଲେ। ବଡ଼ଲାଟ ଲର୍ଡ ମାଉଣ୍ଟବାଟେନ ସସ୍ତ୍ରୀକ ପହଞ୍ଚି ଗାନ୍ଧିଜୀଙ୍କୁ ଶେଷ ସମ୍ମାନ ଜଣାଇ ଦୁଃଖାଭିଭୂତ ହୋଇ କହିଉଠିଲେ, 'ଆଜି କେବଳ ଭାରତର ନୁହେଁ, ସମଗ୍ର ବିଶ୍ୱ ନିମନ୍ତେ ଶୋକ ଦିବସ।' ପ୍ରଧାନମନ୍ତ୍ରୀ ନେହେରୁ ବେତାର ବାର୍ତ୍ତାରେ କହିଲେ, ''ଭାରତର ଆଲୋକ ଲିଭିଗଲା। ଆମର ଶ୍ରଦ୍ଧେୟ ବାପୁଜୀ ଆଉ ଇହଜଗତରେ ନାହାନ୍ତି। ତାଙ୍କର ଶିକ୍ଷା ଆମକୁ ହଜାର ବର୍ଷ ଧରି ଅନୁପ୍ରାଣିତ କରିବ।''

ଗାନ୍ଧୀଙ୍କ ମହାପ୍ରୟାଣର ହୃଦୟବିଦାରକ ବିବରଣୀ ତତ୍କାଳୀନ ବିଭିନ୍ନ ଦୈନିକ କାଗଜରେ ପ୍ରକାଶ ପାଇଲା। ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିଷ୍ଠିତ ଖବରକାଗଜ ସମାଜ ଏହାର ୧୯୪୮ ମସିହା ଫେବୃୟାରୀ ୪ ତାରିଖ ସଂସ୍କରଣରେ ମହାତ୍ମାଙ୍କ ମୃତ୍ୟୁର ବିବରଣୀ ପ୍ରକାଶ କରି ସମଗ୍ର ଓଡ଼ିଶାରେ ଚାଞ୍ଚଲ୍ୟ ଖେଳାଇ ଦେଇଥିଲା। ମହାତ୍ମା ୭୮ ବର୍ଷ ୩ ମାସ ୨୮ ଦିନ ପାର୍ଥିବ ଜଗତରେ ଲୀଳାଖେଳା କରି ଇହଧାମରୁ ବିଦାୟନେବା ପୂର୍ବରୁ ନିଜ ହାତରେ ଲେଖିଥିବା ଏକ ପ୍ରବନ୍ଧରେ ନିମ୍ନମତେ ଉଲ୍ଲେଖ କରିଥିଲେ, ''ଲୋକଙ୍କର ଯେ ପ୍ରକୃତ ସେବକ ହେବ ସେ ବରାବର ଖଦି ପିନ୍ଧିବ, ନିଶା ବ୍ୟବହାର କରିବ ନାହିଁ ବା ଧୂମପାନ କରିବ ନାହିଁ। ସବୁ ଧର୍ମ ସମାନ ଓ ପବିତ୍ର ବୋଲି ମନେକରିବ, ଜାତିବର୍ଣ୍ଣ ଇତ୍ୟାଦି ଭେଦଭାବ ରଖିବ ନାହିଁ, ଗ୍ରାମବାସୀଙ୍କ ପାଇଁ କାର୍ଯ୍ୟ କରିବ, ଗ୍ରାମର ଲୋକଙ୍କ ମଧ୍ୟରେ ସାକ୍ଷରତାର ପ୍ରସାର ଏବଂ ସେମାନଙ୍କର ସ୍ୱାସ୍ଥ୍ୟୋନ୍ନତି ଓ ଗ୍ରାମର ପରିଷ୍କାର ପରିଚ୍ଛନ୍ନତା ନେଇ କାମ କରିବ।''

ଗାନ୍ଧିଜୀ ବିଦେଶରୁ ପ୍ରତ୍ୟାବର୍ତ୍ତନ କରି ୧୯୧୫ ଜାନୁୟାରୀ ୯ ତାରିଖରେ ବମ୍ବେର ଆପୋଲୋ ବନ୍ଦରରେ ପଦାର୍ପଣ କଲେ। ନିଜ ଦେଶବାସୀଙ୍କ ସେବା କରିବାର ସଂକଳ୍ପ ନେଇ ସେ ୧୯୧୫ ମେ ୨୫ ତାରିଖରେ ଏକ ଆଶ୍ରମ ନିର୍ମାଣ କଲେ। ଗାନ୍ଧିଜୀ ଶାନ୍ତିନିକେତନ ଗସ୍ତରେ ଥିବାବେଳେ ସେ ତାଙ୍କର ରାଜନୈତିକ ଗୁରୁ ଗୋଖଲେଙ୍କ ଅକାଳ ବିୟୋଗ ସମ୍ପର୍କୀୟ ଏକ ଟେଲିଗ୍ରାମ୍ ପୁଣେରୁ ପାଇ ଅତ୍ୟନ୍ତ ବ୍ୟଥିତ ହୋଇପଡ଼ିଲେ। ସେ ତାଙ୍କର ଗୁରୁଙ୍କୁ ସମ୍ମାନ ପ୍ରଦର୍ଶନ ନିମନ୍ତେ ଏକ ବର୍ଷ ପର୍ଯ୍ୟନ୍ତ ଖାଲି ପାଦରେ ବିଚରଣ କଲେ।

## ଗାନ୍ଧିଜୀଙ୍କ ମହାପ୍ରୟାଣ ଦିବସ ଉପଲକ୍ଷେ

ପଣ୍ଡିତ ମଦନ ମୋହନ ମାଳବ୍ୟଙ୍କ ନିମନ୍ତ୍ରଣ କ୍ରମେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ଶିଳାନ୍ୟାସ ଉତ୍ସବରେ ୧୯୧୬ ଫେବୃୟାରୀ ୪ ତାରିଖ ଦିନ ଯୋଗଦାନ କରି ଗାନ୍ଧିଜୀ ଛାତ୍ରମାନଙ୍କୁ ଗୀତାର ଉପଯୋଗିତା ସମ୍ପର୍କରେ ସାରଗର୍ଭକ ଭାଷଣ ଦେଇଥିଲେ। ଗାନ୍ଧିଜୀ ଗୀତାକୁ ତାଙ୍କର ମାଆ ଭାବେ ଜ୍ଞାନ କରୁଥିଲେ। ଗାନ୍ଧିଜୀ କହୁଥିଲେ ''ମୋତେ ପାର୍ଥିବ ଶରୀରଧାରୀ ମା' ଜନ୍ମଦେଇ ମୃତ୍ୟୁବରଣ କରିଛି। କିନ୍ତୁ ଗୀତା ମୋ ମା'ର ସ୍ଥାନ ପୂରଣ କରି, ମୋ ସହିତ ସବୁବେଳେ ରହି ମୋତେ ବିପଦ ଆପଦରେ ସହାୟତା କରି ସତ୍ ଉପଦେଶ ପ୍ରଦାନ କରୁଛି।'' ପ୍ରତ୍ୟହ ପ୍ରାତଃକାଳରୁ ଗୀତା ଆବୃତ୍ତି କରି ନିଜର ଦୈନନ୍ଦିନ ଜୀବନଚର୍ଯ୍ୟା ଆରମ୍ଭ କରିବା ପାଇଁ ସେ ଛାତ୍ରମାନଙ୍କୁ ଉପଦେଶ ପ୍ରଦାନ କରିଥିଲେ।

ଗାନ୍ଧିଜୀ ତାଙ୍କ ରାଜନୈତିକ ଜୀବନରେ ସତ୍ୟାଗ୍ରହକୁ ଗୁରୁତ୍ୱ ଦେଉଥିଲେ। ସେ ୧୯୧୮ ମସିହାରେ ଅହମଦାବାଦ ଶ୍ରମିକ ଧର୍ମଘଟର ନେତୃତ୍ୱ ନେଇ ପ୍ରଥମେ ୩ ଦିନ ପର୍ଯ୍ୟନ୍ତ ଅନଶନ କରି ଶ୍ରମିକମାନଙ୍କର ଦାବି ହାସଲ କରିଥିଲେ। ସେ ମୁକ୍ତି ସଂଗ୍ରାମର ପ୍ରଧାନ ସେନାପତି ସାଜି ଇଂରେଜମାନଙ୍କ ବିରୋଧରେ ଅହିଂସା ଯୁଦ୍ଧ ପରିଚାଳନା କରିଥିଲେ। ଗାନ୍ଧିଜୀଙ୍କ ଜୀବନର ଗତିପଥ ପରିବର୍ତ୍ତନରେ ରସକିନ୍‌ଙ୍କର 'ଅନ୍ ଟୁ ଦି ଲାଷ୍ଟ' ପୁସ୍ତକ ସହିତ ଟଲଷ୍ଟୟଙ୍କ ଲେଖା ପ୍ରମୁଖ ଭୂମିକା ତୁଲାଇଥିଲା। ଏ କଥା ଗାନ୍ଧୀ ସ୍ୱୀକାର କରିଯାଇଛନ୍ତି। ତଥାକଥିତ ରାଜନୈତିକ ନେତାଙ୍କଠାରୁ ସେ ଥିଲେ ଭିନ୍ନ। ତାଙ୍କୁ ଋଷିପ୍ରାଣ ରାଜନୀତିଜ୍ଞ କୁହାଯାଏ। ସେ କୌଣସି ନୂତନ ଦର୍ଶନର ପ୍ରବର୍ତ୍ତକ ନୁହନ୍ତି। ଭାରତୀୟ ସମନ୍ୱୟ ପ୍ରକ୍ରିୟାର ସେ ହେଉଛନ୍ତି ଜଣେ ବଳିଷ୍ଠ ପ୍ରତିନିଧି। ସେ ତାଙ୍କ ଆତ୍ମଜୀବନୀରେ ଦର୍ଶାଇଛନ୍ତି ଯେ ସତ୍ୟ ପ୍ରତି ରହିଥିବା ଅଙ୍ଗୀକାରବଦ୍ଧତାରୁ ହିଁ ସେ ରାଜନୀତିକୁ ଆସିଛନ୍ତି। ଶାନ୍ତି ପାଇଁ ବିଭିନ୍ନ ସମୟରେ ନୋବେଲ ପୁରସ୍କାର ପାଇଥିବା ଆମେରିକାର ମାର୍ଟିନ ଲୁଥର କିଙ୍ଗ୍ (ଜୁନିୟର), ତିବ୍ବତର ଦଲାଇଲାମା, ମ୍ୟାନ୍‌ମାରର ଅଙ୍ଗସାନ୍ ସୁ'କି, ଦକ୍ଷିଣ ଆଫ୍ରିକାର ନେଲସନ୍ ମଣ୍ଡେଲା ଏବଂ ଆର୍ଜେଣ୍ଟିନାର ଆଡ୍ରୋଲଫୋ ପ୍ରେଜ ଏସ୍ କ୍ୟୁଇଭେଲ ପ୍ରମୁଖ ମୁକ୍ତକଣ୍ଠରେ ସ୍ୱୀକାର କରିଛନ୍ତି ଯେ, ସେମାନେ ସମସ୍ତେ ଗାନ୍ଧିଜୀଙ୍କ ଆଦର୍ଶ ଓ ଦର୍ଶନରେ ପ୍ରଭାବିତ ହୋଇଥିଲେ।

ନିଜ ମୃତ୍ୟୁର ଦୁଇଦିନ ପୂର୍ବରୁ ଗାନ୍ଧିଜୀ ଉଲ୍ଲେଖ କରିଥିଲେ– ''If I am to die by the bullet of a mad man, I must do so smiling. God must be in my heart and on my lips. And if anything happens, you are not to shed a single tear.'' ମହାତ୍ମାଙ୍କର ଏହି ଭାବନା ସତ୍ୟରେ ପରିଣତ ହେଲା। ସତ୍ୟ ଓ ଅହିଂସାର ପୂଜାରୀ ଗାନ୍ଧିଜୀ ହିଂସାର ଶିକାର ହେଲେ। ମରଶରୀରରୁ ପ୍ରାଣପକ୍ଷୀ ଉଡ଼ିଯିବା ବେଳେ ମହାତ୍ମାଙ୍କ ଓଠରୁ ଝରିପଡ଼ିଲା ତାଙ୍କ ହୃଦୟର ଭାଷା 'ହେ ରାମ'।

ଖଣ୍ଡପଡ଼ା, ନୟାଗଡ଼, ମୋ: ୯୯୩୭୭୩୩୪୮୦୦

## ଏଇ ଭାରତରେ

ଦେଶରେ ସାମ୍ପ୍ରଦାୟିକ ଭେଦଭାବ ଜାରି ରହିଥିବା ବେଳେ ଉତ୍ତରପ୍ରଦେଶର ଗାଜିଆବାଦ୍ ଅନ୍ତର୍ଗତ ବାଗପତ୍‌ରେ ଜଣେ ମୁସଲମାନ କନ୍ୟାଙ୍କ ବିବାହ କରାଇଛନ୍ତି ହିନ୍ଦୁ ସମ୍ପ୍ରଦାୟର ଲୋକେ। ଉକ୍ତ ବାହାଘର ଆଡମ୍ବର ସହକାରେ ଅନୁଷ୍ଠିତ ହୋଇଥିଲା। କନ୍ୟାଦାନ କରିଥିଲେ ଏକ ବ୍ରାହ୍ମଣ ଦମ୍ପତି। କନ୍ୟା ଗୁଲ୍‌ଫସାଙ୍କ ବାପା ୨୮ବର୍ଷ ହେଲା ନିଖୋଜ। ବିବାହ ବୟସ ହେବାରୁ ଉକ୍ତ କନ୍ୟାର ବାହାଘର ପ୍ରସ୍ତାବ ଅବଦୁଲ୍ଲାପୁରା ଗ୍ରାମର ବାବୁ ଖାଁଙ୍କ ସହିତ ପଡିଥିଲା। ତେବେ ଏଥିପାଇଁ ଅର୍ଥ ଆସିବ କେଉଁଠୁ? ଏହି ଚିନ୍ତାରେ କନ୍ୟା ଓ ତାଙ୍କ ପରିବାର ସଦସ୍ୟଙ୍କ ମୁଣ୍ଡ ଘୂରିଯାଇଥିଲା। ପରିବାରର ଦୁଃସ୍ଥିତି ଜାଣିବା ପରେ ସହାୟତାର ହାତ ବଢ଼ାଇଥିଲେ ଗାଁର ହିନ୍ଦୁ ସମାଜ। ହିନ୍ଦୁ ଲୋକଙ୍କ ଉଦ୍ୟମରେ ଲକ୍ଷାଧିକ ଟଙ୍କା ସଂଗ୍ରହ କରାଯାଇ ବିବାହ ଆଡ଼ମ୍ବର ସହକାରେ ସମ୍ପନ୍ନ କରାଯାଇଥିଲା। ବାହାଘର ବେଳେ କନ୍ୟାଦାନ କରିଥିଲେ ବ୍ରାହ୍ମଣ ଦମ୍ପତି କାନ୍ତା ଦେବୀ ଏବଂ ଗଙ୍ଗେଶ୍ୱର ଶର୍ମା। ଆମ ଦେଶରେ ବିଭିନ୍ନ ଧର୍ମ ଓ ଜାତିକୁ ନେଇ ବେଳେବେଳେ ଅସହିଷ୍ଣୁ ଭାବ ମୁଣ୍ଡ ଟେକି ଅଶାନ୍ତି ଓ ଅସ୍ଥିରତା ସୃଷ୍ଟି ହେଉଥିବା ବେଳେ ଏଭଳି ଏକ ନିଆରା ବାହାଘର ସମସ୍ତଙ୍କ ପାଇଁ ଆଦର୍ଶ ନିଶ୍ଚୟ।

## ଚିରନ୍ତନୀ

ହେ ଦେବତା ! ଏ ଜୀବନେ
ପଡ଼େ ଯେତେ ବେଦନାର ଦାଗ,
କିଏଁ ବରି ଅକାତରେ
ମଣି ତାହା ତବ ଅନୁରାଗ।

(ଆସ୍ତିକର ଆକୁତି)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

**୩୦ ଜାନୁୟାରୀ ୧୯୯୪**

- ଇଣ୍ଡିଆନ ଏୟାରଲାଇନ୍ସ ଓ ଏୟାର ଇଣ୍ଡିଆକୁ ପବ୍ଲିକ ଲିମିଟେଡ କମ୍ପାନୀରେ ପରିଣତ କରିବାକୁ ରାଷ୍ଟ୍ରପତି ଶଙ୍କରଦୟାଲ ଶର୍ମା ଏକ ଅଧ୍ୟାଦେଶ ଜାରି କରିଛନ୍ତି।
- ବିଶ୍ୱର ଏକ ନମ୍ବର ମାନ୍ୟତାପ୍ରାପ୍ତ ଜର୍ମାନୀ ତାରକା ଷ୍ଟେଫି ଗ୍ରାଫ ଚତୁର୍ଥଥର ପାଇଁ ଅଷ୍ଟ୍ରେଲିଆ ଓପନ ଟେନିସ ଚାମ୍ପିୟନ।

## su|do|ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| A | | 4 | 9 | | | | | D | | | | | | 5 |
| | | 3 | | | | | | | | | 1 | | 8 | |
| D | | 9 | | | | 5 | | | | | 6 | | | 3 |
| | B | | 0 | 7 | | 9 | | | | 5 | | | | |
| | | | 8 | | E | 7 | 3 | | | | B | | D | A |
| 1 | 3 | | | | B | 0 | | | | C | | | | 6 |
| | | | 2 | | 4 | | | | 0 | | | | | |
| 5 | A | | 1 | 0 | | 3 | | | | 6 | 7 | | | 4 |
| | | | | | 6 | D | | | | 8 | | | 2 | C |
| 6 | | | | | | 4 | | | | E | | 5 | A | 7 |
| | 0 | | | | | | B | | 6 | | | 1 | | |
| | 1 | 2 | A | 8 | | | | | | | 5 | | E | |
| | | | | | | | | | | B | | | 3 | 9 |
| | 9 | 5 | B | D | 3 | | | 8 | | | 0 | | | |
| C | | 7 | | 9 | 1 | 2 | | | | A | | D | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 8 | A | 6 | 5 | 2 | B | D | 0 | 7 | E | C | 4 | 3 | 9 | 1 |
| 1 | 9 | 5 | D | 7 | 0 | 2 | 8 | E | B | 3 | 6 | C | 4 | A |
| 4 | 7 | 0 | 8 | 1 | 6 | 9 | C | 3 | A | 5 | D | B | 2 | E |
| 3 | D | 2 | C | A | E | 4 | 1 | B | 8 | 9 | 0 | 5 | 7 | 6 |
| C | E | B | 3 | 4 | 9 | 5 | A | 6 | 7 | 2 | 1 | 8 | D | 0 |
| 7 | 2 | 9 | 6 | B | 4 | A | 3 | C | D | 1 | 8 | 0 | E | 5 |
| 0 | 8 | D | 7 | C | A | E | 9 | 5 | 4 | B | 2 | 6 | 1 | 3 |
| A | 4 | C | 9 | 3 | 1 | 6 | 7 | 8 | 5 | 0 | E | 2 | B | D |
| 5 | 1 | 3 | E | 8 | 2 | B | D | 0 | 6 | A | 9 | 7 | C | 4 |
| B | 6 | E | 0 | D | 5 | 1 | 2 | 4 | 3 | 7 | C | 9 | A | 8 |
| 6 | 5 | A | 2 | 9 | D | C | E | 1 | 0 | 8 | 7 | 4 | 3 | B |
| 2 | B | 8 | 1 | E | 7 | 3 | 4 | A | 9 | 6 | 5 | D | 0 | C |
| D | 3 | 7 | 4 | 0 | C | 8 | 5 | 2 | 1 | E | B | A | 6 | 9 |
| E | C | 4 | B | 5 | 3 | 0 | 6 | 9 | 2 | D | A | 1 | 8 | 7 |
| 9 | 0 | 1 | A | 6 | 8 | 7 | B | D | C | 4 | 3 | E | 5 | 2 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ନାରୀ ସୁରକ୍ଷା ଆଇନ କଠୋର ହେଉ

ମହାଶୟ,

ପ୍ରାୟ ପ୍ରତିଦିନ ନାରୀ ନିର୍ଯାତନା ଖବର ଗଣମାଧ୍ୟମରେ ଦେଖିବାକୁ ଓ ପଢ଼ିବାକୁ ମିଳୁଛି। ମାତ୍ର ସରକାର କୌଣସି ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେବା ଦେଖିବାକୁ ମିଳୁନାହିଁ। ନାରୀ ନିର୍ଯାତନା ଦୂର କରିବା ପାଇଁ ବିଭିନ୍ନ ନାରାବାଜି କରି ନିର୍ବାଚନ ପୂର୍ବରୁ ରଣହୁଙ୍କାର ଦେଉଥିବା ରାଜନୈତିକ ଦଳ ନିର୍ବାଚିତ ହୋଇସାରିବା ପରେ 'ଯଥା ପୂର୍ବଂ ତଥା ପରମ୍' ନୀତିରେ ଶାସନ ଭାର ତୁଲାଇ ଆସୁଛନ୍ତି। ବଳାତ୍କାରୀମାନଙ୍କ ପାଇଁ କୌଣସି କଠୋର ଆଇନ ପ୍ରଣୟନ ହୋଇପାରୁ ନାହିଁ। ଫଳସ୍ୱରୂପ ନାରୀ ପୂର୍ବବତ୍ ନିର୍ଯାତିତା ତଥା ଅବହେଳିତା ହୋଇ ଶେଷରେ ଆତ୍ମହତ୍ୟା କରିବା ପାଇଁ ବାଧ୍ୟ ହେଉଛି। ମୋ ମତରେ ବଳାତ୍କାରୀକୁ ପୀଡ଼ିତାଙ୍କ କ୍ଷତିପୂରଣ ପାଇଁ ପର୍ଯ୍ୟାପ୍ତ ଅର୍ଥଦଣ୍ଡ, ଅଭାବରେ ଜେଲଦଣ୍ଡରେ ଦଣ୍ଡିତ କରାଯିବା ସହ ଭବିଷ୍ୟତରେ ସେ ଏପରି କାମ ଯେପରି କରି ନ ପାରିବେ, ସେଥିପାଇଁ ନପୁଂସକୀକରଣ କରାଯିବା ଉଚିତ।

ଯୁଧିଷ୍ଠିର ନାୟକ, ସିଂହବ୍ରହ୍ମପୁର, ଜଟଣୀ, ଖୋର୍ଦ୍ଧା

### ଭଲ ମଣିଷ ହେବାର ଶିକ୍ଷା

ଲୋକେ ମାତୃଭୂମି ଓ ମାତୃଭାଷା ପ୍ରତି କର୍ତ୍ତବ୍ୟ ଓ ଦାୟିତ୍ୱକୁ ଭୁଲିଯାଉଛନ୍ତି। ଭବିଷ୍ୟତରେ ବଡ଼ ମଣିଷ ହେବା ସହ ଭଲ ମଣିଷ ହେବାକୁ ଛାତ୍ରୀଛାତ୍ରମାନେ ପ୍ରୟାସ କରିବା ଉଚିତ। ଏବେ ପ୍ରଚଳିତ ପାଠ୍ୟପୁସ୍ତକରେ ସମୟର ଆବଶ୍ୟକତାକୁ ଆଧାର କରି ବିଷୟବସ୍ତୁ ସ୍ଥାନ ପାଇବା ଦରକାର। ଏଣୁ ଛାତ୍ରୀଛାତ୍ରଙ୍କ ପାଠ୍ୟପୁସ୍ତକରେ ନିମ୍ନୋକ୍ତ ବିଷୟବସ୍ତୁ ସାମିଲ ହେଲେ ସେମାନେ ଭବିଷ୍ୟତରେ ସୁନାଗରିକ ହେବାରେ ଯଥେଷ୍ଟ ସହାୟକ ହୋଇପାରିବ, ଯଥା– ସଡ଼କ ସୁରକ୍ଷା, ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ, ମହାପୁରୁଷଙ୍କ ଜୀବନୀ ଓ ବାଣୀ, ପରିବେଶ ସୁରକ୍ଷା, ଯୋଗ, ଆଧ୍ୟାତ୍ମିକ, ସ୍ୱାସ୍ଥ୍ୟ ଓ ସଦାଚାର ଶିକ୍ଷା, ଜୈବିକ ଚାଷ, ଜଳ ଓ ଶକ୍ତି ସଂରକ୍ଷଣ ଇତ୍ୟାଦି।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ସ୍ଥପତି କୁଞ୍ଜବିହାରୀ ମହାପାତ୍ରଙ୍କ ପରଲୋକ



**କଟକ ଅଫିସ,୨୯।୧:** ଓଡ଼ିଶାର ସୁନାମଧନ୍ୟ ସ୍ଥପତି କୁଞ୍ଜବିହାରୀ ମହାପାତ୍ରଙ୍କର ମଙ୍ଗଳବାର ଭୋର ସମୟରେ କଟକ ବାଦାମବାଡ଼ିସ୍ଥିତ ତାଙ୍କ ବାସଭବନରେ ହୃଦ୍‌ଘାତରେ ପରଲୋକ ଘଟିଛି। ରାଜ୍ୟରେ ସ୍ଥପତି ପାଠ୍ୟକ୍ରମ କ୍ଷେତ୍ରରେ କୁଞ୍ଜବିହାରୀଙ୍କୁ ଭୀଷ୍ମ ପିତାମହ ବୋଲି ବିଚାର କରାଯାଏ। ଏବିଆଇଟି ପିଏମ୍‌ସିଏ ଗ୍ରୁପ ଅଫ ଇନଷ୍ଟିଚ୍ୟୁଟର ପ୍ରତିଷ୍ଠାତା ନିର୍ଦ୍ଦେଶକ ସହ ନୂଆଦିଲ୍ଲୀସ୍ଥିତ କାଉନସିଲ ଅଫ ଆର୍କିଟେକ୍‌ଚର କେନ୍ଦ୍ରର ସଭାପତି ଭଳି ମର୍ଯ୍ୟାଦାଜନକ ପଦବୀରେ ସେ ଅଧିଷ୍ଠିତ ଥିଲେ। ଏପରି କି ଓଡ଼ିଶା ଚାମ୍ବର ଅଫ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିଜର ଆଜୀବନ ସଦସ୍ୟ ମଧ୍ୟ ଥିଲେ। ସାଧାରଣ ଜୀବନରେ ସେ ଜଣେ ଅମାୟିକ ବ୍ୟକ୍ତିଭାବେ ଲୋକଙ୍କ ନିକଟରେ ପରିଚିତ ଥିଲେ। ୧୯୪୦ ଜୁଲାଇ ୨୪ ତାରିଖରେ କେନ୍ଦ୍ରାପଡ଼ାର ଗୋପୀନାଥପୁର ଶାସନରେ ଜନ୍ମିତ କୁଞ୍ଜବିହାରୀ କଟକରେ ରହୁଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ଝିଅ ପ୍ରିୟା ଓ ପାୟଲ, ଜ୍ୱାଇଁ ଇଂ. ସତ୍ୟଦର୍ଶୀ ମିଶ୍ରଙ୍କ ସମେତ ନାତୁଣୀ, ନାତି ଓ ପରିବାରବର୍ଗ ଉପସ୍ଥିତ ଥିଲେ। ମୃତ୍ୟୁ ଖବର ପାଇ ଓଡ଼ିଶା ବେସରକାରୀ ଇଞ୍ଜିନିୟରିଂ କଲେଜ ଆସୋସିଏଶନ ସମ୍ପାଦକ ବିନୋଦ ଦାସ, ଆଇନଜୀବୀ ବୁଦ୍ଧଦେବ ରାଉତରାୟ, ବିଜନ ରାୟ, ଶିକ୍ଷାବିତ୍ ପ୍ରଭାତ ମିଶ୍ରଙ୍କ ସମେତ ଅନେକ ପ୍ରତିଷ୍ଠିତ ଇଞ୍ଜିନିୟରିଂ କଲେଜର ବରିଷ୍ଠ ସଦସ୍ୟମାନେ ତାଙ୍କ ବାସଭବନରେ ପହଞ୍ଚି ଶୋକସନ୍ତପ୍ତ ପରିବାରକୁ ସାନ୍ତ୍ୱନା ଜଣାଇଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

## ଚିନ୍ତା ବଢ଼ାଇଲା ହାତୀମୃତ୍ୟୁ

# ହାତୀ କରିଡରରେ ବିଦ୍ୟୁତ୍ ଭିତ୍ତିଭୂମିର ବିକାଶ ହେବ

- ପଞ୍ଚଦଶ ଅର୍ଥ କମିଶନଙ୍କୁ ରିପୋର୍ଟ ପ୍ରଦାନ
- ୧୯୦୦ କୋଟିର ପ୍ରସ୍ତାବ ରଖିଲା ଶକ୍ତି ବିଭାଗ
- ଉପକୂଳ ବିଦ୍ୟୁତ୍ କ୍ଷେତ୍ର ପାଇଁ ୭୭୩୬ କୋଟିର ପ୍ରସ୍ତାବ



**ଭୁବନେଶ୍ୱର, ୨୯।୧(ବ୍ୟୁରୋ)**

ହାତୀ କରିଡ଼ର ଦେଇ ଯାଇଛି ବିଦ୍ୟୁତ୍ ତାର। କମ୍ ଉଚ୍ଚତା, ପୁରୁଣା ତାର ଓ ଖୋଲାରେ ରହିଥିବା ବିଦ୍ୟୁତ୍ କଣ୍ଡକ୍ଟର ହାତୀଙ୍କ ପାଇଁ ବିପଦ ସାଜିଛି। ଅନେକ ସମୟରେ ବିଦ୍ୟୁତ୍ ଆଘାତରେ ହାତୀମାନଙ୍କର ମୃତ୍ୟୁ ଘଟୁଥିବାରୁ ଏହା ସରକାରଙ୍କ ପାଇଁ ଚିନ୍ତା ବଢ଼ାଇ ଦେଇଛି। ନିକଟ ଅତୀତରେ ଘଟିଥିବା ଏକାଧିକ ହାତୀମୃତ୍ୟୁ ଘଟଣା ସରକାରଙ୍କୁ ଅଡୁଆରେ ପକାଇବା ପରେ ଚେତାପଶିଛି। ହାତୀ କରିଡ଼ର ଓ ହାତୀ ଚଳାଚଳ କରୁଥିବା ଅଞ୍ଚଳରେ ବିଦ୍ୟୁତ୍ ଭିତ୍ତିଭୂମିର ବିକାଶ ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ରାଜ୍ୟ ସରକାର ୧୯୦୦ କୋଟି ଟଙ୍କାରୁ ଅଧିକ ଅର୍ଥ ବ୍ୟୟଲାଗି ଏକ ମାଷ୍ଟରପ୍ଲାନ ପ୍ରସ୍ତୁତ କରିଛନ୍ତି। ଶକ୍ତି ବିଭାଗ ପକ୍ଷରୁ ଏ ସଂକ୍ରାନ୍ତ ଏକ ରିପୋର୍ଟ ପଞ୍ଚଦଶ ଅର୍ଥ କମିଶନଙ୍କୁ ପ୍ରଦାନ କରିଛନ୍ତି।

ମିଳିଥିବା ସୂଚନାନୁସାରେ, ରାଜ୍ୟର ବିଭିନ୍ନ ହାତୀ କରିଡ଼ର ଅଞ୍ଚଳରେ ପ୍ରାୟ ସମସ୍ତ ବିଦ୍ୟୁତ୍ ବଣ୍ଟନକାରୀ ସଂସ୍ଥା ସେବା ପ୍ରଦାନ କରି ଆସୁଛନ୍ତି। ତେଣୁ ହାତୀ ମୃତ୍ୟୁ ଏଡାଇବାକୁ ବିଦ୍ୟୁତ୍ କ୍ଷେତ୍ରର ଭିତ୍ତିଭୂମି ବିକାଶ ପାଇଁ ସେସୁ, ନେସ୍କୋ, ୱେସ୍କୋ ଓ ସାଉଥ୍‌କୋ ପକ୍ଷରୁ ବିସ୍ତୃତ ରିପୋର୍ଟ ପ୍ରସ୍ତୁତ କରାଯାଇ ସରକାରଙ୍କୁ ପ୍ରଦାନ କରାଯାଇଥିଲା। ନିକଟରେ ପଞ୍ଚଦଶ ଅର୍ଥ କମିଶନ ଓଡ଼ିଶା ଗସ୍ତରେ ଆସିଥିବାବେଳେ ଶକ୍ତିବିଭାଗ ଏ ସଂକ୍ରାନ୍ତରେ କେତେକ ପ୍ରସ୍ତାବ ରଖିବା ସହ କମିଶନଙ୍କୁ ଉକ୍ତ ରିପୋର୍ଟ ପ୍ରଦାନ କରିଥିଲା। ଉକ୍ତ ରିପୋର୍ଟରେ ମୋଟ ୧୯୦୫ କୋଟି ଟଙ୍କାର ବ୍ୟବବରାଦ ପ୍ରସ୍ତାବ ରହିଛି। ଏଥିରେ ହାତୀ କରିଡ଼ରରେ ଖୋଲାରେ ରହିଥିବା ବିଦ୍ୟୁତ୍ କଣ୍ଡକ୍ଟର ବଦଳରେ କଭର ଥିବା କଣ୍ଡକ୍ଟର ଲଗାଯିବ। କୌଣସି ସମୟରେ ବିଦ୍ୟୁତ୍‌ଜନିତ ଦୁର୍ଘଟଣା ଘଟିଲେ ଯେପରି ତୁରନ୍ତ ସରବରାହ ବିଚ୍ଛିନ୍ନ ହେବ ତାହାର ବ୍ୟବସ୍ଥା କରାଯିବ। ବର୍ତ୍ତମାନ ଥିବା ସମସ୍ତ ଲାଇନ୍‌କୁ ୩୩ କେ.ଭି.ରେ ପରିଣତ କରାଯିବା ସହିତ ତାରକୁ ସୁଉଚ୍ଚ ବିଦ୍ୟୁତ୍ ଖୁଣ୍ଟରେ ଟଣାଯିବ। କଳଙ୍କି ନ ଲାଗିବା ପାଇଁ ଇସ୍ପାତ ବିଦ୍ୟୁତ୍ ଖୁଣ୍ଟ ବ୍ୟବହାର କରାଯିବାକୁ ପ୍ରସ୍ତାବ ଦିଆଯାଇଛି। ଏସବୁ ପଦକ୍ଷେପ ପରେ ହାତୀ ଓ ଅନ୍ୟ ବନ୍ୟପ୍ରାଣୀଙ୍କ ଚଳାଚଳ ସୁରକ୍ଷିତ ହୋଇପାରିବ ବୋଲି ହାତୀ କରିଡରରେ କାର୍ଯ୍ୟରତ ଯନ୍ତ୍ରୀମାନେ ମତପ୍ରକାଶ କରିଛନ୍ତି। ଏହି ପ୍ରସ୍ତବ ଉପରେ ପଞ୍ଚଦଶ ଅର୍ଥ କମିଶନ ସକାରାତ୍ମକ ଆଭିମୁଖ୍ୟ ପୋଷଣ କରିଥିବା ସେମାନେ କହିଛନ୍ତି।

ଅନ୍ୟପକ୍ଷରେ ପୂର୍ବରୁ ଉପକୂଳ ଓଡିଶାରେ ବାତ୍ୟା ସହନଶୀଳ ବିଦ୍ୟୁତ୍ ଭିତ୍ତିଭୂମି ପ୍ରତିଷ୍ଠା ଲାଗି ପଞ୍ଚଦଶ ଅର୍ଥ କମିଶନଙ୍କୁ ୭୭୩୬ କୋଟି ଟଙ୍କାର ଏକ ପ୍ରସ୍ତାବ ଦିଆଯାଇଛି। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଦୀର୍ଘ ୪୮୫ କିଲୋମିଟର ଓଡ଼ିଶା ଉପକୂଳରେ ବିଦ୍ୟୁତ୍ ଭିତ୍ତିଭୂମି ଦୃଢ଼ ହୋଇପାରିବ। ସମୁଦ୍ର କୂଳଠାରୁ ସ୍ଥଳଭାଗର ୫୦ କିମି ମଧ୍ୟରେ ରହିଥିବା ବିଦ୍ୟୁତ୍ କ୍ଷେତ୍ରର ବିକାଶ ହେବ। ଉଭୟ ବାତ୍ୟା ସହନଶୀଳ ଓ ହାତୀ କରିଡର ବିଦ୍ୟୁତ୍ ଭିତ୍ତିଭୂମିର ବିକାଶ ପାଇଁ ମୋଟ୍ ୯୬୪୧ କୋଟି ଟଙ୍କାର ପ୍ରସ୍ତାବ ଦିଆଯାଇଥିବା ସୂଚନା ମିଳିଛି।

# ବସ୍ ପୋଡ଼ିଲେ, ଡ୍ରାଇଭରଙ୍କୁ ନିସ୍ତୁକ ପିଟିଲେ

### ମୁଣ୍ଡାଗୁଡ଼ାରେ ମାତିଲେ ମାଓବାଦୀ



ପୋଡ଼ି ଦିଆଯାଇଥିବା ବସ୍।

- ପ୍ରତିବାଦ ସପ୍ତାହବେଳେ ହିଂସା
- ସୀମାନ୍ତ ରେଳଧାରଣାରେ ବିସ୍ଫୋରଣ

**ମାଥିଲି/ମାଲକାନଗିରି,୨୯।୧(ସ୍ୱ.ପ୍ର./ଡି.ଏନ୍.ଏ.)**

ମାଓବାଦୀଙ୍କ ପ୍ରତିବାଦ ସପ୍ତାହ ଚାଲିଥିବା ବେଳେ ମାଲକାନଗିରି ଜିଲା ମାଥିଲି ଥାନା ଅଞ୍ଚଳରେ ହିଂସା ଘଟାଇଛନ୍ତି ମାଓବାଦୀ। କମାରପାଲି ପଞ୍ଚାୟତ ଅଧୀନ ମୁଣ୍ଡାଗୁଡ଼ାରେ ସୋମବାର ବିଳମ୍ବିତ ରାତିରେ ସେମାନେ ଏକ ବସ୍ ପୋଡ଼ିବା ସହ ଡ୍ରାଇଭରଙ୍କୁ ନିସ୍ତୁକ ମାଡ଼ ମାରିଛନ୍ତ। ସେହିପରି ସୀମାନ୍ତ ଛତିଶଗଡ଼ରେ ମଧ୍ୟ ରେଳଧାରଣାରେ ବିସ୍ଫୋରଣ କରିଛନ୍ତି।

ପ୍ରକାଶ ଯେ, ଜାନୟାରୀ ୨୫ ରୁ ୩୧ ଯାଏ ମାଓବାଦୀମାନେ ପ୍ରତିବାଦ ସପ୍ତାହ ପାଳନ କରୁଛନ୍ତି। ମାଥିଲିରୁ କମାରପାଲି ଯାଉଥିବା ଏକ ଘରୋଇ ବସ୍ (ସିଜି-୨୧ଏଚ୍-୦୯୧୭) ମୁଣ୍ଡାଗୁଡ଼ା ଗାଁ ଦାଣ୍ଡରେ ରହିଥିଲା। ସୋମବାର ବିଳମ୍ବିତ ରାତିରେ ମାଓବାଦୀମାନେ ବସ୍ ଭିତରେ ଶୋଇଥିବା ଡ୍ରାଇଭରଙ୍କୁ ଉଠାଇ ବାହାରକୁ ଆଣିବା ପରେ 'ବନ୍ଦ ଡାକରା ସତ୍ତ୍ୱେ କାହିଁକି ବସ୍ ଚଳାଉଛ' କହି ତାଙ୍କୁ ନିସ୍ତୁକ ପିଟିଥିଲେ। ଏହା ଦେଖି ଅନ୍ୟ ବସ କର୍ମଚାରୀ ସେଠାରୁ ଚମ୍ପଟ ମାରିଥିଲେ। ପରେ ମାଓବାଦୀମାନେ ଡିଜେଲ ପକାଇ ବସ୍‌ଟିକୁ ପୋଡ଼ି ଦେଇଥିଲେ। ବସ୍ ମାଲିକ ଏନେଇ କୌଣସି ଅଭିଯୋଗ କରିନାହାନ୍ତି। ତେବେ ଏନେଇ ଏକ ମାମଲା ରୁଜୁ କରାଯିବ ବୋଲି ମାଥିଲି ଥାନା ଭାରପ୍ରାପ୍ତ ନିରୀକ୍ଷକ ଜନ୍ କୁଜୁର କହିଛନ୍ତି। ଘଟଣା ପରେ ବିଏସ୍‌ଏଫ୍ କୋମ୍ବିଂ ଜୋରଦାର କରିଛି। ସେହିପରି ସୀମାନ୍ତ ଛତିଶଗଡ଼ର ଦାନ୍ତେୱାଡ଼ା ଜିଲା ଭାସି ଷ୍ଟେଶନ ନିକଟରେ ସୋମବାର ଏମ୍.ଜି.ପି.ଭି. ୧୩/୧ ଡାଉନ୍ ମାଲଗାଡ଼ି ପହଞ୍ଚିବା ପରେ ମାଓବାଦୀମାନେ ତାହାକୁ ଅଟକାଇ ଥିଲେ। ପରେ ଗାର୍ଡଙ୍କ ହାତଗୋଡ଼ ବାନ୍ଧି ତାଙ୍କଠାରୁ ୱାକିଟକି ଲୁଟିନେଇ ଟ୍ରେନରେ ବ୍ୟାନର ଓ ପୋଷ୍ଟର ପକାଇଥିଲେ। କେନ୍ଦ୍ର ସରକାରଙ୍କ ଅପରେଶନ ସମାଧାନକୁ ବନ୍ଦ କରିବା ପାଇଁ ସେହି ବ୍ୟାନରରେ ଦର୍ଶାଯାଇଛି।

## ଅପରେଶନ ସମାଧାନକୁ ବିରୋଧ

# ବିଜୁ ଗାଁ ଗାଡ଼ିରେ ପୋଷ୍ଟର ଲଗାଇଲେ ମାଓବାଦୀ



ବିଜୁ ଗାଁ ଗାଡ଼ି ଏକ୍ସପ୍ରେସ ବସ୍‌ରେ ଲଗାଯାଇଥିବା ମାଓବାଦୀ ବ୍ୟାନର।

### ଜାନୁୟାରୀ ୩୧ ଭାରତ ବନ୍ଦ ଡାକରା

**ନୂଆପଡା ଅଫିସ,୨୯।୧**

ନିରୀହ ଜନସାଧାରଣ ଏବଂ କ୍ରାନ୍ତିକାରୀ ଆନ୍ଦୋଳନ ବିରୋଧରେ ରାଜ୍ୟ ଏବଂ କେନ୍ଦ୍ର ସରକାର ଆରମ୍ଭ କରିଥିବା ଅପରେଶନ ସମାଧାନକୁ ମାଓବାଦୀ ସଙ୍ଗଠନ ତୀବ୍ର ବିରୋଧ କରୁଛି । ଏହାକୁ ସମର୍ଥନ କରିବା ସହ ଆସନ୍ତା ୩୧ ତାରିଖ ଭାରତ ବନ୍ଦରେ ସାମିଲ ହେବାକୁ ପୋଷ୍ଟର ମାଧ୍ୟମରେ ମାଓବାଦୀ ଓଡିଶା ରାଜ୍ୟ କମିଟି ଆହ୍ୱାନ କରିଛି । ମଙ୍ଗଳବାର ନୂଆପଡ଼ା ଜିଲା ବୋଡେନ ବ୍ଲକ ଭଇଁଷାଦାନୀ ଗ୍ରାମପଞ୍ଚାୟତରୁ ଚାଲୁଥିବା ବିଜୁ ଗାଁ ଗାଡି ଏକ୍ସପ୍ରେସ ବସରେ ମାଓବାଦୀମାନେ ପୋଷ୍ଟର ମାରି ଏହି ବାର୍ତ୍ତା ଦେଇଛନ୍ତି ।

ସୂଚନାଯୋଗ୍ୟ, ବୋଡେନ ବ୍ଲକ ଭଇଁଷାଦାନୀଠାରୁ ଖରିଆରରୋଡକୁ ଚାଲୁଥିବା ବିଜୁ ଗାଁ ଗାଡି ଏକ୍ସପ୍ରେସ ବସ ଭଇଁଷାଦାନୀ ଗାଁ ସ୍କୁଲ ନିକଟରେ ରାତିରେ ରହିଥାଏ । ସବୁଦିନଭଳି ସୋମବାର ରାତିରେ ବସ ପହଞ୍ଚିବା ପରେ ହେଲପର ଓ ଡ୍ରାଇଭର ଗାଡି ସେଠାରୁ ରଖି ବସ୍ତିକୁ ଚାଲିଯାଇଥିଲେ । ରାତି ୯ରୁ ୧୦ଟା ମଧ୍ୟରେ ୭ରୁ ୮ଜଣ ସଶସ୍ତ୍ର ମାଓବାଦୀ ଆସି ଗାଡିରେ ପୋଷ୍ଟର ମାରିଥିଲେ । ବସର ଚତୁଃପାର୍ଶ୍ୱରେ ବିଭିନ୍ନ ରଙ୍ଗର କାଳିରେ ଲେଖିଥିଲେ। ଏଥିରେ ଅପରେଶନ ସମାଧାନକୁ ବିରୋଧ, ଫାସିବାଦ, ସହରୀ ମାଓବାଦୀ ଆରୋପକୁ ବିରୋଧ କରିବା ସହ ୩୧ ଜାନୁୟାରୀ ଭାରତ ବନ୍ଦକୁ ସମର୍ଥନ କରିବାକୁ ଉକ୍ତ ପୋଷ୍ଟରେ ଉଲ୍ଲେଖ ରହିଛି । ଏସବୁକୁ ପୋଷ୍ଟରକୁ ନ ଖୋଲିବାକୁ ମାଓବାଦୀମାନେ ବସ କର୍ମଚାରୀଙ୍କୁ ତାଗିଦ କରିଥିଲେ । ବସ ସେଠାରୁ ବାହାରି ବୋଡେନରେ ପହଞ୍ଚିଥିଲା । ସେଠାରେ ଥାନା ତରଫରୁ ବସ୍ ଅଟକାଇ ପୋଷ୍ଟର ସବୁ କାଢିଦେବା ସହ ସ୍ଲୋଗାନଗୁଡିକୁ ଲିଭାଇ ଦିଆଯାଇଥିଲା। ଏହି ଖବର ପ୍ରଚାରିତ ହେବା ପରେ ଅଞ୍ଚଳରେ ଆଲୋଡନ ସୃଷ୍ଟି ହୋଇଛି । ସୂଚନାଯୋଗ୍ୟ, ଆଜକୁ ୩ ବର୍ଷ ହେବ ମାଓବାଦୀ ପ୍ରବଣ ଅଞ୍ଚଳକୁ ଜିଲା ମୁଖ୍ୟାଳୟ ସହ ସଂଯୋଗ କରିବାକୁ ସରକାର ବିଜୁ ଗାଁ ଗାଡି ଯୋଜନାରେ ଏକ୍ସପ୍ରେସ ବସ ସେବା ଆରମ୍ଭ କରିଥିଲେ । ଏହି ବସ ସକାଳ ସାଢେ ୬ଟାରୁ ଭଇଁଷାଦାନୀରୁ ବାହାରି ପୂର୍ବାହ୍ନ ୧୧ଟା ୧୫ ମିନିଟରେ ଖରିଆରରୋଡରେ ପହଞ୍ଚିଥାଏ । ସେହିଭଳି ଜିଲାର ବିଭିନ୍ନ ଦୁର୍ଗମ ଅପହଞ୍ଚ ଇଲାକାକୁ ମୋଟ ୬ଟି ବସ ଚାଲିଥାଏ ।






## ସଂକ୍ଷେପରେ

### କୋରାପୁଟ : କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ କୁଳପତିଙ୍କ ଇସ୍ତଫା

**ଭୁବନେଶ୍ୱର,୨୯।୧(ବ୍ୟୁରୋ):** କୋରାପୁଟସ୍ଥିତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୁଳପତି ଥିବା ପ୍ରଫେସର ସଚ୍ଚିଦାନନ୍ଦ ମହାନ୍ତି ନିଜ ପଦରୁ ଇସ୍ତଫା ଦେଇଛନ୍ତି। ସେ ନିଜ ଇସ୍ତଫାପତ୍ର କେନ୍ଦ୍ର ମାନବ ସମ୍ବଳ ମନ୍ତ୍ରଣାଳୟକୁ ପଠାଇଛନ୍ତି। ଏହାର ଅନୁମୋଦନ ପାଇଁ ଏହି ପତ୍ର ରାଷ୍ଟ୍ରପତି ଭବନକୁ ପଠାଯାଇଥିବା ସୂତ୍ରରୁ ପ୍ରକାଶ। ସଚ୍ଚିଦାନନ୍ଦଙ୍କୁ ୫ ବର୍ଷ ପାଇଁ କୁଳପତି ପଦରେ ନିଯୁକ୍ତ କରାଯାଇଥିଲା। ହେଲେ କାର୍ଯ୍ୟକାଳ ସରିବାର ୨ ବର୍ଷ ପୂର୍ବରୁ ତାଙ୍କ ଇସ୍ତଫା ଆଲୋଚ୍ୟ ବିଷୟ ହୋଇଛି। ନିଜ କାର୍ଯ୍ୟକାଳ ମଧ୍ୟରେ ସଚ୍ଚିଦାନନ୍ଦ ବିବାଦୀୟ ହୋଇପଡିଥିଲେ। ତାଙ୍କ ବିରୋଧରେ ଅତୀତରେ ଛାତ୍ର ଅସନ୍ତୋଷ ମଧ୍ୟ ଦେଖା ଦେଇଥିଲା। ବ୍ୟକ୍ତିଗତ ସମସ୍ୟା କାରଣରୁ ସେ ଇସ୍ତଫା ଦେଇଥିବା ଜଣାପଡିଛି।

## ଗ୍ରାମାଞ୍ଚଳରେ ଡାକ୍ତରଖାନା ନିର୍ମାଣ ପାଇଁ ମାଗଣାରେ ଜମି ଯୋଗାଇବେ ସରକାର

### ସଚିବାଳୟ ଡିଇଓ ହେବେ ଅଫିସର

**ଭୁବନେଶ୍ୱର,୨୯।୧(ବ୍ୟୁରୋ):** ରାଜ୍ୟ ସରକାର ଗ୍ରାମାଞ୍ଚଳରେ ସରକାରୀ-ଘରୋଇ ଭାଗୀଦାରି(ପିପିପି) ମୋଡରେ ଡାକ୍ତରଖାନା ନିର୍ମାଣ କରିବାକୁ ଉଦ୍ୟମ ଆରମ୍ଭ କରିଛନ୍ତି। ସେଥିପାଇଁ ରାଜ୍ୟର ୨୫ଟି ସ୍ଥାନ ନିରୂପଣ କରାଯାଇଛି। ଡାକ୍ତରଖାନା କରିବା ପାଇଁ ୩୨ ବର୍ଷ ପର୍ଯ୍ୟନ୍ତ ଜମିକୁ ସବ୍ ଲିଜ ଦିଆଯିବ। ରାଜସ୍ୱ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ କ୍ୟାବିନେଟ ମଞ୍ଜୁର କରିଛି। ଜମି ଯୋଗାଣ ନିମନ୍ତେ ଘରୋଇ ଭାଗୀଦାରିମାନଙ୍କୁ ପ୍ରଚଳିତ ଶିଳ୍ପ ନୀତି-୨୦୧୫ ଅନୁଯାୟୀ ବାର୍ଷିକ ୧ ପ୍ରତିଶତ ହିସାବରେ ଖଜଣା ଓ ଜଳକର ବାବଦରେ ବାର୍ଷିକ ୭୫ ପ୍ରତିଶତ ସେସ ରାଜ୍ୟ ସରକାରଙ୍କୁ ବହନ କରିବାକୁ ପଡିବ। ଗ୍ରାମାଞ୍ଚଳରେ ଅଧିକ ଡାକ୍ତରଖାନା ଖୋଲିବା ପାଇଁ ସରକାର ଏଭଳି ଯୋଜନା କରିଛନ୍ତି ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି। ଏହି ପ୍ରସ୍ତାବକୁ ମଙ୍ଗଳବାର ରାଜ୍ୟ କ୍ୟାବିନେଟ ଅନୁମୋଦନ କରିଛି। ସଚିବାଳୟରେ କାର୍ଯ୍ୟରତ ଡାଟା ଏଣ୍ଟ୍ରି ଅପରେଟର(ଡିଇଓ) ହେବେ ଅଫିସର। ଓଡିଶା ସଚିବାଳୟ ଡାଟା ଏଣ୍ଟ୍ରି ଅପରେଟର(ଚୟନ ଓ ଚାକିରି ସର୍ତ୍ତାବଳୀ)ନିୟମ-୨୦୦୮କୁ ସଂଶୋଧନ କରାଯିବ। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ କ୍ୟାବିନେଟ ମଞ୍ଜୁର କରିଛି।

## ୪ ସାହସୀ ଓଡ଼ିଆ ପିଲାଙ୍କୁ ଏକ ଲକ୍ଷ ଟଙ୍କା ଲେଖାଏ ପୁରସ୍କାର

**ଭୁବନେଶ୍ୱର,୨୯।୧(ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୧୮ ପାଇଁ ସାହସିକତା ପୁରସ୍କାର ପାଇଥିବା ୪ ଓଡ଼ିଆ ବାଳିକାବାଳକଙ୍କୁ ଏକ ଲକ୍ଷ ଟଙ୍କା ଲେଖାଏ ପୁରସ୍କାର ପ୍ରଦାନ କରିଛନ୍ତି। ସେମାନେ ହେଲେ କୁମାରୀ ଝିଲୀ ବାଗ୍, ମାଷ୍ଟର ବିଶ୍ୱଜିତ ପୁହାଣ, କୁମାରୀ ରଞ୍ଜିତା ମାଝି ଏବଂ ମାଷ୍ଟର ସିତୁ ମଲିକ। ମୁଖ୍ୟମନ୍ତ୍ରୀ ପୁରସ୍କାର ରାଶି ସହ ସମସ୍ତଙ୍କୁ ଉପହାର ମଧ୍ୟ ପ୍ରଦାନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ମହିଳା ଓ ଶିଶୁ କଲ୍ୟାଣ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ଉପସ୍ଥିତ ଥିଲେ।



## ଦଳୀୟ କର୍ମୀଙ୍କୁ ଉତ୍ସାହିତ କରିବା ପାଇଁ ଶାହଙ୍କ ବକ୍ତବ୍ୟ ଉଦ୍ଦିଷ୍ଟ

### ରୋଚକ ମନ୍ତବ୍ୟ ରଖିଲେ କଂଗ୍ରେସ ପ୍ରଚାର କମିଟି ସଦସ୍ୟ

**ଭୁବନେଶ୍ୱର,୨୯।୧(ବ୍ୟୁରୋ)**

ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ ମଙ୍ଗଳବାର ଦିନିକିଆ ଓଡ଼ିଶା ଗସ୍ତରେ ଆସି ରାଜ୍ୟ ସରକାରଙ୍କୁ କଡା ସମାଲୋଚନା କରିଛନ୍ତି। କଟକ ଜିଲା ସାଲେପୁରଠାରେ ଏକ ସାଧାରଣ ସଭାରେ ଉଦ୍‌ବୋଧନ ଦେଇ ଓଡ଼ିଆ କହୁଥିବା ବ୍ୟକ୍ତିଙ୍କୁ ମୁଖ୍ୟମନ୍ତ୍ରୀ ଭାବେ ନିର୍ବାଚିତ କରିବାକୁ କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପୂର୍ବ ୩ ସଭାରେ ଭାଜପାର ନରମ ଆଭିମୁଖ୍ୟ ଦେଖିବାକୁ ମିଳିଥିଲା। ହେଲେ ଶାହଙ୍କ ବକ୍ତବ୍ୟରେ ତାହା ଦେଖିବାକୁ ମିଳିନାହିଁ। ସେପଟେ ଶାହଙ୍କ ବକ୍ତବ୍ୟ ନେଇ ମତ ରଖିଛନ୍ତି ବିଜେଡି ଓ କଂଗ୍ରେସ।

ବିଜେଡି ପକ୍ଷରୁ ଦଳର ମୁଖପାତ୍ର ସସ୍ମିତ ପାତ୍ର କହିଛନ୍ତି, ଶାହଙ୍କ ବକ୍ତବ୍ୟ ଦଳୀୟ କର୍ମକର୍ତ୍ତାଙ୍କୁ ଉତ୍ସାହିତ କରିବ। ଆମେ ଭାବିଥିଲୁ ଶାହ ଧାନର ଏମ୍ଏସ୍‌ପି ବୃଦ୍ଧି, ରାଜ୍ୟକୁ ସ୍ୱତନ୍ତ୍ର ପାହ୍ୟା ମାନ୍ୟତା ଏବଂ ଅନୁସୂଚିତ ଜାତି(ଏସ୍‌ସି) ବର୍ଗର ଛାତ୍ରୀଛାତ୍ରଙ୍କ ସ୍କଲାରଶିପ୍ ପ୍ରସଙ୍ଗରେ ମତ ରଖିବେ। କଂଗ୍ରେସ କହୁଛି ବିଜେଡି ଭାଜପା ସହ ଅଛି, ଭାଜପା କହୁଛି ବିଜେଡି କଂଗ୍ରେସ ସହ ଅଛି। ଏହିକଥା ଏବେ ହସ ଖୁସିର ମାଧ୍ୟମ ହୋଇଛି। ପ୍ରକୃତରେ ବିଜେଡି ଓଡ଼ିଶାବାସୀଙ୍କ ସହ ରହିଛି। ରାଜ୍ୟ ସରକାର ୨୦ ଲକ୍ଷ ପକ୍କାଘର ଓ ୪୧,୦୦୦ କି.ମି. ରାସ୍ତା ନିର୍ମାଣ କରିଛନ୍ତି। ରାଜ୍ୟରେ ୨୫ ପ୍ରତିଶତ ଗରିବୀ ହ୍ରାସ ପାଇବା ସହ ୯ ଲକ୍ଷ ଯୁବତୀଯୁବକଙ୍କୁ ଦକ୍ଷତା ବିକାଶ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। କେନ୍ଦ୍ର ୬୪୦୦ କୋଟି ଟଙ୍କାର ଅନୁଦାନ ପ୍ରଦାନ କରି ନ ଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ଦିଲ୍ଲୀ ଗସ୍ତ କରିବାକୁ ପଡିଛି। ମୁଖ୍ୟମନ୍ତ୍ରୀଙ୍କ ଲୋକପ୍ରିୟତା ହିଁ ଭାଜପା ପାଇଁ କାଳ ହୋଇଛି। ପାନୀୟ ଜଳ ବାବଦରେ ନିଜ ଭାଗ ୧୮୦ କୋଟି ଟଙ୍କାରୁ କେନ୍ଦ୍ର ମାତ୍ର ୮୦ କୋଟି, ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମ ବାବଦକୁ ମାତ୍ର ୬ କୋଟି ପ୍ରଦାନ କରିଛି। ବିଗତ ୫ ବର୍ଷ ଧରି ମହାନଦୀ, ପୋଲାଭରମ, ସ୍ୱତନ୍ତ୍ର ପାହ୍ୟା, ଏମ୍ଏସ୍‌ପି ଯୋଜନାରୁ ଅର୍ଥକାଟ ପରି ପ୍ରସଙ୍ଗରେ କେନ୍ଦ୍ର ରାଜ୍ୟର ସ୍ୱାର୍ଥକୁ ଅଣଦେଖା କରୁଥିବା ସସ୍ମିତ କହିଛନ୍ତି।

ସେହିପରି କଂଗ୍ରେସ ପକ୍ଷରୁ ପ୍ରଚାର କମିଟି ସଦସ୍ୟ ଦେବୀ ପୃଷ୍ଟି ଶାହଙ୍କ ଗସ୍ତକୁ ନେଇ ମତ ରଖିଛନ୍ତି। ସେ କହିଛନ୍ତି, ଶାହ ଏବଂ ତାଙ୍କ ପୁଅଙ୍କ କାରନାମା ସମସ୍ତଙ୍କୁ ଜଣା। ଅମିତ ଶାହଙ୍କ ପୁଅ ଓ ଖଣି ମାଫିଆ ପ୍ରଭାକରନଙ୍କ ମଧ୍ୟରେ କି ସମ୍ପର୍କ ରହିଛି। ଓଡ଼ିଶାରେ ୨୦ ଲକ୍ଷ କୋଟି ଟଙ୍କାର ଖଣି ଦୁର୍ନୀତି ହୋଇଛି। ଏହାର ଉପଯୁକ୍ତ ତଦନ୍ତ ଦିଗରେ ପଦକ୍ଷେପ ନେବା ପାଇଁ ପ୍ରଥମରୁ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କୁ ନିବେଦନ କରାଯାଇଛି। ଅତୀତରେ ଖଣି ଦୁର୍ନୀତି ନେଇ ଝାଡଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ମଧୁ କୋଡା, ୟେଦୁରପ୍ପାଙ୍କୁ ମଧ୍ୟ ଜେଲ୍ ଯିବାକୁ ପଡିଛି। ତେଣୁ ଶାହ ପ୍ରଥମେ ପ୍ରଭାକରନ୍‌ଙ୍କଠାରୁ ଟଙ୍କା ଆଦାୟ କରନ୍ତୁ, ତା' ପରେ ଦୁର୍ନୀତିର କୁହୁକ ପେଡି ଖୋଲିବ। ଅତୀତରେ କଂଗ୍ରେସ ନେତା ତଥା ପ୍ରାକ୍ତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ ଖୋଲାଖୋଲି ଖଣି କାରବାର ନେଇ ମତ ରଖିଥିଲେ। ସେ ସମୟରେ ବିଜୁ ପଟ୍ଟନାୟକ ଖଣି ମାଲିକଙ୍କ ଅର୍ଥରେ ନିର୍ବାଚନ ଲଢିଥିବା ନବକୃଷ୍ଣବାବୁ କହିଥିଲେ। ହେଲେ ଦୁର୍ଭାଗ୍ୟର କଥା ରାଜ୍ୟ କଂଗ୍ରେସର ନେତୃତ୍ୱ ଏବେ ଖଣି ଲୁଟେରାଙ୍କ ହାତରେ ରହିଛି। ଆଗାମୀ ଦିନରେ ଏହି ରାଜ୍ୟ ରାଜନୀତିକୁ ଖଣି ଲୁଟେରାଙ୍କ କବଳରୁ ମୁକ୍ତ କରାଯିବ ବୋଲି ଦେବୀ କହିଛନ୍ତି। କଂଗ୍ରେସ ଦଳର ସଦସ୍ୟ ଥାଇ ଦେବୀଙ୍କ ଏପରି ମନ୍ତବ୍ୟ ଦଳରେ ଆଲୋଡନ ସୃଷ୍ଟି କରିଛି।

## ଜରୁରୀ ପରିସ୍ଥିତି ଜାରି ବେଳେ ବ୍ରହ୍ମପୁରରେ ଥିଲେ ଫର୍ନାଣ୍ଡିଜ୍

**ବ୍ରହ୍ମପୁର ଅଫିସ,୨୯।୧**

ଦେଶରେ ୧୯୭୫ ଜୁନ ୨୫ ରାତିରେ ଜାରି ହେଲା ଜରୁରିକାଳୀନ ପରିସ୍ଥିତି। ସେହିଦିନ ସନ୍ଧ୍ୟାରେ ବ୍ରହ୍ମପୁରର ପ୍ରକାଶମ୍ ରଙ୍ଗମଞ୍ଚରେ ବୁଦ୍ଧିଜୀବୀଙ୍କର ଏକ ସମାବେଶରେ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବିଶିଷ୍ଟ ସାମ୍ୟବାଦୀ ନେତା ଜର୍ଜ ଫର୍ନାଣ୍ଡିଜ୍। ଭାଷଣ ପ୍ରସଙ୍ଗରେ ସେ ଆଶଙ୍କା କରିଥିଲେ, ତତ୍‌କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଇସ୍ତଫା ଦେବେ ନଚେତ ଶାସନ କ୍ଷମତା ହାତଛଡ଼ା ନ କରିବା ପାଇଁ ଦେଶରେ ଅଗଣତାନ୍ତ୍ରିକ ଭାବେ ଜାରି କରିବେ ଜରୁରିକାଳୀନ ପରିସ୍ଥିତି। ସରକାରଙ୍କୁ ଏହି ସୂଚନା ମିଳିଥିବାରୁ, ପୋଲିସ ଓ ପ୍ରଶାସନ ସଜାଗ ହୋଇଯାଇଥିଲା । ତେଣୁ ସଭାସ୍ଥଳରୁ ଫର୍ନାଣ୍ଡିଜ୍ ଚମ୍ପଟ ମାରିଥିଲେ। ତାଙ୍କୁ ସହଯୋଗ କରିଥିଲେ ପୂର୍ବତନ କବିସୂର୍ଯ୍ୟନଗର ଜନତା ପାର୍ଟି ବିଧାୟକ ସ୍ୱର୍ଗତ ତାରିଣୀ ଚରଣ ପଟ୍ଟନାୟକ ଓ ବିଶିଷ୍ଟ ପରିବେଶବିତ୍ ତଥା ଆଦିବାସୀ, ଅନୁସୂଚିତ ଜନଜାତିର ହକ୍ ପାଇଁ ଲଢ଼େଇ କରୁଥିବା ପ୍ରଫୁଲ୍ଲ ସାମନ୍ତରା ଓ ଅନ୍ୟମାନେ। ଫର୍ଣ୍ଣାଡିଜ୍ ଜୁନ ୨୪ରୁ ଗଞ୍ଜାମ ଜିଲାକୁ ଆସି ତାଙ୍କ ଶ୍ୱଶୁର ତଥା ଜବାହରଲାଲ ନେହେରୁଙ୍କ ମନ୍ତ୍ରିମଣ୍ଡଳରେ ଶିକ୍ଷାମନ୍ତ୍ରୀ ଥିବା ହୁମାୟୁନ କବୀରଙ୍କ ଗୋପାଳପୁର ବେଳାଭୂମି ପାର୍ଶ୍ୱରେ ଥିବା ବାସଭବନରେ ରହୁଥିଲେ। ଜୁନ ୨୫ରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କର୍ମଚାରୀ ସଂଘ ସମାବେଶରେ ଯୋଗ ଦେଇଥିଲେ। ସାମ୍ୟବାଦୀ ନେତା ଓ କର୍ମୀଙ୍କ ସହ ଆଲୋଚନା କରିଥିଲେ। ପରଦିନ ଜୁନ ୨୬ରେ ଏଠାର ରେଲୱେ ଶ୍ରମିକ ସଂଘ ସମାବେଶରେ ଯୋଗଦେବାର କାର୍ଯ୍ୟକ୍ରମ ଥିଲା । ତେବେ ଜରୁରୀ ପରିସ୍ଥିତି ଜାରି ହେବାରୁ ସେ ଗୋପନରେ ବ୍ରହ୍ମପୁର ଛାଡ଼ିଥିଲେ।

ସୂଚନାଯୋଗ୍ୟ, ଫର୍ନାଣ୍ଡିଜ୍ ସର୍ବ ଭାରତୀୟ ବିଶ୍ୱବିଦ୍ୟାଳୟ କର୍ମଚାରୀ ଓ ରେଲୱେ କର୍ମଚାରୀ ମହାସଂଘର ଜାତୀୟ ସଭାପତି ଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଏକ ଆଖିଆ କଣା**
**ସେ କି ଜାଣେ ବୁଝାମଣା ।**

କଣାର ଗୋଟାଏ ଆଖି। ଯେଉଁ ପଟର ଆଖିଥାଏ ସେ ସେଇପଟକୁ ଭଲ ଦେଖିପାରେ ଏବଂ ସେଇ ପଟକଥାର ଚିନ୍ତା କରୁଥାଏ। ଅନ୍ୟପଟ ଦେଖିବା ପାଇଁ ହେଲେ ମୁହଁ ବୁଲେଇବାକୁ ପଡ଼େ। ପରୋକ୍ଷରେ ଭଲମନ୍ଦ ବିଚାର ନ କରି ଗୋଟିଏ ଦିଗକୁ ଦୃଷ୍ଟିରେ ରଖି ବା ଚିନ୍ତା କରି ଏକପାଖିଆ ନିଷ୍ପତ୍ତି ନେଇଥିବା ବ୍ୟକ୍ତି ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଏ ହାତକୁ ସେ ହାତ**
**ଖଣ୍ଡିଆ ହାତକୁ ଜଗନ୍ନାଥ ।**

ଜଗନ୍ନାଥ ହେଉଛନ୍ତି ଜଗତର ନାଥ। ତାଙ୍କ ଉପରେ ସମସ୍ତଙ୍କର ଅଶେଷ ଭରସା ରହିଥାଏ। ସାଧାରଣତଃ କେହି କାହାକୁ କିଛି ଦେଲେ ଦେଲା ଲୋକକୁ ନେଲା ଲୋକ କିଛି ଦେଇଥାଏ। ପରନ୍ତୁ ଯାହାର କେହି ନାହାନ୍ତି, ସମ୍ପୂର୍ଣ୍ଣ ନିଃସ୍ୱ, ତାର କାହାକୁ କିଛି ଦେବାକୁ ସମ୍ବଳ ନାହିଁ, ତାକୁ କେହି ଦେବାକୁ ଉଚିତ ମଣି ନ ଥାନ୍ତି। ଅରକ୍ଷିତକୁ ଦଇବ ସାହା ଭଳି ଉକ୍ତ ବ୍ୟକ୍ତି ପାଇଁ କେବଳ ଜଗନ୍ନାଥ ବା ଭଗବାନ ସାହା ହୋଇଥାନ୍ତି ସେହିଁ ଏକମାତ୍ର ଦେବା ଲୋକ ସେ ଭରସା ହୋଇଥାନ୍ତି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

## 'ଏକ୍ ଲଡ଼୍‌କୀ କୋ...' ସେଟ୍‌ରେ ସ୍ଥିର ହୋଇଥିଲା ବିବାହ: ସୋନମ୍



**ମୁମ୍ବାଇ:** ଆଗାମୀ ଫିଲ୍ମ 'ଏକ୍ ଲଡ଼୍‌କୀ କୋ ଦେଖା ତୋ ଐଶା ଲଗା'ର ଶୁଟିଂ ଚାଲିଥିବା ବେଳେ ଆନନ୍ଦ ଆହୁଜାଙ୍କ ସହିତ ତାଙ୍କର ବାହାଘର ସ୍ଥିର ହୋଇଥିଲା ବୋଲି ଅଭିନେତ୍ରୀ ସୋନମ୍ କପୁର ପ୍ରକାଶ କରିଛନ୍ତି। ସେହି ସମୟରେ ତାଙ୍କ ପିତା ଅନିଲ କପୁର ମଧ୍ୟ ଉପସ୍ଥିତ ଥିଲେ। କନ୍ୟା ଓ ପିତା ଉଭୟ ଏହି ଫିଲ୍ମରେ ପ୍ରଥମଥର ପାଇଁ ଏକତ୍ର କାମ କରିବାର ସୁଯୋଗ ମିଳିଥିଲା। ଫିଲ୍ମ ଶୁଟିଂ ଚାଲିଥିବାବେଳେ ବାହାଘର ସ୍ଥିର ହୋଇଥିବାରୁ ଏଥିପାଇଁ ବେଶି ସମୟ ନଷ୍ଟ କରିବାକୁ ପଡ଼ିଲା ନାହିଁ ବୋଲି ସେ ପ୍ରକାଶ କରିଛନ୍ତି। ବିଧି ନିର୍ଦ୍ଦେଶ ଭଳି ବିବାହର ଠିକ୍ ପୂର୍ବରୁ ଆମେ ଏକତ୍ର ଏହି ଫିଲ୍ମରେ କାମ କରିଥିଲୁ। ଏଭଳି ଘଟି ନ ଥିଲେ ଆମେ ପରସ୍ପରକୁ ଭେଟିବାର ସୁଯୋଗ ପାଇପାରି ନ ଥାନ୍ତୁ ବୋଲି ସୋନମ୍ ଖବରଦାତାଙ୍କୁ କହିଛନ୍ତି। ୨୦୧୮ ମେ ୮ରେ ମୁମ୍ବାଇର ଏକ ସହରତଳି ଅଞ୍ଚଳରେ ସୋନମ୍ ଏବଂ ଆନନ୍ଦଙ୍କର ହାତଗଣ୍ଠି ପଡିଥିଲା। ବାପାଙ୍କ ସହିତ କାମକରିବା ବେଳେ ସେ ଅତ୍ୟନ୍ତ ନର୍ଭସ୍ ହୋଇପଡୁଥିବା ସୋନମ୍ ପ୍ରକାଶ କରିଛନ୍ତି। ଉକ୍ତ ଫିଲ୍ମର କାହାଣୀ ଗଜଲ ଧରିୱାଲ୍ ରଚନା କରିଥିବା ବେଳେ ଶେଲି ଚୋପ୍ରା ଏହାର ନିର୍ଦ୍ଦେଶନା ଦେଇଛନ୍ତି। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ରାଜକୁମାର ରାଓ ଏବଂ ଜୁହି ଚାୱଲା ଅଭିନୟ କରିଛନ୍ତି।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

BALAJI FINANCE LTD.
(SINCE 1986)
GOLD MEDALIST
ଅଧୀନରେ ମାର୍କସିଟ୍, ପ୍ରପର୍ଟି, ବ୍ୟବସାୟ, ଶିକ୍ଷା, ଗୃହ ଋଣ ଆଦି ସବୁ ପ୍ରକାର ଋଣର ସୁବିଧା ନିଅନ୍ତୁ।
24 ଲକ୍ଷ ସନ୍ତୁଷ୍ଟ ଗ୍ରାହକ
ଯୋଗାଯୋଗ କରନ୍ତୁ
9458728306
9458728290
LIG36, HARIPURA, Haripura Ward, ITARSI Tehsil, ITARSI, Distt.- Hoshangabad (M.P.)-461115

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
Janata Finance
(Govt. Regd.) (Regd. No.- U6519TN19846)
କମ୍ପାନୀ ଦ୍ୱାରା ମାର୍କସିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ଏବଂ ମହିଳା ଗ୍ରୁପ୍ ଋଣ ପାଆନ୍ତୁ କମ୍ ସୁଧରେ। ଆପଣଙ୍କ ପାଇଁ ଆଣିଛୁ ସୁବର୍ଣ୍ଣ ସୁଯୋଗ 2% ସୁଧ, 45% ସରକାରୀ ସବ୍‌ସିଡି।
7497095128
7508116267
T-51, Gali No.8, Gautampuri, Delhi-110053

LOAN
ଆପଣ ବେରୋଜଗାରିଆ କି? ଏବେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ କମ୍ ସୁଧରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି। ଅଧିକ ଜାଣିବା ପାଇଁ ଯୋଗାଯୋଗ:-
B-19, Moti Bagh, New Delhi
7064382081
8658167603

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
ଜନତା ଫାଇନାନ୍ସ
(Govt. Regd) Regd No.- U659001077
ଆପଣ ସମସ୍ତଙ୍କ ପାଇଁ ଆଣିଛନ୍ତି ସୁବର୍ଣ୍ଣ ସୁଯୋଗ। କମ୍ ସୁଧରେ ଋଣ ସୁବିଧା। ମାର୍କସିଟ୍, ପ୍ରପର୍ଟି, ପର୍ସନାଲ, ଆଧାର ଏବଂ ମହିଳା ଗ୍ରୁପ୍ ଋଣ ମଧ୍ୟ ଉପଲବ୍ଧ। 2% ସୁଧ 45% ସରକାରୀ ସବ୍‌ସିଡି
Helpline Numbers 9915535422 7626900260
Address C-281, Pratap Gali, Nanakchand Road, South Delhi - 110003

CO-OPERATIVE INADIA
Co-Operative India ଦ୍ୱାରା P.M.J.S.Y. ର ଲାଭ ଆଧାର କାର୍ଡଧାରୀ ମାନଙ୍କୁ ଦିଆଯାଉଛି । ଏହି ଯୋଜନା ଦ୍ୱାରା ବର୍ଷକୁ 2% ସୁଧ ଏବଂ ସହଜ ମାସିକ କିସ୍ତି ସହ ସମସ୍ତ ପ୍ରକାର ଲୋନ ନେଇ ଆପଣଙ୍କ ଆବଶ୍ୟକତାକୁ ପୂରଣ କରନ୍ତୁ । ବି.ଦ୍ର.- ପୁରୁଷ ମାନଙ୍କୁ 20% ଏବଂ ମହିଳା ମାନଙ୍କୁ 30% ସବସିଡି ମିଳିବ ।
Address: Ameerpt, Hyderabad, Pin- 5000106 (Telangana)
7787907927
7787922501
9319932148
Email id- pmjansamridhi@gmail.com

!!ଋଣ ଋଣ ଋଣ!!
ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ ୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କସିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
18001238914
9319817746
9650353144
Add. : T-51, Gali No. 8, Gautampuri, Delhi

BISWAJIT FINANCE
Biswajit Financeରେ ସମସ୍ତ ପ୍ରକାର Loan ମିଳିବ। Personal, Business, ଗୃହ, ଶିକ୍ଷା, Certificate, Property ଓ କୃଷି।
ସୁଧ 1% ରେ Loan ପାଆନ୍ତୁ
7750922443
7077432760
AT/PO: Jambhirai, Baleswar, Odisha- 756024

GET INSTANT CASH AGAINST GOLD
GOLD CASH
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

S.R. Network
କମ୍ପାନୀ ଦ୍ୱାରା ଜମି, ଛାତ, ଚାଷଜମି, ପ୍ଲଟ୍ ଉପରେ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ। ଅଗ୍ରିମ 65 ଲକ୍ଷ, ଭଡ଼ା 42,000/-, ବାଇକ୍ ମାଗଣା। ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ।
ମୋବାଇଲ ନଂ.:
9179208056
8750476936
HNO.31, BLOCK NO.2, VILL. BHUNA, TEHSIL/DISTT.-FATEHABAD

ଡିଜିଟାଲ ଉପକରଣ -କମ୍ପାନୀ- SMS JOB
ଡିଜିଟାଲ ଉପକରଣ କମ୍ପାନୀରେ sms ଜବ୍ କରି ପୁଅ, ଝିଅ, ଗୃହିଣୀ ଘରେ ବସି ପାର୍ଟଟାଇମ୍ ଫୁଲଟାଇମ୍ ରୋଜଗାର କରନ୍ତୁ 15000ରୁ 25000 ମାସିକ ଲାପଟପ୍ + ମୋବାଇଲ ମାଗଣା। ବିବରଣୀ ପାଇଁ ନାମ, ଠିକଣା sms କିମ୍ବା କଲ୍ କିମ୍ବା whatsapp କରନ୍ତୁ।
9065013355, 9162431749
Bukaro malepur, jamui Bihar-811313

T.F. FINANCE
(Govt. Registered)
ବିନା ଗ୍ୟାରେଣ୍ଟର, ମାର୍କଶିଟ୍ ଋଣ, ପ୍ରପର୍ଟି ଋଣ, ପର୍ସନାଲ, ଗୃହ ଋଣ, ସମସ୍ତ ଋଣ ୨ ଘଣ୍ଟାରେ, 0% ସୁଧ, 50% ରିହାତି।
09457625967
D-244, Tejendranagar, Zundal, Zundal-382421, Tal./Dist.- Gandhinagar

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
ସ୍ପେଶାଲିଷ୍ଟ: ବଶୀକରଣ ଓ ମୂଠକରଣୀ
ବାବା ଆଲାମ ଖାନ
9773820765
8512004851

ଡିଜିଟାଲ ଉପକରଣ -କମ୍ପାନୀ- SMS JOB
ଡିଜିଟାଲ ଉପକରଣ କମ୍ପାନୀରେ sms ଜବ୍ କରି ପୁଅ, ଝିଅ, ଗୃହିଣୀ ଘରେ ବସି ପାର୍ଟଟାଇମ୍ ଫୁଲଟାଇମ୍ ରୋଜଗାର କରନ୍ତୁ 18000ରୁ 46000 ମାସିକ ଲାପଟପ୍ + ମୋବାଇଲ ମାଗଣା। ବିବରଣୀ ପାଇଁ ନାମ, ଠିକଣା sms କିମ୍ବା କଲ୍ କିମ୍ବା whatsapp କରନ୍ତୁ।
7520206361
7061764396
Bukaro malepur, jamui Bihar-811313

SMS JOBS DHAMAKA
(PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167 9973805993

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ, ୭ ଘଣ୍ଟାରେ ଘରେବସି ଗ୍ୟାରେଣ୍ଟେଡ ସମାଧାନ
ଆମ ଇଲମ କିମ୍ବା ଆମଠୁ ଆଗରୁ କାମ କରିଲା ବାଲାକୁ ମନ ଚାହିଁଥିବା ପୁରସ୍କାର
ମହାଗୁରୁ ବଙ୍ଗାଳୀ
ଯଦି କାହା ପତି, ପ୍ରେମୀ କିମ୍ବା ପୁତ୍ର କିମ୍ବା ପ୍ରେମିକା ଆଉ କାହା ବଶରେ ଅଛନ୍ତି ତାହେଲେ ତୁରନ୍ତ ଫୋନ କରନ୍ତୁ
ସ୍ପେଶାଲିଷ୍ଟ: ବଶୀକରଣ, ମୂଠକରଣୀ, ସଉତୁଣୀ ଶତ୍ରୁ ମୁକ୍ତି
ଚାକିରୀ, ବ୍ୟବସାୟ, ଅଡଚନ, ଗୃହକ୍ଲେଶ, ପତି-ପତ୍ନୀ ଅନବନ, ଶାଶୁ ବୋହୂଙ୍କ ଅନବନ ନିରାଶ ମା, ଭାଇ, ଭଉଣୀ ସମ୍ପର୍କ କରନ୍ତୁ
9997928820

LOAN
ଓଡ଼ିଶାରେ ପ୍ରଥମ ଥର ପାଇଁ ଫାଇନାନ୍ସ ଧମାକା। ବାର୍ଷିକ ୬% ସୁଧରେ ଯେ କୌଣସି ବ୍ୟକ୍ତି, ଅନୁଷ୍ଠାନ ୫୦ ଲକ୍ଷ ପର୍ଯ୍ୟନ୍ତ ସର୍ବାଧିକ ୨୦ ବର୍ଷ ପାଇଁ ଋଣ ନେଇ ପାରିବେ। ମହିଳାମାନଙ୍କ ପାଇଁ ୪% ସୁଧ। ଡକ୍ୟୁମେଣ୍ଟ fileodisha@gmail.com ରେ ପଠାଇ ପାରିବେ।
7991052261
7991052595
405 D, Gandhi Marg, Mumbai-02

FINANCE
ସୁହାନା ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ । ୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।ଏଜେଣ୍ଟ ଆମନ୍ତ୍ରିତ
ମହିଳା ଓ ବିଦ୍ୟାର୍ଥିମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

ଡିଜିଟାଲ ଉପକରଣ -କମ୍ପାନୀ- SMS JOB
ଡିଜିଟାଲ ଉପକରଣ କମ୍ପାନୀରେ sms ଜବ୍ କରି ପୁଅ, ଝିଅ, ଗୃହିଣୀ ଘରେ ବସି ପାର୍ଟଟାଇମ୍ ଫୁଲଟାଇମ୍ ରୋଜଗାର କରନ୍ତୁ 15000ରୁ 45000 ମାସିକ ଲାପଟପ୍ + ମୋବାଇଲ ମାଗଣା। ବିବରଣୀ ପାଇଁ ନାମ, ଠିକଣା sms କିମ୍ବା କଲ୍ କିମ୍ବା whatsapp କରନ୍ତୁ।
7250664722, 7718760748
Bukaro malepur, jamui Bihar-811313

**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

TARIFF — MORE SPACE • SAME PRICE — *GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

# ନଦୀପଠାରୁ ରାତିଅଧିଆ ବାଲି ଚାଲାଣ

■ ପ୍ରଶାସନ ନୀରବ
■ ଦାନା ବାନ୍ଧୁଛି ଆନ୍ଦୋଳନ

ସଜନାଗଡ଼, ୨୯।୧(ଡି.ଏନ.ଏ.)



ସୋନ ନଦୀପଠାରେ ବାଲି ଚାଲାଣ ଲାଗି ରଖାଯାଇଥିବା ଟ୍ରାକ୍ଟର।

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ପୁଦାଳ ସୋନ ନଦୀପଠାରୁ ପ୍ରତ୍ୟେକ ରାତିରେ ଟ୍ରିପ୍ ଟ୍ରିପ୍ ବାଲି ଚାଲାଣ ହେଉଛି। ଏହାକୁ ରୋକିବାକୁ କୌଣସ ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ଲୁଟେରାମାନେ ଏହାର ସୁଯୋଗ ନେବାକୁ ପଛାଉନାହାନ୍ତି। ଫଳରେ ସେମାନେ ପ୍ରଶାସନକୁ ଖୋଲାଖୋଲି ଚ୍ୟାଲେଞ୍ଜ କରି ଅବାଧରେ ବାଲି ଚାଲାଣ କରୁଛନ୍ତି। ଏହିଭଳି ପ୍ରତ୍ୟହ ବାଲି ଚାଲାଣ ଜାରି ରହିଲେ ନିକଟସ୍ଥ କାଠପାଳ ଗ୍ରାମ ପ୍ରତି ବିପଦ ଆଶଙ୍କା ଦେଖାଦେବ। ଅନ୍ୟପକ୍ଷେ ସ୍ଥାନୀୟ ପ୍ରଶାସନ ମଧ୍ୟ କୋଟି କୋଟି ଟଙ୍କାର ରାଜସ୍ୱ ହରାଉଛି।

ଏହାକୁ ବନ୍ଦ କରିବା ଲାଗି ପ୍ରଶାସନ ପଦକ୍ଷେପ ନ ନେଲେ ନଦୀ ତାର ଗତିପଥ ବଦଳାଇ ଗାଁ ମୁହାଁ ହେବ ଏଥିରେ ସନ୍ଦେହ ନାହିଁ। ବାଲିମାଫିଆଙ୍କ ଭୟରେ ଗ୍ରାମବାସୀ ମଧ୍ୟ ମୁହଁ ଖୋଲିପାରୁନାହାନ୍ତି। ଗ୍ରାମର ସୁରକ୍ଷା ଓ ଭବିଷ୍ୟତକୁ ନେଇ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଏହାବ୍ୟତୀତ ବାଲି ଚୋରା ଚାଲାଣରେ ଚୋରା ଗାଡ଼ିଗୁଡ଼ିକ ବ୍ୟବହାର କରାଯାଉଥିବାରୁ ଚାଳକମାନେ ତରବରିଆ ଭାବେ ବାଲି ଭର୍ତ୍ତି କରି ନେବା ବେଳେ ଅନେକ ସମୟରେ ଅଞ୍ଚଳବାସୀ ଛୋଟ ବଡ଼ ଦୁର୍ଘଟଣା ଘଟାଉଛନ୍ତି। ଏନେଇ ସ୍ଥାନୀୟ ପ୍ରଶାସନ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ଆଗାମୀ ଦିନରେ ଆନ୍ଦୋଳନ ମୁଣ୍ଡ ଟେକିବ ବୋଲି ସ୍ଥାନୀୟ ବାସିନ୍ଦା ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ନୀଳଗିରି ତହସିଲଦାର ରାଜେନ୍ଦ୍ର କୁମାର ପଣ୍ଡାଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ପ୍ରଶାସନ ପକ୍ଷରୁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ଚୋରା ବାଲିଖାଦାନ ଉପରେ ଚଢ଼ାଉ କରାଯିବା ସହ ଚୋରା ଚାଲାଣକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଉକ୍ତ ବାଲିଖାଦାନକୁ ନିଲାମ ଦିଆଗଲେ ସବୁଦିନ ପାଇଁ ଚୋରି ରୋକାଯାଇ ପାରିବ। ଏଥିପାଇଁ ନିଲାମ ଦିଗରେ ମଧ୍ୟ ଚେଷ୍ଟା ଜାରି ରହିଥିବା ସେ ପ୍ରକାଶ କରିଥିଲେ।

## ସଂକ୍ଷେପରେ

### ବାଲି, ପଥର ବୋଝେଇ ଡମ୍ଫର ଜବତ



**ଜଳେଶ୍ୱର, ୨୯।୧ (ଡି.ଏନ୍.ଏ.):** ଜଳେଶ୍ୱର ତହସିଲଦାର ଅଭିମନ୍ୟୁ ପଣ୍ଡା କର୍ମଚାରୀଙ୍କ ସହ ମଙ୍ଗଳବାର ଅପରାହ୍ଣରେ ଆମ୍ବଳିଅଠା ଓ ନାଗ୍ଲୋ ରାସ୍ତା ମଝିରେ ଧରପଗଡ଼ କରି ୩ଟି ବେଆଇନ ବାଲି ଓ ଗୋଟିଏ ପଥର ବୋଝେଇ ଡମ୍ଫରକୁ ଜବତ କରିଛନ୍ତି। ସେମାନଙ୍କଠାରୁ ଜରିମାନା ବାବଦରେ ୯୦ ହଜାର ଟଙ୍କା ଆଦାୟ କରାଯାଇଛି। ଉକ୍ତ ଯାନବାହନଗୁଡ଼ିକ ବେଆଇନ ଭାବେ ଚୋରାରେ ଓଡ଼ିଶାରୁ ବାଲି ଓ ପଥର ବୋଝେଇ କରି ପଶ୍ଚିମବଙ୍ଗ ଆଡ଼କୁ ଯାଉଥିଲା।

### ଭାଜପାର ମିଶ୍ରଣ ପର୍ବ

**ବସ୍ତା, ୨୯।୧(ସ୍ୱ.ପ୍ର.):** ବସ୍ତା ବ୍ଲକ ଦୁଧହଂସା ପଞ୍ଚାୟତରେ ଭାଜପା ତରଫରୁ ନୂତନ କାର୍ଯ୍ୟାଳୟ ଉଦଘାଟନ ହେବା ସହ ଏକ ମିଶ୍ରଣପର୍ବ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତର ନବାଗତ କର୍ମୀଙ୍କ ଗହଣରେ ଏକ ଶୋଭାଯାତ୍ରା ୬୦ନଂ. ଜାତୀୟ ରାଜପଥ ପାର୍ଶ୍ୱରୁ ଯାଇ ନୂତନ କାର୍ଯ୍ୟାଳୟ ହାଟପଡିଆଠାରେ ପହଞ୍ଚିଥିଲା। ସେଠାରେ ଭାଜପାର ରାଷ୍ଟ୍ରୀୟ ପରିଷଦ ସଦସ୍ୟ ଶ୍ୟାମାପ୍ରସାଦ ବେହେରା କାର୍ଯ୍ୟାଳୟ ଉଦଘାଟନ କରିବା ପରେ ମଣ୍ଡଳ ସାଧାରଣ ସମ୍ପାଦକ



ଉତ୍ତମ କୁମାର ଜେନାଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ନବାଗତ ସଦସ୍ୟମାନଙ୍କ ମଧ୍ୟରେ ଖଲିଲ ମାଝି, ବାଣେଶ୍ୱର ମାଝି, ଜଗନ୍ନାଥ ମାଝି, ରତ୍ନାକର ମାଝି ପ୍ରମୁଖଙ୍କୁ ଉତ୍ତରୀୟ ପ୍ରଦାନ କରି ଦଳର ବରିଷ୍ଠନେତାମାନେ ସ୍ୱାଗତ ଜଣାଇଥିଲେ। ଏଥିରେ ରାଜ୍ୟ ପରିଷଦ ସଦସ୍ୟ ସୁବଳ ଚନ୍ଦ୍ର ଦାସ, କୃଷକ ମୋର୍ଚ୍ଚା ଜିଲା ସାଧାରଣ ସମ୍ପାଦକ ସୂର୍ଯ୍ୟନାରାୟଣ ସାହୁ, ରବୀନ୍ଦ୍ର ଜୈନ, ପ୍ରକାଶ କୁଣ୍ଡୁ, ଦୀନକୃଷ୍ଣ ବେହେରା, ମିଳିରାଣୀ ବେହେରା ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ପଞ୍ଚାୟତ ସଭାପତି ବେଣୁଧର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ଯୁକ୍ତ ୨ କଲେଜ ଦାବିରେ ଜେଏମ୍ଏମ୍‌ର ଗଣଧାରଣା

ବସ୍ତା, ୨୯।୧(ସ୍ୱ.ପ୍ର.)

ବସ୍ତା ବ୍ଲକ ସଦର ମହକୁମାରେ କୌଣସି ଯୁକ୍ତ ୨ କଲେଜ ନ ଥିବାରୁ ଜେଏମ୍ଏମ୍ ପକ୍ଷରୁ ବାରମ୍ବାର ଦାବି କରାଯାଇ ଶେଷରେ ଗଣଧାରଣା ଦିଆଯାଇଛି। ବସ୍ତା ଶମ୍ଭୁନାଥ ହାଇସ୍କୁଲ ଆଗରେ ମଙ୍ଗଳବାର ଜେଏମ୍ଏମ୍ କର୍ମୀମାନେ ଧାରଣାରେ ବସିଥିଲେ। ଏଥିରେ ଦଳର ଜିଲା ସଭାପତି କମଳଲୋଚନ ବାରିକଙ୍କ ଆହ୍ୱାନରେ ବହୁ ଦଳୀୟ କର୍ମକର୍ତ୍ତା ସାମିଲ ହୋଇଥିଲେ। ଉପଦେଷ୍ଟା କୁମୁଦ ରଞ୍ଜନ ଗିରିଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏହାକୁ ସମର୍ଥନ ଜଣାଇ ରୁବି ପଟ୍ଟନାୟକ, ପାନ କିସ୍କୁ, ବୁଧିଆ ମୁର୍ମୁ ଓ ଲିଲି ମୁଖୀ ପ୍ରମୁଖ ବସ୍ତା ଶମ୍ଭୁନାଥ ହାଇସ୍କୁଲରେ ଯୁକ୍ତ ୨ କଲେଜର ଖୋଲିବା ଆବଶ୍ୟକତା ନେଇ ବକ୍ତବ୍ୟ ରଖିଥିଲେ। ଅପରାହ୍ଣରେ ହାଇସ୍କୁଲର ପ୍ରଧାନଶିକ୍ଷକ ତାପସକୁମାର ପଣ୍ଡାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା।




ଜେଏମ୍ଏମ୍ କର୍ମୀମାନେ ଧାରଣାରେ ବସିଛନ୍ତି।



ପରିଖି ଫାଣ୍ଡି ପରିସରରେ ଅନୁଷ୍ଠିତ ବୈଠକ।

# ପରିଖି ଉର୍ସ ଉତ୍ସବ ପାଳନ ନେଇ ବିବାଦ

■ ପୋଲିସ ଉପସ୍ଥିତିରେ ହେଲା ସମାଧାନ

ରସାଲପୁର, ୨୯।୧(ଡି.ଏନ.ଏ.)

ବାଲେଶ୍ୱର ସଦର ଥାନା ଅନ୍ତର୍ଗତ ପରିଖି ପଞ୍ଚାୟତର ପନ୍ତା ଅଞ୍ଚଳରେ ଦୀର୍ଘ ୨୮ ବର୍ଷ ହେଲା ହିନ୍ଦୁ ଓ ସଂଖ୍ୟାଲଘୁ ସମ୍ପ୍ରଦାୟ ମଧ୍ୟରେ ଉର୍ସ ଉତ୍ସବ ପାଳିତ ହୋଇଆସୁଛି। ହେଲେ ଚଳିତବର୍ଷ ଏହି ଉତ୍ସବ ପାଳନ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦ ଦେଖାଦେଇଥିଲା। ଶେଷରେ ଘଟଣା ଯାଇ ସଦର ଥାନାରେ ପହଞ୍ଚିଥିଲା। ପୋଲିସ ହସ୍ତକ୍ଷେପ ପରେ ଉଭୟ ଗୋଷ୍ଠୀ ଓ ଗ୍ରାମବାସୀଙ୍କୁ ନେଇ ପରିଖି ଫାଣ୍ଡି ପରିସରରେ ମଙ୍ଗଳବାର ଏକ ବୈଠକ ବସିଥିଲା। ଦୁଇଗୋଷ୍ଠୀଙ୍କ ମଧ୍ୟରେ ଆପୋସ ସମାଧାନ ପରେ ଉତ୍ସବ ପାଳନ ଲାଗି ଥାନାଧିକାରିଣୀ ମମତା ସାହୁ ଏବଂ ଫାଣ୍ଡି ଅଧିକାରୀ ଭାଦବ ମାଝିଙ୍କ ଉପସ୍ଥିତିରେ ଗ୍ରାମବାସୀ ସହମତି ପ୍ରକାଶ କରିଥିଲେ।

୧୯୯୦ ମସିହାରୁ ପନ୍ତା ଅଞ୍ଚଳର ଆୟୁବ ଅଲ୍ଲୀ ଖାନ୍ ନାମକ ବ୍ୟକ୍ତି ଉଭୟ ହିନ୍ଦୁ ଓ ସଂଖ୍ୟାଲଘୁ ସମ୍ପ୍ରଦାୟର ଲୋକଙ୍କୁ ନେଇ ଉର୍ସ ଉତ୍ସବ ପାଳନ କରିଆସୁଥିଲେ। ସମୟାନୁକ୍ରମେ ୨ବର୍ଷ ପୂର୍ବରୁ ଆୟୁବଙ୍କ କାର୍ଯ୍ୟରେ ଅସନ୍ତୋଷ ପ୍ରକାଶ ପାଇବାରୁ ଉତ୍ସବ କମିଟି ଦୁଇଭାଗରେ ବିଭକ୍ତ ହୋଇଥିଲା। ଆୟୁବ ଏବଂ ତାଙ୍କ ସମର୍ଥକଙ୍କୁ ବାଦ୍ ଦେଇ ଗ୍ରାମବାସୀ ଏବଂ ଦୟାନ ଅଲ୍ଲୀ ଖାନ୍‌ଙ୍କୁ କମିଟିର ସଭାପତି କରି ଉତ୍ସବ ପାଳନ କରିଥିଲେ। ମାତ୍ର ଚଳିତବର୍ଷ ଦୟାନ ଏବଂ ଗ୍ରାମବାସୀଙ୍କ ପକ୍ଷରୁ ଆସନ୍ତା ଫେବୃୟାରୀ ୧୪ ତାରିଖରେ ଉର୍ସ ଉତ୍ସବ ପାଳନ କରାଯିବା ପାଇଁ ସ୍ଥିର କରାଯାଇଥିବା ବେଳେ ଆୟୁବ ଏବଂ ତାଙ୍କ ଗୋଷ୍ଠୀ ମଧ୍ୟ ଉକ୍ତ ଦିନରେ ଉତ୍ସବ ପାଳନ ପାଇଁ ସ୍ଥିର କରି ସଦର ଥାନାରେ ଆବେଦନ କରିଥିଲେ। ଉଭୟ ଆବେଦନକୁ ଥାନାଧିକାରିଣୀ ମଞ୍ଜୁର କରିଥିଲେ। ଏଭଳି ଆବେଦନ ମଞ୍ଜୁର ପରେ ଉଭୟ ଗୋଷ୍ଠୀ ମଧ୍ୟରେ ବିବାଦ ଉପୁଜିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଚାପା ଉତ୍ତେଜନା ସୃଷ୍ଟି ହୋଇଥିଲା। ଫଳରେ ଦୟାନ ଓ ତାଙ୍କ ସହଯୋଗୀ ସଦର ଥାନାରେ ଆୟୁବଙ୍କ ନାମରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ଥାନାଧିକାରିଣୀ ସାହୁ ଉଭୟ ଗୋଷ୍ଠୀ ଏବଂ ଗ୍ରାମବାସୀଙ୍କୁ ଡକାଇ ପରିଖି ଫାଣ୍ଡି ପରିସରରେ ସମାଧାନ ନିମନ୍ତେ ଏକ ବୈଠକ କରିଥିଲେ। ଏଥିରେ ଉଭୟ ଗୋଷ୍ଠୀଙ୍କ ପକ୍ଷରୁ ଉକ୍ତ ଦିବସରେ ମିଳିତ ଭାବେ ଉର୍ସ ଉତ୍ସବ ପାଳନ କରିବା ଲାଗି ସହମତି ହୋଇଥିଲା। ଉତ୍ସବ ପରେ ଉପୁଜିଥିବା ବିବାଦ ସମାଧାନ କରାଯିବ ବୋଲି ଥାନାଧିକାରୀ ପ୍ରତିଶ୍ରୁତି ଦେଇଛନ୍ତି।

## ତଳନଗର କଲେଜର ବାର୍ଷିକ ଉତ୍ସବ

**ସୋର, ୨୯।୧(ଡ଼ି.ଏନ.ଏ.):** ସୋର ବ୍ଲକ ଅନ୍ତର୍ଗତ ତଳନଗର କଲେଜର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଅଶୋକ କୁମାର ରାଉତଙ୍କ ସଭାପତିତ୍ୱରେ ସଭାରେ ମୁଖ୍ୟଅତିଥି ଭାବେ ସୋର ଉପେନ୍ଦ୍ରନାଥ କଲେଜର ଓଡ଼ିଆ ବିଭାଗର ଅଧ୍ୟାପକ ଡ. ଶରତ ଚନ୍ଦ୍ର ମହାନ୍ତି ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସୋର ବିଡ଼ିଓ ଚାର୍ଲସ ନାୟକ, ଅନ୍ୟତମ ଅତିଥି ଭାବେ ଖଇରା କଲେଜର ଅବସରପ୍ରାପ୍ତ ଖେଳ ଶିକ୍ଷକ ଲୋକନାଥ ନାୟକ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଇଂଲିଶ ବିଭାଗର ଅଧ୍ୟାପକ ରମେଶ ଚନ୍ଦ୍ର ରାଉତ ଯୋଗଦେଇ ଶିକ୍ଷା ଜୀବନକୁ ସଂଘର୍ଷ ମୁକ୍ତ କରିଥାଏ ବୋଲି କହିଥିଲେ। କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଅଧ୍ୟାପକ ରାମଚନ୍ଦ୍ର ଉପାଧ୍ୟାୟ, ଅଧ୍ୟାପକ ମାନସ ରଞ୍ଜନ ଦାସ, ରାମଚନ୍ଦ୍ର ରାଉତ, ଭରତ କୁମାର ରାଉତ, ଅଧ୍ୟାପିକା ନୀଳିମାଶ୍ରୀ ଦେ, ସନ୍ତୋଷ କୁମାର ପୁଥାଲ, ସୁଧାକର ମହାନ୍ତି, ମାନସ ରଞ୍ଜନ ଦାସ, ରଘୁନାଥ ବେହେରା ପ୍ରମୁଖ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

## ରାଜସ୍ୱ ବିଭାଗ ଚଢ଼ାଉ: ୩ ଟ୍ରାକ୍ଟର, ୬ ଟ୍ରକ୍ ଜବତ

ବସ୍ତା,୨୯।୧(ସ୍ୱ.ପ୍ର.)

ବସ୍ତା ଅଞ୍ଚଳରେ ବେଆଇନ ଭାବେ ବ୍ୟାପକ ବାଲି, ମାଟି, ଚିପ୍ସ ପରିବହନ ହେଉଥିବା ଖବରପାଇ ତହସିଲଦାର ନରେନ୍ଦ୍ର ଖମାରୀ ଓ ଅତିରିକ୍ତ ତହସିଲଦାର ମୋହିନୀ କୁମାର ନାୟକ ବସ୍ତା ପୋଲିସ ସହାୟତାରେ ମଙ୍ଗଳବାର ଚଢ଼ାଉ କରାଯାଇଥିଲା। ଚଢ଼ାଉ ବେଳେ ୩ଟି ଟ୍ରାକ୍ଟର ଓ ୬ଟି ଟ୍ରକ୍ ଜବତ କରାଯାଇ ଜରିମାନା ଧାର୍ଯ୍ୟ କରାଯାଇଛି।

**IDBI BANK** ଆଇଡିବିଆଇ ବ୍ୟାଙ୍କ ଲିଃ., ବଡ଼ଶଙ୍ଖ, ଗ୍ରାଣ୍ଡ କନ୍‌ଭେନ୍‌ସନ୍ ନିମ୍ନ, ପୁରୀ-୭୫୨୦୦୨, ଫୋନ୍.: ୦୬୭୫୨-୨୨୮୩୬୦/୭୦/୮୦

**ସୁନା ଅଳଙ୍କାର ନିଲାମ ନୋଟିସ୍**

ବ୍ୟାଙ୍କର ଋଣଗ୍ରହୀତାଙ୍କ ଠାରୁ ଋଣ ଆଦାୟ ଉଦ୍ଦେଶ୍ୟରେ ବ୍ୟାଙ୍କରେ ବନ୍ଧକ ଥିବା ନିମ୍ନଲିଖିତ ସ୍ୱର୍ଣ୍ଣ ଅଳଙ୍କାର ଗୁଡିକ ନିଲାମ ନିମନ୍ତେ ସର୍ବସାଧାରଣଙ୍କ ଠାରୁ ପ୍ରସ୍ତାବମାନ ଆହ୍ୱାନ କରାଯାଉଛି। ବ୍ୟାଙ୍କ ପରିସର (ନିଲାମ ସ୍ଥାନ)ରେ ନିମ୍ନ ସାରଣୀ ଅନୁଯାୟୀ ନିଲାମ କାର୍ଯ୍ୟ **ତା.୦୪.୦୨.୨୦୧୯ରିଖ ମଧ୍ୟାହ୍ନ ୧୨.୦୦ ଘଟିକା** ଠାରୁ ଆରମ୍ଭ କରାଯିବ।

| ପୁରୀ ଶାଖା / ଋଣଗ୍ରହୀତାଙ୍କ ନାମ ଓ ଠିକଣା | ସୁନା ଅଳଙ୍କାରର ବିବରଣୀ | ମୋଟ ଓଜନ ଗ୍ରାମରେ | ବଜାର ମୂଲ୍ୟ | ଅମାନତ ଜମା ରାଶି | ନିଲାମ ସ୍ଥାନ |
|---|---|---|---|---|---|
| ଶ୍ରୀ ଦୀପକ କୁମାର ଦାଶ, ପିତା: ଜଗନ୍ନାଥ ଦାଶ, ଲାବଣ୍ୟ ବିହାର, ପୁରୀ ସଦର, ସର୍ବୋଦୟ ନଗର, ପୁରୀ, ପିନ୍-୭୫୨୦୦୨ | ଚୁଡ଼ି-୨ଟି | ୨୮.୯୦ | ଟ.୪୭,୬୨୮/- | ଟ.୭,୦୦୦/- | ଆଇଡିବିଆଇ ବ୍ୟାଙ୍କ ଲିଃ., ବଡ଼ଶଙ୍ଖ, ଗ୍ରାଣ୍ଡ କନ୍‌ଭେନ୍‌ସନ୍ ନିମ୍ନ, ପୁରୀ-୭୫୨୦୦୨ |
| | ହାତ ମୁଦି-୨ଟି | ୫.୩୧ | ଟ.୯,୯୨୩/- | | |
| | ପ୍ଲାଷ୍ଟିକ୍ ସହିତ ଶଙ୍ଖା-୪ଟି | ୨.୬୨ | ଟ.୪,୬୨୨/- | | |
| | ହାର-୧ଟି | ୨୧.୫୦ | ଟ.୫୩,୮୬୪/- | | |
| ସମୁଦାୟ | ୯ ଟି | ୫୮.୪୩ | ଟ.୧,୧୬,୦୩୭/- | | |

ବ୍ୟାଙ୍କ ଦ୍ୱାରା ଧାର୍ଯ୍ୟ ନିୟମ ଏବଂ ସର୍ତ୍ତାବଳୀ ଅନୁସାରେ ନିଲାମ ସମ୍ପନ୍ନ ହେବ। ଏହାର ଏକ କପି (ନକଲ) ସଂପୃକ୍ତ ଶାଖା କାର୍ଯ୍ୟାଳୟର ନୋଟିସ୍ ବୋର୍ଡରେ **ତା.୩୦.୦୧.୨୦୧୯ରିଖ** ଠାରୁ ପ୍ରଦର୍ଶିତ ହେବ ଏବଂ ଆଗ୍ରହୀ ପକ୍ଷମାନେ ଏହାକୁ ଦେଖିପାରିବେ। ନିଲାମରେ ଅଂଶଗ୍ରହଣ କରୁଥିବା ନିଲାମଧାରୀ ବିକ୍ରୟର ଉପରୋକ୍ତ ନିୟମ ଏବଂ ସର୍ତ୍ତାବଳୀ ବିଷୟରେ ସମ୍ପୂର୍ଣ୍ଣ ଅବଗତ ହେବା ଉଚିତ୍। ପ୍ରସ୍ତାବ ଦାଖଲର ଅନ୍ତିମ ତାରିଖ ଏବଂ ସମୟ: **ତା.୦୪.୦୨.୨୦୧୯ରିଖ ମଧ୍ୟାହ୍ନ ୧୨.୦୦ ଘଟିକା।**

ସ୍ଥାନ : ପୁରୀ, ତାରିଖ : ୨୯.୦୧.୨୦୧୯ — ସ୍ୱା/- ଆଞ୍ଚଳିକ ମୁଖ୍ୟ, ଆଇଡ଼ିବିଆଇ ବ୍ୟାଙ୍କ ଲିଃ.

# ‘ମେକିଂ ଇଣ୍ଡିଆ କାର୍ବନ ନ୍ୟୁଟ୍ରାଲ’ ପ୍ରକଳ୍ପ ଜାତୀୟ ସ୍ତରକୁ ମନୋନୀତ

ବାଲେଶ୍ୱର ଅଫିସ, ୨୯।୧

ସେଣ୍ଟ୍ରାଲ ବୋର୍ଡ଼ ଅଫ୍ ସେକେଣ୍ଡାରୀ ଏଜୁକେଶନ୍ (ସିବିଏସି) ଦ୍ୱାରା ଭୁବନେଶ୍ୱରଠାରେ ଆୟୋଜିତ ରାଜ୍ୟସ୍ତରୀୟ ଆଞ୍ଚଳିକ ବିଜ୍ଞାନ ପ୍ରକଳ୍ପ ପ୍ରତିଯୋଗିତାରେ ବାଲେଶ୍ୱରର ମଡ଼ର୍ନ ପବ୍ଲିକ ସ୍କୁଲର ଛାତ୍ରୀଛାତ୍ର କୃତିତ୍ୱ ହାସଲ କରି ସମଗ୍ର ଉତ୍ତର ଓଡ଼ିଶା ପାଇଁ ଗୌରବ ଆଣିଦେଇଛନ୍ତି। ଗ୍ରୁପ୍-୧ ର ରାମା ସିଂ ଏବଂ ପାର୍ଥ ପ୍ରତିମ ବାରିକଙ୍କ ଦ୍ୱାରା ପ୍ରଯୋଜିତ ପ୍ରକଳ୍ପ ‘ମେକିଂ ଇଣ୍ଡିଆ କାର୍ବନ ନ୍ୟୁଟ୍ରାଲ’ ପ୍ରଥମ ସ୍ଥାନ ଅଧିକାର କରି ଜାତୀୟ ସ୍ତରରେ ପ୍ରଦର୍ଶନ ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି।

ସେହିପରି ଗ୍ରୁପ୍-୨ର ରୋହିତ ବେହେରା ଏବଂ ସ୍ୱୟମ୍ ସାଇ ଦାସ (ଅଷ୍ଟମ ଶ୍ରେଣୀ) ଦ୍ୱାରା ପ୍ରଯୋଜିତ ପ୍ରକଳ୍ପ ‘ଇନୋଭେଟିଭ୍ ଆଇଡ଼ିଆ ଫର୍ ସଷ୍ଟେନେବୁଲ୍ ଡେଭେଲପ୍‌ମେଣ୍ଟ’ ପ୍ରଦର୍ଶିତ କରି ଉଚ୍ଚ ପ୍ରଶଂସିତ ହୋଇଥିବା ଜଣାପଡ଼ିଛି। ପ୍ରକଳ୍ପ ପ୍ରସ୍ତୁତିରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ବିଜୟା ବର୍ଦ୍ଧନ, ସୁଶ୍ରୀ ସଙ୍ଗୀତା ଦାସ, ଦୈପାୟନ ଭଟ୍ଟାଚାର୍ଯ୍ୟ, ମହାଶ୍ୱେତା ନନ୍ଦ, ଶିକ୍ଷକ ନିମାଇଁ ଚରଣ ଅଧିକାରୀ ପ୍ରମୁଖ ସହଯୋଗ କରିଥିଲେ। ଛାତ୍ରୀଛାତ୍ରମାନଙ୍କର କୃତିତ୍ୱ ପାଇଁ ଅଧ୍ୟକ୍ଷା ପ୍ରଜ୍ଞା ପରମିତା ପୃଷ୍ଟି କୃତି ଛାତ୍ରୀଛାତ୍ରଙ୍କ ସମେତ ସହଯୋଗ କରିଥିବା ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଅଭିନନ୍ଦନ ଜଣାଇଛନ୍ତି।



ପ୍ରକଳ୍ପ ସହ ଛାତ୍ରୀଛାତ୍ର ଏବଂ ସହଯୋଗୀ ଶିକ୍ଷୟିତ୍ରୀଗଣ।

## ଶୁଭଙ୍କର ନୂତନ କୃଷକମୋର୍ଚ୍ଚା ପ୍ରଭାରୀ

ବାଲେଶ୍ୱର ଅଫିସ, ୨୯।୧



ଶୁଭଙ୍କର ମହାପାତ୍ର।

ବାଲେଶ୍ୱର ଭାଜପା ଜିଲାସଭାପତି ମଦନମୋହନ ଦତ୍ତ ଓ ରାଜ୍ୟ ଉପସଭାପତି ତଥା ବାଲେଶ୍ୱର ଜିଲା ପ୍ରଭାରୀ ସମୀର ମହାନ୍ତିଙ୍କ ମିଳିତ ନିଷ୍ପତ୍ତି କ୍ରମେ ବାଲେଶ୍ୱର ଜିଲା କୃଷକ ମୋର୍ଚ୍ଚାର ପ୍ରଭାରୀ ଓ ନିର୍ବାଚନ ସଙ୍କଳ୍ପପତ୍ର ସଂଯୋଜକ ଭାବେ ଶୁଭଙ୍କର ମହାପାତ୍ରଙ୍କୁ ମନୋନୀତ କରାଯାଇଛି। ଭାଜପା ଆଗାମୀ ୨୦୧୯ରେ ହେବାକୁ ଥିବା ସାଧାରଣ ନିର୍ବାଚନରେ ସମାଜର ତୃଣମୂଳସ୍ତରରେ ସାଧାରଣ ଲୋକଙ୍କ ଦାବି ଏବଂ ଆବଶ୍ୟକତାକୁ ନେଇ ଜିଲାର ସବୁ ବିଧାନସଭା କ୍ଷେତ୍ରରେ ସଙ୍କଳ୍ପ ପତ୍ର ଓ ନିର୍ବାଚନୀ ଇସ୍ତାହାର ତିଆରି କରାଯିବ ବୋଲି ଏକ ଲିଖିତ ପ୍ରେସ ବିବୃତ୍ତିରେ ଜିଲା ମିଡିଆ ସଂଯୋଜକ ଗୌରାଙ୍ଗ ଦାସ ସୂଚନା ଦେଇଛନ୍ତି।

**ପୂର୍ବ ତଟ ରେଳପଥ**
**‘ଇ’ କ୍ରୟ ପ୍ରଣାଳୀ**

ଟେଣ୍ଡର ବିଜ୍ଞପ୍ତି ସଂ.PCMM/EP/2018-19/22 ତା.28.01.2019 ରିଖ

“ଯୋଗାଣକାରୀମାନଙ୍କୁ ଅନୁରୋଧ କରାଯାଉଛି ଯେ, ଭାରତୀୟ ରେଳବାଇ ୱେବ୍‌ସାଇଟ୍ www.ireps.gov.in ଅବଲୋକନ କରନ୍ତୁ, ଯେଉଁଥିରେ କି ଏହି ରେଳପଥ ସମ୍ବନ୍ଧୀୟ ଟେଣ୍ଡରଗୁଡ଼ିକ ପ୍ରକାଶ କରାଯାଇଛି ଏବଂ ଟେଣ୍ଡର ନଥିପତ୍ରଗୁଡ଼ିକ ଉପଲବ୍ଧ ଅଛି। ଏହି ସାଇଟ୍ ମାଧ୍ୟମରେ ଅନ୍‌ଲାଇନ୍ ପ୍ରସ୍ତାବ ମଧ୍ୟ ଜମା କରାଯାଇପାରିବ।”

“ସମସ୍ତ ଯୋଗାଣକାରୀ/ବିକ୍ରେତାମାନଙ୍କୁ ଅନୁରୋଧ କରାଯାଉଛି ଯେ, ସେମାନେ ୱେବ୍‌ସାଇଟ୍ www.ireps.gov.in (Vendors log in) ଅବଲୋକନ କରି ଅନ୍‌ଲାଇନ୍‌ରେ ସେମାନଙ୍କ ବିଲ୍ (Bills) ଜମା କରିବେ, ଯାହା ଫଳରେ ବିଲ୍‌ଗୁଡ଼ିକୁ ଯାଞ୍ଚ କରାଯିବା ସହିତ ସେଗୁଡ଼ିକୁ ପ୍ରଣାଳୀ ମାଧ୍ୟମରେ ସ୍ୱତଃ ପୈଠ ନିମନ୍ତେ ପାରିତ କରାଯାଇପାରିବ।”

PR - 445/J/18-19 — ପ୍ରମୁଖ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ, ଭୁବନେଶ୍ୱର

**ODISHA JOINT ENTRANCE EXAMINATION-2019 (OJEE - 2019)**

**FOR ADMISSION TO B.PHARM/ M.Tech/ M.Tech(Part Time)/ M.Arch/ M.Pharm/M Plan/ MCA/ MBA /Int. MBA and LATERAL ENTRY TO B.Tech/ B.Pharm/ MCA COURSES IN UNIVERSITIES, GOVERNMENT AND PRIVATE COLLEGES OF ODISHA**

**OJEE 2019 is the state level entrance examination on the basis of which, OJEE will do counselling and admission to colleges/ University for the professional courses as mentioned above. Candidates can secure their seats for these courses in various colleges as per their Rank secured in the examination.**

(Application form can be filled up online through **www.ojee.nic.in / www.odishajee.com** only)
Please read in detail the Information Brochure / Instructions to fill On-line Application form, which can be downloaded from the website **www.ojee.nic.in/ www.odishajee.com**

**Entrance Examination for B.PHARM, INT. MBA, LATERAL ENTRY TO B.TECH/B.PHARM Courses will be pen-and-paper mode as per previous practice. However there will be Computer Based Test (CBT) for all post graduate courses such as, MBA, MCA, LATERAL ENTRY TO MCA, M.PHARM, M.ARCH, M.PLAN AND All M.TECH courses.**

| | |
|---|---|
| Date of Examination for Pen-and-paper mode | : 12th May, 2019 (Sunday) |
| Tentative Dates for CBT | : 12th to 20th May, 2019 |
| Fill-up of Online Application through OJEE website begins on | : 30th January, 2019 |
| Last date to fill-up of Online Application form | : 20th March, 2019 |
| Last date of online application fee payment | : 25th March, 2019 |
| Downloading admit card | : 20th April, 2019 onwards |

**ELIGIBILITY (Minimum qualification and marks secured to be a valid candidate for admission):**

| SL NO | STREAM | GENERAL | SC, ST | SUBJECT passed or appearing in 2019 |
|---|---|---|---|---|
| 1 | B PHARM | Pass | Pass | 10+2 Science with PHYSICS, CHEMISTRY as Compulsory Subjects along with MATHEMATICS/ BIOLOGY subjects) *Students possessing 10+2 qualification from non-formal and non-class rooms based schooling such as National Institute of Open Schooling, open school systems of States etc. shall not be eligible for admission to B.Pharm Course* |
| 2 | LE TECH | 45% | 40% | DIPLOMA IN ENGINEERING |
| 3 | LE PHARM | 45% | 40% | DIPLOMA IN PHARMACY |
| 4 | MBA | 50% | 45% | BACHELOR DEGREE IN ANY STREAM 3 YEARS DURATION or BE/ B.Tech |
| 5 | MCA | 50% | 45% | BACHELOR DEGREE IN BCA/ B.SC./ B.Com/B.A STREAM of 3 YEARS DURATION MUST HAVE PASSED MATHEMATICS AT 12th LEVEL OR AT GRADUATION LEVEL. BUSINESS MATHEMATICS IS NOT ALLOWED |
| 6 | LE MCA | 50% | 45% | BACHELOR DEGREE of 3 YEARS DURATION in BCA, BSc (IT/CS/IST/ITM), MUST HAVE PASSED MATHEMATICS AT 12th LEVEL OR AT GRADUATION LEVEL. BUSINESS MATHEMATICS IS NOT ALLOWED |
| 7 | Integrated MBA | 45% | 40% | 10 +2 LEVEL of all streams |
| 8 | M TECH/ M ARCH/ M PLAN | 50% | 45% | B Tech or Equivalent, As per the Information Brochure (OJEE-2019) |
| 9 | M PHARM | 55% | 50% | B. Pharm or Equivalent, As per the Information Brochure (OJEE-2019) |
| 10 | B SC LE | 45% | 40% | PCM OR PCB AT GRADUATION LEVEL (MUST HAVE MATHEMATICS AS A SUBJECT AND PASSED AT 12th LEVEL) |

**RESERVATION:** The reservation of seats in different colleges under various categories will be as per the policy of the Government of Odisha. The percentage of seats to be reserved for different categories is subject to change and the decision of the State Government and is applicable as on the date of counseling.

**OUTSIDE STATE CANDIDATE:** Outside State candidates are not eligible for admission in Government Colleges but they are eligible for admission to Private Colleges as per Odisha Government rule.

**CONTACT ADDRESS:**
Odisha Joint Entrance Examination Cell (JEE Cell), Gandamunda, P.O.: Khandagiri, Bhubaneswar – 751030, E-mail: **odishaojee@gmail.com**, Phone: 0674- 2382101, 2382108., Website: **www.ojee.nic.in/www.odishajee.com**
For further detail information regarding OJEE-2019, please visit the website **www.ojee.nic.in/ www.odishajee.com**
*Students can install OJEE android App from Google Play Store for latest information and notices.*

Sd/-
**CHAIRMAN, OJEE, ODISHA**

## ସଂକ୍ଷେପରେ

### ଚିଙ୍ଗୁଡିପୁରଠାରେ ଗଳାପୋଲ ନିର୍ମାଣ ଦାବି

**ଭଦ୍ରକ ଅଫିସ, ୨୯।୧:** ଜାତୀୟ ରାଜପଥ-୧୬ର ଚିଙ୍ଗୁଡିପୁରଠାରେ ଏକ ଗଳାପୋଲ(ଅଣ୍ଡରପାଶ) ନିର୍ମାଣ ପାଇଁ ବିଷ୍ଣୁପୁର ପଞ୍ଚାୟତ ନାଗରିକ ଓ ସୁରକ୍ଷା ମଞ୍ଚ ପକ୍ଷରୁ ଜିଲାପାଳଙ୍କ ନିକଟରେ ଲିଖିତ ଦାବି କରାଯାଇଛି। ସାମାଜିକ କର୍ମୀ ତଥା ବରିଷ୍ଠ ବିଜେଡି ନେତା ପ୍ରକାଶ ଚନ୍ଦ୍ର ସାହୁଙ୍କ ନେତୃତ୍ୱରେ ଶତାଧିକ ପଞ୍ଚାୟତବାସୀ ମଙ୍ଗଳବାର ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ଛକଟି ଏକ ଦୁର୍ଘଟଣା ପ୍ରବଣ ଛକ ଭାବେ ଚିହ୍ନଟ କରାଯାଇଛି। ଏଣୁ ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟ କରାଯାଉଥିବା ସମୟରେ ସେଠାରେ ଏକ ଗଳାପୋଲ କରାଯିବା ପାଇଁ ଦାବି କରାଯାଇଛି। ଯଦି ଏଠାରେ ଗଳାପୋଲ କରା ନ ଯାଏ ଆଗାମୀ ଶୁକ୍ରବାର ଠାରୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯିବ ବୋଲି କୁହାଯାଇଛି।

### ସାମାଜିକ କର୍ମୀଙ୍କ ସ୍ମୃତିଚାରଣ

**ଭଣ୍ଡାରିପୋଖରୀ, ୨୯।୧(ଡି.ଏନ.ଏ.):** ଭଣ୍ଡାରିପୋଖରୀ ବ୍ଲକ ନଗୁଁଆ ପଞ୍ଚାୟତର ସାମାଜିକ କର୍ମୀ ପବିତ୍ର ମୋହନ ମଲିକଙ୍କ ସ୍ମୃତିଚାରଣ ସଭା ପିତାମ୍ବର ମହାପାତ୍ରଙ୍କ ସଞ୍ଚାଳନାରେ ସୋମବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତ ମଲିକଙ୍କ ଫଟୋଚିତ୍ରରେ ନାଟ୍ୟକାର ସୁଧାକର ନନ୍ଦ ପୁଷ୍ପାଞ୍ଜଳୀ ପ୍ରଦାନ କରି ସଭା ଆରମ୍ଭ କରିଥିଲେ। ଏଥିରେ ଶିକ୍ଷାବିତ ଲକ୍ଷ୍ମୀଧର ନାୟକ, ସୁବ୍ରତ ଦାସ, ମନୋରଞ୍ଜନ ଜେନା, ପଟେଲ ସାହୁ, ନାଟ୍ୟକାର ଅରୁଣ ବାରିକ, ସୀତାକାନ୍ତ ଜେନା, ଡମ୍ବୁରଧର ବେହେରା, ମନୋଜ ପାଢ଼ୀ, ବିଜୟ କୁମାର ମଲିକ ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ ମଲିକଙ୍କ କର୍ମମୟ ଜୀବନର ସ୍ମୃତିଚାରଣ କରି ଶ୍ରଦ୍ଧାଞ୍ଜଳୀ ପ୍ରଦାନ କରିଥିଲେ। ପୁରୁଷୋତ୍ତମ ଧଳଙ୍କ ସଞ୍ଚାଳନାରେ ସ୍ଥାନୀୟ ଗ୍ରାମବାସୀ ସଭା ପରିଚାଳନାରେ ସହଯୋଗ କରିଥିଲେ।

### ଗୁଣାତ୍ମକ ଶିକ୍ଷାର ବିକାଶ ଉପରେ ଗୁରୁତ୍ୱ



**ଭଦ୍ରକା ଅଫିସ,୨୯।୧:** ଆର୍ଯ୍ୟ ଇଂଲିଶ୍ ମିଡିୟମ୍ ସ୍କୁଲର ୫ମ ବାର୍ଷିକ ଉତ୍ସବ ଗ୍ଲିଟର ବିଦ୍ୟାଳୟର ଅଧକ୍ଷ ଦିଲୀପ କୁମାର ନନ୍ଦୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସଭାରେ ସ୍କୁଲର ପ୍ରତିଷ୍ଠାତା ଧ୍ରୁବ ନନ୍ଦୀଙ୍କ ଉପସ୍ଥିତିରେ ମୁଖ୍ୟଅତିଥି ଭାବେ ଜିଲା ଶିକ୍ଷା ପ୍ରଶିକ୍ଷଣ ଅନୁଷ୍ଠାନ, ଆଗରପଡାର ଅଧକ୍ଷ ଡ. ଖଗେଶ୍ୱର ନାୟକ, ମୁଖ୍ୟବକ୍ତା ଭାବେ ମାନସ ପାଢ଼ୀ, ଅନ୍ୟତମ ଅତିଥି ଭାବେ ଘରୋଇ ବିଦ୍ୟାଳୟ ସଂଘର ସଭାପତି ଅଶୋକ ମହାନ୍ତି ଉପସ୍ଥିତ ରହି ଗୁଣାତ୍ମକ ଶିକ୍ଷାର ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ବାର୍ଷିକ କ୍ରୀଡା ଓ ଖାଦ୍ୟ ମେଳାରେ କୃତୀ ଛାତ୍ରୀଛାତ୍ର ତଥା ମା’ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ସ୍କୁଲର ଛାତ୍ରୀଛାତ୍ର ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ଶେରେ ୨ଟି ନାଟକ ମା’ ଓ ଜୟ ଜଗତ ହିନ୍ଦୀ ଭାଷାରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା। କଳା ଶିକ୍ଷକଙ୍କ ଦ୍ୱାରା ବାଲୁକା କଳା ପ୍ରଦର୍ଶନ କରାଯାଇଥିଲା। ଉକ୍ତ ଉତ୍ସବକୁ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ପରିଚାଳନା କରିଥିଲେ।

# ଭେଣ୍ଡିଂ ଜୋନ ଆବଣ୍ଟନକୁ ବିରୋଧ: କଂଗ୍ରେସ, ଭାଜପାର ଦାବିପତ୍ର

**ଭଦ୍ରକ ଅଫିସ,୨୯।୧**

ବନ୍ତଛକରେ ନିର୍ମାଣାଧୀନ ଥିବା ଦୋକାନ ଘର ଓ ନୂଆ ବସ୍‌ଷ୍ଟାଣ୍ଡ ନିକଟ ଅମୃତ ପାର୍କ ପାଖରେ ନିର୍ମାଣ ହେବାକୁ ଥିବା ଭେଣ୍ଡିଂ ଜୋନ ଆବଣ୍ଟନକୁ ଏବେ ବିବାଦ ମୁଣ୍ଡ ଟେକିଛି। କଂଗ୍ରେସ ଓ ଭାଜପା ପକ୍ଷରୁ ପୃଥକ ପୃଥକ ଭାବେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଉଦ୍ଦେଶ୍ୟ ମୂଳକ ଭାବେ ଜିଲା ପ୍ରଶାସନ ମନମୁଖୀ ଭାବେ ଆବଣ୍ଟନ ପାଇଁ ଯୋଜନା ଚଳାଇଥିବା ଅଭିଯୋଗ ହୋଇଛି। ଗତ ୧୮ ତାରିଖରେ ଜିଲାପାଳଙ୍କ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୩୩୮ ମୂଳେ ବିଜ୍ଞାପନ ପ୍ରକାଶ ପାଇଛି। ହେଲେ ଉକ୍ତ ବିଜ୍ଞାପନ ମୁତାବକ ୨ ଲକ୍ଷ ଟଙ୍କା ଜମା କରାଯିବାକୁ ନିର୍ଦ୍ଦେଶ ରହିଛି। ଯାହାକୁ ଭାଜପା ନଗର କମିଟି ତଥା କଂଗ୍ରେସ ପକ୍ଷରୁ ତୀବ୍ର ବିରୋଧ କରାଯାଇଛି। ଦୋକାନ ଘର ନିମନ୍ତେ ଜମା ଦେବାକୁ ଥିବା ୨ ଲକ୍ଷ ଟଙ୍କାକୁ କମ କରାଯିବା, ଭେଣ୍ଡିଂ ଜୋନ ବାବଦ ଜମା ଟଙ୍କା ୨୨ହଜାର ୫ଶହ ଟଙ୍କାକୁ ମଧ୍ୟ କମ୍ କରାଯିବା, ଦୋକାନ ଘର ଓ ଭେଣ୍ଡିଂଜୋନ ନିର୍ମାଣ ସମ୍ପୂର୍ଣ୍ଣ ହେବା ପରେ ବିଜ୍ଞାପନ ପ୍ରକାଶ କରାଯିବା ଏବଂ ଦୋକାନ ଘର ଓ ଭେଣ୍ଡିଂ ଜୋନ ଆବଣ୍ଟନ ଲଟେରୀ ମାଧ୍ୟମରେ କରାଯିବାକୁ ଦାବି କରି ମଙ୍ଗଳବାର ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଅତିରିକ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ରଙ୍କୁ ଭାଜପା ନଗର ସଭାପତି ରଞ୍ଜନ କୁମାର ସ୍ୱାଇଁ, ପୂର୍ବତନ କାଉନସିଲର ତଥା ଜିଲା ସାଧାରଣ ସମ୍ପାଦକ ଶରତ ପଢ଼ିଆରୀ, ପୂର୍ବତନ କାଉନସିଲର ଘାଉଲୀ ଜେନା, ପ୍ରଭାତ ମହାନ୍ତି, ସଂଖ୍ୟାଲଘୁ ମୋର୍ଚ୍ଚାର ତନବୀର ଖାଁ, ଜିଲା ଉପସଭାପତି ତପନ ମହାନ୍ତି ଓ ଅମ୍ବିକା ପ୍ରସନ୍ନ ଦାସ ପ୍ରମୁଖ ପ୍ରଦାନ କରିଛନ୍ତି। ସେହିଭଳି କଂଗ୍ରେସ ପକ୍ଷରୁ ସୋମବାର ଖବରଦାତା ସମ୍ମିଳନୀ କରାଯାଇ ପ୍ରଶାସନର ଏହି ନିଷ୍ପତ୍ତିକୁ ବିରୋଧ କରାଯାଇଛି। କଂଗ୍ରେସର ଖବରଦାତା ସମ୍ମିଳନୀରେ ଜିଲା କଂଗ୍ରେସର କାର୍ଯ୍ୟକାରୀ ସଭାପତି ନଳିନୀ ମହାନ୍ତି, ଟାଉନ କଂଗ୍ରେସ ସଭାପତି ଅବଦୁଲ ମୁକିତ ଖାଁ, ଜିଲା ମାଇନର କମ୍ୟୁନିଟି ସଭାପତି ସେକ୍ ସମ୍‌ଦାନୀ, ପିସିସି ସମ୍ପାଦକ ସେକ୍ ଗୁଲାମ ମହିଉଦ୍ଦିନ, ପୂର୍ବତନ କାଉନସିଲର ଆସ୍‌ରଫ୍ ଅଲ୍ଲୀ ଖାଁ, ଅତୁଲ୍ୟ ନାୟକ, ଉର୍ମିଳା ଚୌଧୁରୀ, ଅଶୋକ ମହାପାତ୍ର, ଜିଲା ସମ୍ପାଦକ ତପନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ମା’ ତାରିଣୀଙ୍କ ବିଗ୍ରହ ସ୍ଥାପନ ଉତ୍ସବ



ଗ୍ରାମବାସୀଙ୍କ ଦ୍ୱାରା କଳସ ଶୋଭାଯାତ୍ରା।

**ଭଦ୍ରକା ଅଫିସ,୨୯।୧**

ଭଦ୍ରକ ପୌରପାଳିକା ଅନ୍ତର୍ଗତ ଗବସାହି ଠାରେ ସଙ୍କଟ ତାରିଣୀଙ୍କ ମନ୍ଦିର ପ୍ରତିଷ୍ଠା ଓ ବିଗ୍ରହ ସ୍ଥାପନ ଉତ୍ସବ ପାଳନ କରାଯାଇଛି। ସୋମବାର ପ୍ରଥମ ଦିବସରେ ମା’ଙ୍କର କଳସ ଶୋଭାଯାତ୍ରାରେ ଶତାଧିକ ମହିଳା ଓ ପୁରୁଷମାନେ ଅଂଶ ଗ୍ରହଣ କରିଥିଲେ। ସାଳନ୍ଦୀ ନଦୀରୁ କଳସ ବୁଡ଼ାଇ ଗବସାହି, ସାହାପୁର, ମୋଟେଲ ଛକ ପରିକ୍ରମା କରିଥିଲେ। ଶତାଧିକ ଭକ୍ତଙ୍କ ହରବୋଲି, ହୁଳହୁଳି ଓ ଶଙ୍ଖଧ୍ୱନୀରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଘଟୋତ୍ତଳନ ଓ କଳସ ଶୋଭାଯାତ୍ରା ନଗର ପରିକ୍ରମା ପରେ ମା’ଙ୍କ ପୀଠସ୍ଥଳ ନିକଟରେ ଘଟସ୍ଥାପନା କରାଯାଇଥିଲା। ଦିବା ୧ଘଟିକା ସମୟରେ ପ୍ରସାଦ ସେବନ କରାଯିବା ସହ ଅପରାହ୍ନରେ ଧ୍ୱଜ ଉତ୍ତୋଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ନୈଷ୍ଠିକ ବ୍ରାହ୍ମଣ ପଣ୍ଡିତଙ୍କ ଦ୍ୱାରା ନିର୍ଦ୍ଧାରିତ ସମୟରେ ପୂଜାର୍ଚ୍ଚନା କରାଯାଇଥିଲା। ମଙ୍ଗଳବାର ମା’ଙ୍କର ଗୃହ ପ୍ରବେଶ, ଚଣ୍ଡୀପାଠ ସହ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା। ବୁଧବାର ନାମଯଜ୍ଞ ମହୋତ୍ସବ ଅନୁଷ୍ଠିତ ହେବା ସହ ନଗର କୀର୍ତ୍ତନ କାର୍ଯ୍ୟକ୍ରମ ଓ ପ୍ରସାଦ ସେବନର କାର୍ଯ୍ୟକ୍ରମ ରହିଥିବା କୁହାଯାଇଛି।

## ରୋଗୀ କଲ୍ୟାଣ ସମିତିର ସ୍ୱାସ୍ଥ୍ୟ ପରିଚାଳନା ସଭା



ବୈଠକରେ ଉପସ୍ଥିତ କର୍ମକର୍ତ୍ତାମାନେ।

**ଭଣ୍ଡାରିପୋଖରୀ, ୨୯।୧(ଡି.ଏନ.ଏ.)**

ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସମ୍ମିଳନୀ ଗୃହ ଠାରେ ମଙ୍ଗଳବାର ରୋଗୀ କଲ୍ୟାଣ ସମିତିର ୨ୟ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ଉପାଧ୍ୟକ୍ଷା ଜ୍ୟୋତ୍ସ୍ନାରାଣୀ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଚିକିତ୍ସାଧିକାରୀ ଡା. କମଳାକାନ୍ତ ସ୍ୱାଇଁ ସ୍ୱାଗତ ଭାଷଣ ବକ୍ତବ୍ୟ ରଖିଥିଲେ। ଏଥିରେ ମଞ୍ଜୁରି, ଜଗନ୍ନାଥ ପ୍ରସାଦ, ବିରୋଳୀ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ବିଭିନ୍ନ ଅଭାବ ଅସୁବିଧା, ସ୍ୱାସ୍ଥ୍ୟକେନ୍ଦ୍ର ଗୁଡିକର ପରିବେଶ ପରିଚ୍ଛନ୍ନତା ଓ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରାଯାଇ ରୋଗୀମାନଙ୍କ ପାଇଁ ଆବଶ୍ୟକୀୟ ଔଷଧ, ଆନୁଷଙ୍ଗିକ ସାହାଯ୍ୟ ମହଜୁତ ରଖାଯିବା ପାଇଁ ଗୁରୁତ୍ୱ ଦିଆଯାଇଥିଲା। ଡା. ଅରୁଣ କୁମାର ନାୟକ, ଡା. ହୃଦୟ ପ୍ରଧାନ, ଡା. ତପନ ବେହୁରିଆ, ଗୋଷ୍ଠୀ ସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଅନିତା ରାଉତ, ବିଡିଓ ବନମାଳୀ ତରାଇ, ବଳଦେବଜୀଉ ହାଇସ୍କୁଲ ପ୍ରଧାନଶିକ୍ଷକ ରବୀନ୍ଦ୍ର କୁମାର ମହାରଣା, ଭଗବାନ ପ୍ରଧାନ, ସୁପରଭାଇଜର ସତ୍ୟଭାମା ସାହୁ, ଦେବଦର୍ଶନୀ ପ୍ରିତିରେଖା, ମଞ୍ଜୁଲତା ଜେନା, ବରିଷ୍ଠ ନାଗରିକ ବ୍ରହ୍ମାନନ୍ଦ ଜେନା, ଦିଲୀପ ରାଉତ ପ୍ରମୁଖ ଯୋଗ ଦେଇ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡିକରେ ପରିବେଶ ପରିଚ୍ଛନ୍ନତା, ଜନସଚେତନତା ଉପରେ ଗୁରୁତ୍ୱାରୋପ କରିଥିଲେ। ରୋଗୀମାନଙ୍କ ପାଇଁ ପର୍ଯ୍ୟାପ୍ତ ଔଷଧ ମହଜୁଦ ରଖିବା ପାଇଁ ପ୍ରସ୍ତାବ ରଖିଥିଲେ। ଚିକିତ୍ସାଧିକାରୀ ଡା. କମଳାକାନ୍ତ ସ୍ୱାଇଁ ଲୋକମାନଙ୍କୁ ତତ୍କାଳ ସେବା ଯୋଗାଇ ଦେବା ପାଇଁ ପରାମର୍ଶ ଦେଇଥିଲେ। ଗୋଷ୍ଠୀ ଯୋଜନା ପରିଚାଳକ ଜୟନ୍ତ କୁମାର ଭୋଇ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

## ନେହେରୁ ଯୁବ କେନ୍ଦ୍ର ପକ୍ଷରୁ ବିଭିନ୍ନ ପ୍ରତିଯୋଗିତା

**ଭଣ୍ଡାରିପୋଖରୀ, ୨୯।୧(ଡି.ଏନ.ଏ.)**

ଭଣ୍ଡାରିପୋଖରୀ ବ୍ଲକ ଅଧୀନ ଜଳମଣ୍ଡୁଆ ପଞ୍ଚାୟତର ଚନ୍ଦ୍ରପୁର ଗ୍ରାମରେ ନେହେରୁ ଯୁବ କେନ୍ଦ୍ର ଦ୍ୱାରା ଆୟୋଜିତ ଜୟ ଜବାନ ଜୟ କିଷାନ ଯୁବକ ସଂଘ ପକ୍ଷରୁ ଆଖପାଖ ଅଞ୍ଚଳର ପିଲାମାନଙ୍କୁ ନେଇ ଦୌଡ ପ୍ରତିଯୋଗିତା, ଲଙ୍ଗଜମ୍ପ, ହାଇଜମ୍ପ ହେବା ସହ ଏକ ଭଲିବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥିଲା। ଭଲିବଲ ଟୁର୍ନାମେଣ୍ଟରେ ସ୍ଥାନୀୟ ମଙ୍ଗୁଳିଆସାହି, ଗୁଣ୍ଡୁପୁର, ତାଳସିଠା, ଚନ୍ଦ୍ରପୁର, ଧାମନଗର, ଚୁଡାକୁଟିର ଦଳ ମାନେ ଭାଗ ନେଇଥିଲେ। ଏଥିରେ ଫାଇନାଲ ମ୍ୟାଚ ଗାଜି କ୍ଲବ ଚୂଡାକୁଟି ଓ ଗୁଣ୍ଡୁପୁର କ୍ଲବ ସହିତ ହୋଇଥିଲା। ଗାଜି କ୍ଲବ ୨.୧ରେ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ଗୁଣ୍ଡୁପୁର କ୍ଲବ ରନର୍ସ ଅପ୍ ହୋଇଥିଲା। ସୋମବାର ସନ୍ଧ୍ୟାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ଅତିଥି ଭାବେ ଭାଜପା ଜଳମଣ୍ଡୁଆ ପଞ୍ଚାୟତ ସଭାପତି ବଳରାମ ରାଉତ, ଯୁବକ ସଂଘ ସମ୍ପାଦକ ପ୍ରଦୀପ କୁମାର ସାମଲ ଯୋଗ ଦେଇ ଚାମ୍ପିୟନ ଗାଜି କ୍ଲବକୁ ସିଲ୍ଡ ଓ ନଗଦ ଅର୍ଥ ପ୍ରଦାନ କରି ପୁରସ୍କୃତ କରିଥିଲେ। କ୍ଲବର ସଦସ୍ୟ ମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଇଲେକ୍ଟ୍ରିକାଲ କଣ୍ଟ୍ରାକ୍ଟର, କର୍ମୀଙ୍କ ଅନଶନ

**ଭଦ୍ରକ ଅଫିସ,୨୯।୧**




ଅନଶନରେ ବସିଥିବା ଇଲେକ୍ଟ୍ରିକାଲ କଣ୍ଟ୍ରାକ୍ଟର ଓ ସହଯୋଗୀ।

ଭଦ୍ରକ ଜିଲାରେ କାର୍ଯ୍ୟ କରୁଥିବା ଇଲେକ୍ଟ୍ରିକାଲ କଣ୍ଟ୍ରାକ୍ଟରଙ୍କୁ ଜିଲା ଗ୍ରାମ୍ୟ ଉନ୍ନୟନ ବିଭାଗର ବିଦ୍ୟୁତ ସେକ୍ସନ ପକ୍ଷରୁ କାର୍ଯ୍ୟ ଯୋଗାଣ ହେଉ ନ ଥିବା ପ୍ରତିବାଦରେ ଦୁଇ ଦିନ ଧରି କଣ୍ଟ୍ରାକ୍ଟର ଏବଂ ତାଙ୍କ ଅଧୀନରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କ ପ୍ରତିନିଧି ଆମରଣ ଅନଶନରେ ବସିଥିଲେ। ମାତ୍ର କୌଣସି ପ୍ରଶାସନିକ ଅଧିକାରୀ ତାଙ୍କ ଦାବି ପ୍ରତି ଧ୍ୟାନ ନ ଦେବାରୁ ବାଧ୍ୟ ହୋଇ ଅନଶନକାରୀ ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ଦେଇ ଅନଶନ ପ୍ରତ୍ୟାହାର କରିଛନ୍ତି। ଭଦ୍ରକ ଜିଲାର ବିଭିନ୍ନ ସରକାରୀ ଗୃହର ବିଦ୍ୟୁତୀକରଣ ପାଇଁ ସ୍ୱୀକୃତିପ୍ରାପ୍ତ କଣ୍ଟ୍ରାକ୍ଟର କାର୍ଯ୍ୟ କରିବା ନିୟମ ରହିଛି। ମାତ୍ର ବିଭାଗୀୟ ଅଧିକାରୀମାନେ ଭଦ୍ରକ ଜିଲାର କଣ୍ଟ୍ରାକ୍ଟରଙ୍କୁ କାର୍ଯ୍ୟ ନ ଦେଇ ବାଲେଶ୍ୱରର ଜଣେ କଣ୍ଟ୍ରାକ୍ଟରଙ୍କୁ କାର୍ଯ୍ୟଭାର ଦେଉଛନ୍ତି। ବାରମ୍ବାର ଅଭିଯୋଗ ପରେ ମଧ୍ୟ ଏଥିପ୍ରତି ଦୃଷ୍ଟି ଦିଆଯାଉନଥିବା ଅଭିଯୋଗ କରାଯାଇଛି। ଫଳରେ କନଷ୍ଟ୍ରକ୍‌ସନ୍ ଅଧୀନରେ କାର୍ଯ୍ୟ କରୁଥିବା ୨୬ଜଣ କର୍ମଚାରୀ ମଧ୍ୟ ହତାଶରେ ଦିନ କାଟୁଛନ୍ତି। ଏହାକୁ ବିରୋଧ କରି ଭଦ୍ରକର କଣ୍ଟ୍ରାକ୍ଟରଙ୍କୁ କାର୍ଯ୍ୟ ଯୋଗାଇବା ଦାବିରେ ଚନ୍ଦ୍ରକାନ୍ତ ସାବତ, ନିରାକାର ସାମଲ ଓ ଅନ୍ୟମାନେ ଗ୍ରାମ୍ୟ ଉନ୍ନୟନ ବିଭାଗ କାର୍ଯ୍ୟାଳୟ ପରିସରରେ ସୋମବାର ଠାରୁ ଅନଶନରେ ବସି ରହିଥିଲେ। ମଙ୍ଗଳବାର ସନ୍ଧ୍ୟା ପର୍ଯ୍ୟନ୍ତ ଜିଲାର କୌଣସି ପ୍ରଶାସନିକ ଅଧିକାରୀ ଅନଶନକାରୀଙ୍କ ସହ ଆଲୋଚନା ନ କରିବାରୁ ମ୍ରିୟମାଣ ହୋଇ ଅନଶନକାରୀ ମଙ୍ଗଳବାର ସନ୍ଧ୍ୟାରେ ଅତିରିକ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ରଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରି ଅନଶନରୁ ଓହରି ଯାଇଛନ୍ତି। ଜିଲା ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆ ନ ଗଲେ ଆଗାମୀ ଦିନରେ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ସାବତ କହିଛନ୍ତି।

■ କପିଳ ମୁନି ମହୋତ୍ସବ

## ମନ ମୋହିଲା ସାଂସ୍କୃତିକ କାର୍ଯ୍ୟକ୍ରମ

**ପଦ୍ମପୁର, ୨୯।୧(ଡି.ଏନ.ଏ.)**



ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ନୃତ୍ୟଶିଳ୍ପୀମାନେ।

ବାସୁଦେବପୁର ବ୍ଲକର ବିଦେଇପୁର କପିଳ ମୁନୀ ପଡିଆରେ କପିଳ ମୁନି ମହୋତ୍ସବର ୬ଷ୍ଠ ଦିବସ ପାଳିତ ହୋଇଯାଇଛି। ଆୟୋଜିତ ଉତ୍ସବରେ ବାସୁଦେବପୁର ପୌରାଧ୍ୟକ୍ଷ ଅଶୋକ କୁମାର ଦାସ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସଭାରେ ରାଧାକୃଷ୍ଣ ଦାସ, ଗୁରୁ ଧନେଶ୍ୱର ସ୍ୱାଇଁ, ବିଶିଷ୍ଟ କଣ୍ଠଶିଳ୍ପୀ ସୁବାସ ଦାସ, ବଲିଉଡର ଅଭିନେତା ଆୟୁଷ ଜାଡେଜା, କଲିକତାର ନୃତ୍ୟଶିଳ୍ପୀ ଗୁରୁ ବିମ୍ବାଧର ଦାସଙ୍କୁ ସମ୍ମାନିତ କରାଯାଇଥିଲା। ଏହା ପରେ କଥକ, ଓଡିଶୀ ନୃତ୍ୟ, କଲିକତାର ନୃତ୍ୟଶିଳ୍ପୀ ମାନଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା। ସୁବାଷ ଦାସ ସଙ୍ଗୀତ ପରିବେଷଣ କରିଥିବା ବେଳେ ଅଭିନେତା ଆୟୁଷ ଜାଡେଜା ବଲିଉଡର ପ୍ରସିଦ୍ଧ କଳାକାର ମାନଙ୍କର ନକଲ କରିଥିଲେ। ଲଉଡି ଗବେଷଣା କେନ୍ଦ୍ରର ପ୍ରତିଷ୍ଠାତା ଗୁରୁ ନିତ୍ୟାନନ୍ଦ ଦାସ, ଅଶୋକ ଦାସ, ସୂର୍ଯ୍ୟକାନ୍ତ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

■ ବ୍ଲକସ୍ତରୀୟ ଶିକ୍ଷକ କ୍ରିକେଟ ଟୁର୍ନାମେଣ୍ଟ

## ବାଲିପାଟଣା ଟିମ୍ ଚାମ୍ପିୟନ

**ଧାମନଗର,୨୯।୧(ଡି.ଏନ.ଏ.)**

ଧାମନଗର ବ୍ଲକ ସ୍ତରୀୟ ତୃତୀୟ ବାର୍ଷିକ ଶିକ୍ଷକ କ୍ରିକେଟ ଟୁର୍ନାମେଣ୍ଟରେ ଖଙ୍ଗରା ଟିମକୁ ହରାଇ ବାଲିପାଟଣା ଚାମ୍ପିୟନ ହୋଇଛି। ଖେଳ ସୂଚନା ଅନୁସାରେ ପଙ୍ଗଟା, ତାଳପଦା, ଧାମନଗର ,ବାଲିପାଟଣା, ଖଙ୍ଗର, ସହିଦନଗର ଟିମ ମଧ୍ୟରେ ଲିଗ ଏବଂ ସେମିଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା। ସେଥିମଧ୍ୟରୁ ବାଲିପାଟଣା ଏବଂ ଖଙ୍ଗରାଟି ଫାଇନାଲକୁ ଉନ୍ନୀତ ହୋଇଥିଲେ। ଫାଇନାଲ ଖେଳରେ ବାଲିପାଟଣା ଟିମ ନିର୍ଦ୍ଧାରିତ ୧୨ ଓଭରରେ ୭ ଉଇକେଟ ହରାଇ ୧୨୭ ରନ ସଂଗ୍ରହ କରିଥିବାବେଳେ ଜବାବରେ ଖଙ୍ଗରା ଟିମ ନିର୍ଦ୍ଧାରିତ ଓଭରରେ ୭ ଉଇକେଟ ହରାଇ ୧୧୪ ରନରେ ସୀମିତ ରହିଥିଲା। ଦେଶବନ୍ଧୁ କ୍ଲଷ୍ଟର ସାଂସ୍କୃତିକ ମଞ୍ଚ ତରଫରୁ ଟୁର୍ନାମେଣ୍ଟ ଆୟୋଜନ ହୋଇଥିବାବେଳେ ଗଡିଆଳି ପଞ୍ଚାୟତ ଖେଳପଡିଆରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପୁରସ୍କାର ବିତରଣୀ ଉତ୍ସବ ନିରାକାର ରାଉତଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ଗଡିଆଳି ପଞ୍ଚାୟତ ସମିତି ସଭ୍ୟ ହରେକୃଷ୍ଣ ପାଢୀ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ବ୍ଲକ ବିଇଓ ପବିତ୍ର ମୋହନ ବାରିକ ଯୋଗଦେଇ ଯୁବ ଶିକ୍ଷକ ମାନଙ୍କ ଦ୍ୱାରା ଆୟୋଜିତ ଟୁର୍ନାମେଣ୍ଟ ଦ୍ୱାରା ସେମାନେ ନିଜେ ଶାରିରୀକ ବିକାଶ ହେବା ସହିତ ଛାତ୍ରୀଛାତ୍ରଙ୍କୁ ପ୍ରେରଣା ମିଳିବ ବୋଲି ବକ୍ତବ୍ୟରେ କହିଥିଲେ। ସମ୍ମାନିତ ଅତିଥି ଭାବେ ତାରାକାନ୍ତ ମିଶ୍ର, ଅମରେନ୍ଦ୍ର ନାୟକ, ରବୀନ୍ଦ୍ର ପାଣିଗ୍ରାହୀ, ହୁନକ ମଲିକ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଗଙ୍ଗାଧର ଦେହୁରୀ ଅତିଥି ପରିଚୟ, ମନ୍ମଥ ରାଉତ ଧନ୍ୟବାଦ ଦେଇଥିଲେ। ଅମ୍ପାୟାର ଭାବେ ଭାବେ ଅଶ୍ୱିନୀ ବେହେରା, କିଶୋର ନାୟକ, ଧାରା ବିବରଣୀ ହାପା ମାରାଣ୍ଡି, ହେମେନ୍ଦ୍ର ମହାନ୍ତି, ବିଜୟ ସାମନ୍ତ, ରବୀନ୍ଦ୍ର ବେହେରା ସ୍କୋରର ଭାବେ ଗଣପତି ଜେନା ଏବଂ ସୁରେଶ ସାହୁ ସହଯୋଗ କରିଥିଲେ।

## ପୁରାତନ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ

**ଭଦ୍ରକ ଅଫିସ,୨୯।୧**

ଭଦ୍ରକ ହାଇସ୍କୁଲର ୧୯୯୩ ମାଟ୍ରିକ୍ ବ୍ୟାଚର ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ନଳାଙ୍ଗ ଖଡ଼ି ପଡିଆଠାରେ ଅନୁଷ୍ଠିତ ହୋଇଯାଇଛି। ମୋଟ ୬୦ରୁ ଊର୍ଦ୍ଧ୍ୱ ପୁରୁଣା ବନ୍ଧୁ ମାନଙ୍କୁ ନେଇ ଏହି କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ବନ୍ଧୁମିଳନ କମିଟିର ଆବାହକ ସତ୍ୟନାରାୟଣ ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ହିମାଂଶୁ ଭୂଷଣ ସାହୁ, ନିହାର ରଞ୍ଜନ କୁଅଁର, ଶୈଳେଶ ସାମାନୀ, ବିଜୟ ଭାୟାଣୀ, ବିନୟ ସ୍ୱାଇଁ, ସୌମ୍ୟକାନ୍ତ ମହାନ୍ତି, ସର୍ବେଶ୍ୱର ମହାପାତ୍ର, ଦୀପକ ସିଂ, ବିକାଶ ଶ୍ରେଷ୍ଠା, ଜଗନ୍ନାଥ ସାହୁ, ରାକେଶ ଦାସ, ସତ୍ୟଭୂଷଣ ସ୍ୱାମୀ, ଅବିନାଶ ପଣ୍ଡା, ତପନ ଭଟ୍ଟାଚାର୍ଯ୍ୟ, ଅଜୟ ଭଟ୍ଟାଚାର୍ଯ୍ୟ, ପଞ୍ଚାନନ ସାହୁ ପ୍ରମୁଖ ଉପସ୍ଥିତ ରହି ପୁରୁଣା ସ୍ମୃତି ବାଣ୍ଟିଥିଲେ। ପ୍ରଥମ କରି ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମକୁ ଆଗକୁ ଆହୁରି ଭଲ ଭାବେ ଆୟୋଜନ କରାଯାଇ ଜିଲା ତଥା ଭଦ୍ରକ ହାଇସ୍କୁଲର ବିକାଶ ଦିଗରେ କାର୍ଯ୍ୟ କରିବେ ବୋଲି ସମସ୍ତେ ଏକମତ ହୋଇଥିଲେ।

■ ଜିଲାସ୍ତରୀୟ ଯୁବ ସଂସଦ କାର୍ଯ୍ୟକ୍ରମ

## ୪୪ ପ୍ରତିଯୋଗୀ ଭାଗ ନେଲେ

**ବାସୁଦେବପୁର, ୨୯।୧(ଡି.ଏନ.ଏ.)**




ଯୁବ ସଂସଦ ମଞ୍ଚରେ ଉପସ୍ଥିତ ଅତିଥି।

ବାସୁଦେବପୁର ଅଟଳ ବିହାରୀ କଲେଜ ପରିସରରେ ଜିଲାର ବିଭିନ୍ନ ମହାବିଦ୍ୟାଳୟର ଛାତ୍ରୀଛାତ୍ର ତଥା ୧୮ ରୁ ୨୪ ବର୍ଷର ଯୁବତୀ ଯୁବକଙ୍କୁ ନେଇ ଜିଲାସ୍ତରୀୟ ଯୁବ ସଂସଦ କାର୍ଯ୍ୟକ୍ରମ ସୋମବାର ଦିବସ ବ୍ୟାପୀ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଏନଏସଏସର ନିର୍ଦ୍ଦେଶକ ଆର. ଗୋକୁଳକ୍ରୀଷ୍ଣ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ୪୪ ପ୍ରତିଯୋଗୀ ଛାତ୍ରୀଛାତ୍ର, ଯୁବତୀ ଯୁବକ ଯୋଗଦାନ କରି ଆତଙ୍କବାଦ, ଜଳବାୟୁ ପରିବର୍ତ୍ତନ, ଅର୍ଥନୀତି, ଅର୍ଥନୈତିକ ଅପରାଧ ଆଇନ ସମ୍ପର୍କରେ ବକ୍ତୃତା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସଂଯୋଜକ ଅଧ୍ୟାପକ ଡ. ବସନ୍ତ ଦାସ ମଞ୍ଚ ସଂଯୋଜନା କରିଥିଲା ବେଳେ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ମନୋରଞ୍ଜନ ମିଶ୍ର ସଭାରେ ପୌରୋହିତ୍ୟ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଚାରକ ଭାବେ ବରିଷ୍ଠ ସାମାଜିକ କର୍ମୀ ଏସ୍‌ଏମ୍ ଫାରୁକ, ପୂର୍ବତନ ଅଧ୍ୟକ୍ଷ ସୂର୍ଯ୍ୟମଣି ଶତପଥୀ, ପୂର୍ବତନ ନଗରପାଳ ଅଞ୍ଜୁଲତା ମହାନ୍ତି, ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ମୁରଲୀଧର ସାହୁ, ଆଇନଜୀବୀ ଶ୍ରୀକାନ୍ତ ତ୍ରିପାଠୀ ପ୍ରମୁଖ ଯୋଗ ଦେଇ ଛାତ୍ରୀଛାତ୍ରଙ୍କର ବକ୍ତୃତାର ମୂଲ୍ୟାୟନ କରିଥିଲେ।

## ପ୍ରଦୂଷଣ ବଢ଼ାଉଛି ସୋଲ ଥାଳି, ଦନା

**ପଦ୍ମପୁର,୨୯।୧(ଡି.ଏନ.ଏ.)**



କଞ୍ଝୁଡି ନଦୀ କୂଳରେ ଗୁଡ଼ ଗୁଡ଼ ସୋଲ ଦନା।

■ କଟକଣା ନ ଥିବାରୁ ବଢୁଛି ବ୍ୟବହାର

■ ଦୂଷିତ ପାଣି ପିଇ ପଶୁପକ୍ଷୀ ରୋଗାକ୍ରାନ୍ତ

ଏକବିଂଶ ଶତାବ୍ଦୀର କ୍ରମ ବର୍ଦ୍ଧିଷ୍ଣୁ ଜନସଂଖ୍ୟା ସହ ଦୂରଦୃଷ୍ଟିର ଅଭାବ ତଥା କୃତ୍ରିମ ଉପାୟରେ ପ୍ରସ୍ତୁତ ପଲିଥିନ, ସିନ୍ଥେଟିକ, ସୋଲ, ଥାଳି, ଦୋନା ଆଦିର ବ୍ୟବହାର ପ୍ରଦୂଷଣ ବଢାଇ ଚାଲିଛି। ଏଥିଯୋଗୁଁ ପ୍ରକୃତିର ସନ୍ତୁଳନ ବିଗିଡିବା ସହ ମଣିଷ, ପଶୁପକ୍ଷୀ, ବୃକ୍ଷଲତା ମଧ୍ୟ ପ୍ରଭାବିତ ହେଉଛନ୍ତି। ସବୁଠାରୁ ବଜାରରେ ବ୍ୟବହୃତ ପଲିଥିନ ଓ ସିନ୍ଥେଟିକ ସୋଲରୁ ପ୍ରସ୍ତୁତ ବିଭିନ୍ନ ସାମଗ୍ରୀ ଜଳ ଓ ମୃତ୍ତିକାକୁ ବିଶେଷ ଭାବେ ପ୍ରଦୂଷିତ କରୁଛି। ବାସୁଦେବପୁର ବ୍ଲକ ଅଧୀନ ସୁଗୋ, ପଦ୍ମପୁର ଦେଇ ପ୍ରବାହିତ କଞ୍ଝୁଡି ନଦୀରେ ବହୁଳ ପରିମାଣରେ ପଲିଥିନ ଓ ସିନ୍ଥେଟିକ ସୋଲ ଥାଳି ଦୋନା ପଡି ପରିବେଶ ସହ ଜଳକୁ ପ୍ରଦୂଷଣ କରୁଛି। ଫଳରେ ନଦୀର ମାଛ, ନଈପାଣିକୁ ବ୍ୟବହାର କରୁଥିବା ଜନସାଧାରଣ ଓ ଗୋରୁଗାଈ ବିଶେଷ ଭାବେ ରୋଗାଗ୍ରସ୍ତ ହେଉଛନ୍ତି। ବିଭିନ୍ନ ଜାଗାରେ କଞ୍ଝୁଡି ନଈରେ ଅଳିଆ ଜମା ହେବା ଫଳରେ ଜଳ ପ୍ରବାହିତ ହୋଇପାରୁନାହିଁ। ଆଗକୁ ଖରାଦିନ ଆସୁଥିବା ବେଳେ ଗୋରୁଗାଈ, ଜୀବଜନ୍ତୁ ପାଣି ଟୋପାଏ ବି ପିଇବାକୁ ପାଇବେ ନାହିଁ। ଆଗରୁ ବିଭିନ୍ନ ଭୋଜି ପର୍ବପର୍ବାଣି ତଥା ହୋଟେଲ ମାନଙ୍କରେ ଶାଳପତ୍ରରେ ତିଆରି ଠୁଙ୍ଗା ଓ ଥାଳି ବ୍ୟବହାର ହେଉଥିଲା। ଯାହା ବ୍ୟବହାରର ଅଳ୍ପଦିନ ପରେ ମାଟିରେ ମିଶି ଯାଉଥିଲା। ହେଲେ ରାସାୟନିକ ପଦ୍ଧତିରେ ତିଆରି ହେଉଥିବା ସାମଗ୍ରୀ ଗୁଡିକ ମାଟିରେ ମିଶୁ ନ ଥିବା ବେଳେ ପ୍ରଦୂଷଣର ମୁଖ୍ୟକାରଣ ପାଲଟିଛି। ଏ ବ୍ୟବହାର ନେଇ କୌଣସି ସରକାରୀ କଟକଣା ନ ଥିବା ବେଳେ ସଚେତନତାର ଅଭାବ ମଧ୍ୟ କାରଣ ସାଜିଛି। ଆଗାମୀ ଦିନରେ ଏ ନେଇ ସରକାର ନିୟମ ପ୍ରବର୍ତ୍ତନ କରି ରାସାୟନିକ ଉପାୟରେ ତିଆରି ସାମଗ୍ରୀ ଗୁଡିକର ବ୍ୟବହାର ଉପରେ କଟକଣା ନ ଲଗାଇଲେ ପରିବେଶ ପ୍ରଦୂଷଣ ହେବା ସହ ମାନବ ସମାଜ, ଜୀବଜନ୍ତୁ ବହୁଳ ଭାବେ ପ୍ରଭାବିତ ହେବେ ବୋଲି ସ୍ଥାନୀୟ ସମିତିସଭ୍ୟ ବନଜ କୁମାର ମହାପାତ୍ର କହିଛନ୍ତି।

## ସଂକ୍ଷେପରେ

### ୟାସିନ୍ ରାଜୁ ଜିଲା କଂଗ୍ରେସ ସଂଖ୍ୟାଲଘୁ ସେଲ୍‌ର ଉପସଭାପତି

**ରାଇସୁଆଁ, ୨୯।୧(ଡି.ଏନ.ଏ.):** କେନ୍ଦୁଝର ଜିଲା ସଦର ବ୍ଲକ ଅନ୍ତର୍ଗତ ରାଇସୁଆଁ ପଞ୍ଚାୟତର ୟାସିନ୍ ରାଜୁଙ୍କୁ ଜିଲା କଂଗ୍ରେସ ସଂଖ୍ୟାଲଘୁ ସେଲ୍‌ର ଉପସଭାପତି ଭାବେ ନିଯୁକ୍ତି ମିଳିଛି।



ଓଡ଼ିଶା ପ୍ରଦେଶ କଂଗ୍ରେସ ପକ୍ଷରୁ ଏହି ନିଯୁକ୍ତ କରାଯାଇଛି। ଏହି ଖବର ପ୍ରଚାର ପରେ ସ୍ଥାନୀୟ ଅଞ୍ଚଳରେ ଖୁସିର ଲହରି ଖେଳି ଯାଇଛି। ଏ ନେଇ ୟାସିନ ରାଜୁଙ୍କୁ ପଚାରିବାରୁ କଂଗ୍ରେସ ଦଳ ପାଇଁ କାମ କରୁଛି। ଆଗାମୀ ଦିନରେ ମନପ୍ରାଣ ଦେଇ କଂଗ୍ରେସ ପାଇଁ କାମ କରିବି ବୋଲି ସେ କହିଛନ୍ତି।

### ସତ୍ୟସାଇ ସେବା ସମିତିରେ ମହାରୁଦ୍ରମ କାର୍ଯ୍ୟକ୍ରମ

**ଭଦ୍ରକ ଅଫିସ, ୨୯।୧:** ବିଶ୍ୱକଲ୍ୟାଣ ନିମନ୍ତେ ବାସୁଦେବପୁର ବ୍ଲକ ବାରାପୁର ସତ୍ୟସାଇ ସେବା ସମିତିଠାରେ ଭଦ୍ରକ ଜିଲା ସେବା ସଂଯୋଜକ ବୃନ୍ଦାବନ ବେହେରାଙ୍କ ପୌରୋହିତ୍ୟରେ ୧୨୧ ମହିଳା ଚାଣ୍ଟରସଙ୍କୁ ନେଇ ମହାରୁଦ୍ରମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଚାନ୍ଦବାଲି, ଘଣ୍ଟେଶ୍ୱର ବିନାୟକପୁର, ବାଗଦା ବିନାୟକପୁର, ବାରାପୁର ସମିତିର ବେଦ ଚାଣ୍ଟରସ ଯୋଗ ଦେଇଥିଲେ। ବାଲେଶ୍ୱର ସାଇ ଜିଲା ସଭାପତି ଡ. ରମାକାନ୍ତ ନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଭଦ୍ରକ ସାଇ ଜିଲା କର୍ମକର୍ତ୍ତା ବିଷ୍ଣୁମୋହନ ନାୟକ ପରିଚାଳନା କରିଥିଲେ।

# ଘରୋଇ ହିଂସା ରୋକିବାକୁ ସଚେତନତା

**ବନ୍ତ, ୨୯।୧(ସ୍ୱ.ପ୍ର.)**

ପରିବାରର ସମସ୍ତଙ୍କ ମଧ୍ୟରେ ଉତ୍ତମ ବୁଝାମଣା ଓ ସେମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି ହେଲେ ଘରୋଇ ହିଂସା ରୋକା ଯାଇପାରିବ ବୋଲି ଜିଲା ସ୍ତରୀୟ ସଚେତନତା କର୍ମଶାଳାରେ ଅତିଥି ମାନେ ମତବ୍ୟକ୍ତ କରିଥିଲେ। ଭଦ୍ରକ ଜିଲା ବନ୍ତ ବ୍ଲକ ଅଧୀନ ଓଡଙ୍ଗ ପଞ୍ଚାୟତ ବୋଡକ ପାଟଣା ଗ୍ରାମରେ ମଙ୍ଗଳବାର ମହିଳା ଓ ଶିଶୁଙ୍କ ସୁରକ୍ଷା ଓ ଥଇଥାନ ଉପରେ କାମ କରୁଥିବା ଜିଲାର ସାମାଜିକ ସଙ୍ଗଠନ ଫେଲୋସିପ ପକ୍ଷରୁ ଘରୋଇ ହିଂସା, ମହିଳା ଓ ଯୁବତୀ ଚାଲାଣ ରୋକିବା ପାଇଁ ଜିଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଫେଲୋସିପ ସଭାନେତ୍ରୀ ଝରଣା ପଟ୍ଟନାୟକଙ୍କ ସଭାପତିତ୍ୱରେ ଅତିରିକ୍ତ ଜିଲାପାଳ ଶ୍ୟାମାଭକ୍ତ ମିଶ୍ର, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବିକାଶ ଦାଶ, ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ଡଃ. ସୁଦର୍ଶନ ବାରିକ, ଶିଶୁ ସୁରକ୍ଷା ଅଧିକାରୀ ପଦ୍ମନ ରାୟ, ଆଗରପଡା ଥାନାଧିକାରୀ ମାନସକୁମାର ଦେଓ, ଫେଲୋସିପ ସମ୍ପାଦକ ଏସ.ଏମ. ଫାରୁକ, ନିର୍ଦ୍ଦେଶକ ଲଲାଟେନ୍ଦୁ ମହାନ୍ତି, ସରପଞ୍ଚ କିଶୋର କିଙ୍କର ପଢିଆରୀ, ପ୍ରାକ୍ତନ ଅଧ୍ୟାପକ ଅଟଳ ବିହାରୀ ନାୟକ, ଶିଶୁ ମଙ୍ଗଳ କମିଟି ସଦସ୍ୟା ସ୍ମୃତିରେଖା ମହାନ୍ତି, ସାମାଜିକ କର୍ମୀ ରମେଶ କୁମାର ମଲ୍ଲିକ ଯୋଗ ଦେଇ ଲୋକ ମାନେ ସଚେତନ ହେଲେ ଘରୋଇ ହିଂସା ବନ୍ଦ ହେବା ସଙ୍ଗେ ସଙ୍ଗେ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ସୁନାର ସଂସାର ଗଢି ଉଠିବ। ଏହି ଅବସରରେ ଘରୋଇ ହିଂସା ଅଧିକ ସମାଧାନ କରିଥିବା ଆଗରପଡା ଥାନାଧିକାରୀ ମାନସ କୁମାର ଦେଓ, ସରପଞ୍ଚ କିଶୋର କିଙ୍କର ପଢିଆରୀ ଓ ୧୬ ଦମ୍ପତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କର୍ମଶାଳା ଆୟୋଜନରେ ସୁନାରାଣୀ ପଣ୍ଡା, ସୁଦୀପ୍ତି ବିଶ୍ୱାଳ, କମଳା ପଣ୍ଡା, ବିଜୁ ଯୁବ ବାହିନୀର ସଦସ୍ୟମାନେ ସହଯୋଗ କରିଥିବା ବେଳେ ଓଡଙ୍ଗ, କାଦବରାଙ୍ଗ ଓ ବଡବର୍ଢିକୟାଁ ପଞ୍ଚାୟତରୁ ବହୁ ସଂଖ୍ୟାରେ ମହିଳା ମାନେ ଯୋଗ ଦେଇଥିଲେ।

# ରମ୍ଭାମଣି କ୍ରିକେଟ: ବିଦାଙ୍ଗ ଟିମ୍ ଚାମ୍ପିୟନ



ଅତିଥିଙ୍କ ଦ୍ୱାରା ବିଜୟୀ ଟିମ୍‌କୁ ପୁରସ୍କୃତ କରାଯାଉଛି।

**ଭଦ୍ରକ ଅଫିସ, ୨୯।୧**

ଭଦ୍ରକ ବଗମରା କାଇସାହି ପଡ଼ିଆରେ ଗତ ୨୪ ତାରିଖରୁ ଚାଲିଥିବା ରମ୍ଭାମଣି ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ତଲାଙ୍ଗ କ୍ରିକେଟ ଟିମ୍ ଓ ବିଦାଙ୍ଗ କ୍ରିକେଟ ଟିମ୍ ପରସ୍ପରକୁ ଭେଟିଥିଲେ। ପ୍ରଥମେ ଟସ୍ ଜିତି ତଲାଙ୍ଗ ଟିମ୍ ନିର୍ଦ୍ଧାରିତ ୧୮ ଓଭରରେ ସମସ୍ତ ଉଇକେଟ ହରାଇ ୧୦୯ ରନ୍ କରିଥିଲା। ଜବାବରେ ବିଦାଙ୍ଗ ଟିମ୍ ୭ ଉଇକେଟ ହରାଇ ୧୧୦ ରନ୍ କରି ଚାମ୍ପିୟନ ହୋଇଥିଲା। ପ୍ରବଚକ ସଂଗ୍ରାମ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଟିମ୍‌କୁ ଚେକ୍ ଓ ଟ୍ରଫି, ଯୁବନେତା ଦେବବ୍ରତ ମହାନ୍ତି ରନର୍ସଅପ୍ ଦଳକୁ ଚେକ୍ ସହ ଟ୍ରଫି ପ୍ରଦାନ କରିଥିଲେ। ଅଶୋକ ମହାନ୍ତି, ଅଜୟ ଉପାଧ୍ୟାୟ, ଲକ୍ଷ୍ମୀଧର ପାଢୀ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ରମ୍ଭାମଣି ମେମୋରିଆଲ କ୍ରିକେଟ ଟିମ୍‌ର ଜିତେନ୍ଦ୍ର ମଲିକ, ପିଣ୍ଟୁ ବେହେରା, ବିମ୍ବାଧର ମଲିକ, ଗୌରାଙ୍ଗ ଘଡ଼େଇ, ମନୋଜ ଉପାଧ୍ୟାୟ ଓ ଭୀମସେନ ମଲିକ ପ୍ରମୁଖ ମ୍ୟାଚ୍ ପରିଚାଳନା କରିଥିଲେ।

### ହାଇସ୍କୁଲର ବାର୍ଷିକ ଉତ୍ସବ

**ଭଣ୍ଡାରିପୋଖରୀ, ୨୯।୧ (ଡି.ଏନ.ଏ.)**

ଭଣ୍ଡାରିପୋଖରୀ ବ୍ଲକ ଚିଙ୍ଗୁଡିପୁରସ୍ଥିତ ଜଗନ୍ନାଥ ନୋଡାଲ ହାଇସ୍କୁଲର ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ପ୍ରଧାନ ଶିକ୍ଷକ ପ୍ରଭାତ କୁମାର ଖିଲାର ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବ୍ଲକ ଶିକ୍ଷାଧିକାରୀ ଦୀପକ କୁମାର ପାଢୀ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଭଦ୍ରକ ଜିଲା ହାଇସ୍କୁଲ ପ୍ରଧାନ ଶିକ୍ଷକ ଜଗବନ୍ଧୁ ସାହୁ, ଅନ୍ୟତମ ଅତିଥି ଭାବେ ଓଷ୍ଟାର ଭଦ୍ରକ ସମ୍ପାଦକ ପ୍ରଦୀପ୍ତ ଦାସ, ଗଦାଧର ଜେନା, ଅଜୟ କୁମାର ନନ୍ଦ, ଅରୁଣ ଖିଲାର, ଗିରୀଶ ବିହାରୀ ମିଶ୍ର ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ପ୍ରଧାନ ଶିକ୍ଷକ ସୁବଳ ଚରଣ ପତ୍ରୀ ବାର୍ଷିକ ବିବରଣୀ ପାଠ, ବସନ୍ତ କୁମାର ଲେଙ୍କା ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ପ୍ରଧାନ ଶିକ୍ଷକ ଯୋଗେନ୍ଦ୍ର ସାହୁଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। କ୍ରୀଡ଼ା ଶିକ୍ଷୟିତ୍ରୀ ବିକଶି ସାହୁ ଓ ରିତ୍ ରୋଜାଲିନଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସ୍ୱର୍ଗତ ଜାନକୀ ନାୟକଙ୍କ ସ୍ମୃତି କମିଟି ପକ୍ଷରୁ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

■ କାର୍ତ୍ତିକେଶ୍ୱର କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ

# ତୋରଣପଦା ଚାମ୍ପିୟନ




ଉଦ୍‌ଯାପନୀ ଉତ୍ସବରେ ଅତିଥିମାନେ ।

**ଭଦ୍ରକ ଅଫିସ,୨୯।୧**

ଭଦ୍ରକ ବ୍ଲକ କେଦାରପୁର ପଞ୍ଚାୟତ ସାହସପୁର ପଲ୍ଲିଶ୍ରୀ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିବା କାର୍ତ୍ତିକେଶ୍ୱର କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଛି। ଏହି ଟୁର୍ନାମେଣ୍ଟରେ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ଦିବସରେ ତୋରଣପଦା ଓ ଏମ୍‌ବିସିଟି ରସଲପୁର ମଧ୍ୟରେ ମୁକାବିଲା ହୋଇଥିଲା। ପ୍ରଥମେ ଏମବିସିଟି ରସଲପୁର ଟିମ୍ ୨୦ ଓଭର ୮ଟି ଉଇକେଟ ହରାଇ ୨୫୩ ରନ ସଂଗ୍ରହ କରିଥିଲା। ଜବାବରେ ତୋରଣପଦା ଟିମ୍ ୧୯.୧ ଓଭରରେ ୮ଉଇକେଟ ହରାଇ ୨୫୪ ରନ କରି ଚାମ୍ପିୟନ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୁବନେତା ସଞ୍ଜୀବ ମଲିକ, କେଦାରପୁର ସରପଞ୍ଚ ଭରତ ଚନ୍ଦ୍ର ତ୍ରିପାଠୀ, ସମିତିସଭ୍ୟ ଯୋଗେନ୍ଦ୍ର ଘଡେଇ, ଶିକ୍ଷାବିତ ସୁବାଷ ଚନ୍ଦ୍ର ମହାନ୍ତି, ସାମାଜିକ କର୍ମୀ ରବୀନ୍ଦ୍ର କୁମାର ମହାନ୍ତି, ନେତାଜୀ ସୁବାଷ ବାହିନୀ ପକ୍ଷରୁ ଅମିୟାଂଶୁ ସାହାଣି, ଯୁବନେତା ରାକେଶ ପଣ୍ଡା ପ୍ରମୁଖ ମଞ୍ଚାସୀନ ହୋଇ ଚାମ୍ପିୟନ ଟ୍ରଫି ଓ ରନର୍ସ ଅପ୍ ଦଳକୁ ମ୍ୟାନ ଅଫ ଦି ମ୍ୟାଚ ଟ୍ରଫି ପ୍ରଦାନ କରିଥିଲେ। ପଲ୍ଲିଶ୍ରୀ କ୍ରିକେଟ କ୍ଲବ ପକ୍ଷରୁ ହେମନ୍ତ ସାହାଣୀ, ପ୍ରଦୀପ ଜେନା, ନକୁଳ ଜେନା, ସୀତାଂଶୁ ଘଡେଇ, ସୌଗତ ସାହୁ, ନାରାୟଣ ଜେନା, ନରହରି ଘଡେଇ ପ୍ରମୁଖ ମ୍ୟାଚ ପରିଚାଳନା କରିଥିଲେ।

# ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

**ଭଦ୍ରକ ଅଫିସ, ୨୯।୧**

ଭଦ୍ରକ ପୌରପାଳିକା ଅନ୍ତର୍ଗତ ବରାଳପୋଖରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଦୁଇଦିନିଆ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରଧାନ ଶିକ୍ଷକ ଶଶଧର ମହନୀ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ନଟବର କେନ୍ଦ୍ର ସଂଯୋଜକ ଚନ୍ଦ୍ରକାନ୍ତ ଶୁକ, ପୂର୍ବତନ ଚେୟାରମ୍ୟାନ ହୃଷୀକେଶ ବେହେରା, ଗଙ୍ଗାଧର ବାରିକ, ବାସନ୍ତୀଲତା ପତି ପ୍ରମୁଖ ଯୋଗ ଦେଇ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କ୍ରୀଡ଼ା ଶିକ୍ଷୟିତ୍ରୀ ଅନୁପମା ଧିନ୍ଦା, ପୁଷ୍ପଲତା ଦାସ, ମଞ୍ଜୁଲତା ଦଲେଇ ଓ ଶିକ୍ଷା ପରିଚାଳନା କମିଟି ସଭ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

DADLS-260



**ରାଜ୍ୟସ୍ତରୀୟ ଶହୀଦ ଦିବସ**
୩୦ ଜାନୁଆରୀ ୨୦୧୯

ସମୟ – ପୂର୍ବାହ୍ନ ଘ.୧୦.୪୩ ମି.
ସ୍ଥାନ : ବିଧାନସଭା ପ୍ରାଙ୍ଗଣ, ଭୁବନେଶ୍ୱର

**ପ୍ରାର୍ଥନା ସଭା**

ପ୍ରଫେସର ଗଣେଶୀ ଲାଲ, ମାନ୍ୟବର ରାଜ୍ୟପାଳ
ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ, ମାନ୍ୟବର ମୁଖ୍ୟମନ୍ତ୍ରୀ
ଶ୍ରୀଯୁକ୍ତ ପ୍ରଦିପ କୁମାର ଅମାତ, ମାନ୍ୟବର ବାଚସ୍ପତି, ଓଡ଼ିଶା ବିଧାନସଭା
ଶ୍ରୀଯୁକ୍ତ ପ୍ରତାପ ଜେନା, ମାନ୍ୟବର ମନ୍ତ୍ରୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଆଇନ, ସୂଚନା ଓ ଲୋକସମ୍ପର୍କ
ଏବଂ
ମନ୍ତ୍ରିମଣ୍ଡଳର ମାନ୍ୟବର ସଦସ୍ୟବୃନ୍ଦ, ମାନ୍ୟବର ସାଂସଦ ଓ ମାନ୍ୟବର ବିଧାୟକଗଣ ଏବଂ ସ୍ୱାଧୀନତା ସଂଗ୍ରାମୀ ତଥା ମାନ୍ୟଗଣ୍ୟ ବ୍ୟକ୍ତିମାନେ ଯୋଗଦେବେ ।
ଶାଶ୍ୱତୀ ସାମାଜିକ ସାଂସ୍କୃତିକ କେନ୍ଦ୍ର, ଭୁବନେଶ୍ୱର ତରଫରୁ ଆଶ୍ରମ ଭଜନ ପରିବେଷଣ କରାଯିବ ।

ଉପରୋକ୍ତ କାର୍ଯ୍ୟକ୍ରମରେ ଭୁବନେଶ୍ୱରର ସମସ୍ତ ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ ଏବଂ ଜନସାଧାରଣ ଯୋଗଦେବାକୁ ଅନୁରୋଧ ।

ଅତିରିକ୍ତ ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

15001/13/0563/1819

DADLS-261



**ରାଜ୍ୟସ୍ତରୀୟ ଶହୀଦ ଦିବସ**
୩୦ ଜାନୁଆରୀ ୨୦୧୯

ସମୟ – ପୂର୍ବାହ୍ନ ୧୧ ଘଟିକା
ସ୍ଥାନ : ଜୟଦେବ ଭବନ, ଭୁବନେଶ୍ୱର

ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ କବିତା ଆସର, ଓଡ଼ିଶା ଲଳିତ କଳା ଏକାଡେମୀ ପକ୍ଷରୁ ଶିଳ୍ପୀ ଶିବିର ଏବଂ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗିତା

**ସାଧାରଣ ସଭା**

ସମୟ – ସଂଧ୍ୟା ୬ ଘଟିକା | ସ୍ଥାନ – ଜୟଦେବ ଭବନ

ମୁଖ୍ୟଅତିଥି – ଶ୍ରୀଯୁକ୍ତ ଅଶୋକ ଚନ୍ଦ୍ର ପଣ୍ଡା, ମାନ୍ୟବର ମନ୍ତ୍ରୀ, ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
ସମ୍ମାନିତ ଅତିଥି – ଶ୍ରୀଯୁକ୍ତ ମନୋରଞ୍ଜନ ପାଣିଗ୍ରାହୀ, ପ୍ରମୁଖ ଶାସନ ସଚିବ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
ମୁଖ୍ୟବକ୍ତା – ଡକ୍ଟର ପାବକ କାନୁନ୍‌ଗୋ, ବିଶିଷ୍ଟ ସାହିତ୍ୟିକ
ସଭାପତି – ଶ୍ରୀଯୁକ୍ତ ବିଜୟ କୁମାର ନାୟକ, ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ

ସୁର ଭାଇବ୍ରେସନ ମ୍ୟୁଜିକାଲ୍ ଗ୍ରୁପ ପକ୍ଷରୁ ବିଶିଷ୍ଟ କଣ୍ଠଶିଳ୍ପୀ ଡଃ ଜୟଶ୍ରୀ ଧଳ, ମମତାମୟୀ ବିଶ୍ୱାଳ, ବିଶ୍ୱ ଇରାନିଆନ୍ ମହାନ୍ତି, ଆକାଶ ନାୟକ, ହୃଦାନନ୍ଦ ପ୍ରଧାନ ଓ ସୋମା କର୍ମାକରଙ୍କ ଦ୍ୱାରା ଭଜନ ଓ ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ କରାଯିବ ।

ଉପରୋକ୍ତ କାର୍ଯ୍ୟକ୍ରମରେ ଭୁବନେଶ୍ୱରର ସମସ୍ତ ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ ଏବଂ ଜନସାଧାରଣ ଯୋଗଦେବାକୁ ଅନୁରୋଧ ।

ସୂଚନା ଓ ଲୋକସମ୍ପର୍କ ବିଭାଗ
ଏବଂ
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ

15001/13/0564/1819

ଧରିତ୍ରୀ
DHARITRI
ବାଲେଶ୍ୱର, ବୁଧବାର, ୩୦ ଜାନୁୟାରୀ, ୨୦୧୯



ଯେଉଁମାନେ ଦେଖିଶୁଣି ସମାଜରେ ଅନ୍ୟାୟକୁ ନୀରବରେ ସହି ଯାଆନ୍ତି, ସେଇମାନେ ହିଁ ଭବିଷ୍ୟତରେ ଅନ୍ୟାୟ କାର୍ଯ୍ୟ କରିବାକୁ ପ୍ରବର୍ତ୍ତାନ୍ତି।
-ଜୋସେଫ୍ ଷ୍ଟାଲିନ୍



# ଆଜି ବାରିପଦା ଆସିବେ ମୁଖ୍ୟମନ୍ତ୍ରୀ

**ବାରିପଦା ଅଫିସ, ୨୯।୧**

ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବାରିପଦା ଗସ୍ତ ନିମନ୍ତେ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ହୋଇସାରିଛି। ଏହି ଅବସରରେ ସେ ୭ ପ୍ରକଳ୍ପର ଶିଳାନ୍ୟାସ ଓ ୧୧ଟି ପ୍ରକଳ୍ପ ଉଦ୍‌ଘାଟନ କରିବେ। ମିଶନ ଶକ୍ତି ପକ୍ଷରୁ ଆୟୋଜିତ ସମାବେଶରେ ଉପସ୍ଥିତ ସ୍ୱୟଂ ସହାୟିକା ଗୋଷ୍ଠୀର ୪୦ ହଜାରରୁ ଊର୍ଦ୍ଧ୍ୱ ମହିଳାଙ୍କୁ ଉଦ୍‌ବୋଧନ ଦେବେ। ଏହାର ୩ ଦିନ ପରେ ଆସନ୍ତା ରବିବାର ମୁଖ୍ୟମନ୍ତ୍ରୀଙ୍କ ରାଇରଙ୍ଗପୁର ଗସ୍ତ କାର୍ଯ୍ୟକ୍ରମ ରହିଛି। ଏଥି ନିମନ୍ତେ ବିଜେଡି କର୍ମୀ ଉତ୍ସାହିତ ହୋଇ ପଡ଼ିଥିବା ବେଳେ କଂଗ୍ରେସ ପକ୍ଷରୁ ଏହାକୁ ସମାଲୋଚନା କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ବାରିପଦା କାର୍ଯ୍ୟକ୍ରମକୁ ଜେଏମ୍‌ଏମ୍ ପକ୍ଷରୁ ବିରୋଧ କରାଯାଉ ନ ଥିବା ବେଳେ ରାଇରଙ୍ଗପୁରଠାରେ ହେବାକୁ ଥିବା କାର୍ଯ୍ୟକ୍ରମକୁ ବିରୋଧ କରାଯିବ ବୋଲି ଦଳ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମ କିଭଳି ଭାବେ ସୁରୁଖୁରୁରେ ହେବ ସେଥିଲାଗି ବିଜେଡି ଜିଲା ପର୍ଯ୍ୟବେକ୍ଷକ ତଥା ନୟାଗଡ ବିଧାୟକ ଡ.ଅରୁଣ ସାହୁ ସୋମବାରଠାରୁ ବାରିପଦାରେ ଡେରା ପକାଇଛନ୍ତି।

ସୂଚନା ମୁତାବକ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ମଧ୍ୟାହ୍ନ ୧୨ଟା ୨୭ରେ ଛଉ ପଡିଆଠାରେ ପହଞ୍ଚି କାର୍ଯ୍ୟକ୍ରମରେ ଯୋଗ ଦେବେ। ଏହାପରେ ୧ଟା ୧୫ ସୁଦ୍ଧା ଭୁବନେଶ୍ୱର ଫେରିଯିବାର କାର୍ଯ୍ୟକ୍ରମ ରହିଛି। ରାଜ୍ୟ ସରକାରଙ୍କ ମିଶନ ଶକ୍ତି କାର୍ଯ୍ୟକ୍ରମ ଜରିଆରେ ସ୍ୱାବଲମ୍ବୀ ହୋଇ ପାରିଥିବା ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାଙ୍କ ମଧ୍ୟରୁ ୨ ଜଣ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ଅଭିଭାଷଣ ଦେବେ। ଏଥିପାଇଁ ୫ ଜଣଙ୍କୁ ଚୟନ କରାଯାଇଥିବା ବେଳେ ମଙ୍ଗଳବାର ଜିଲାପାଳ ବିନୀତ ଭରଦ୍ୱାଜ ସେମାନଙ୍କ ସହ ଆଲୋଚନା କରିଛନ୍ତି। ମୁଖ୍ୟତଃ ବାରିପଦା, ମୋରଡା, ବଡସାହି, ବାଙ୍ଗିରିପୋଷି, ଉଦଳା ଓ ସାରସକଣା ନିର୍ବାଚନ ମଣ୍ଡଳୀ ଅଧୀନରେ ଥିବା ବ୍ଲକଗୁଡିକରୁ ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାମାନେ ଏହି ସମାବେଶରେ ଯୋଗ ଦେବେ। ଏଥିପାଇଁ ପ୍ରାୟ ୬ ଶହ ବସ୍ ଓ ୨ ହଜାରରୁ ଊର୍ଦ୍ଧ୍ୱ ଚାରିଚକିଆ ଯାନର ବ୍ୟବସ୍ଥା କରାଯାଇଛି। ପ୍ରତି ବ୍ଲକ ଉନ୍ନୟନ ଅଧିକାରୀ ଏହି ଦାୟିତ୍ୱ ନେଇଛନ୍ତି।

## ୧୮ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ



ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ପାଇଁ ଛଉ ପଡିଆରେ ଅସ୍ଥାୟୀ ମଞ୍ଚ ନିର୍ମାଣ କାର୍ଯ୍ୟ ଚାଲିଛି।

- ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ଦେବେ ଉଦ୍‌ବୋଧନ
- ରାଇରଙ୍ଗପୁର କାର୍ଯ୍ୟକ୍ରମକୁ ବିରୋଧ କରିବ ଜେଏମ୍‌ଏମ୍
- ଲୋକ ଯୋଗାଡ ଦାୟିତ୍ୱ ନେଇଛନ୍ତି ଅଧିକାରୀ- କଂଗ୍ରେସ
- ଡେରା ପକାଇଛନ୍ତି ବିଜେଡି ପର୍ଯ୍ୟବେକ୍ଷକ

ମୁଖ୍ୟମନ୍ତ୍ରୀଙ୍କ ବାରିପଦା ଗସ୍ତକୁ କିନ୍ତୁ ଜିଲା କଂଗ୍ରେସ ସଭାପତି ହେମନ୍ତ କୁମାର ଦାସ ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀଙ୍କ ଏହି କାର୍ଯ୍ୟକ୍ରମ ଯୋଗୁ ଜିଲାର ବିଭିନ୍ନ ବ୍ଲକରେ ଅଧିକାରୀମାନଙ୍କ ଦେଖା ମିଳୁନି। ସେମାନେ ଲୋକ ଯୋଗାଡ କରିବା ଦାୟିତ୍ୱ ନେଇଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଏଣୁ ସମସ୍ତ ସରକାରୀ କାର୍ଯ୍ୟ ଏକପ୍ରକାର ଠପ୍ ହୋଇ ଯାଇଛି। ଆଗକୁ ସାଧାରଣ ନିର୍ବାଚନ ଥିବାରୁ ସରକାର ବିଭିନ୍ନ ଯୋଜନାର ଲୋଭ ଦେଖାଇ ମୟୂରଭଞ୍ଜ ଜିଲାର ଆଦିବାସୀଙ୍କୁ ପ୍ରଭାବିତ କରିବା ପାଇଁ ଚେଷ୍ଟା କରୁଛନ୍ତି। ହେଲେ ଏହା ଫଳପ୍ରଦ ହେବ ନାହିଁ। କାରଣ ଗତ ପଞ୍ଚାୟତ ନିର୍ବାଚନରେ ମୟୂରଭଞ୍ଜବାସୀ ଏହାର ଜବାବ ଦେଇ ସାରିଛନ୍ତି ବୋଲି ମଧ୍ୟ ସେ କହିଛନ୍ତି। ଏହା ସହିତ ମୁଖ୍ୟମନ୍ତ୍ରୀଙ୍କ ବାରିପଦା ଗସ୍ତ କାର୍ଯ୍ୟକ୍ରମକୁ ବିରୋଧ କରିବା ପାଇଁ କୌଣସି ଆଲୋଚନା କରାଯାଇ ନ ଥିବା କହିଛନ୍ତି ଜେଏମଏମ ରାଜ୍ୟ ସାଧାରଣ ସମ୍ପାଦକ କଳିଙ୍ଗ କେଶରୀ ଜେନା। ହେଲେ ଆସନ୍ତା ୩ ତାରିଖରେ ହେବାକୁ ଥିବା କାର୍ଯ୍ୟକ୍ରମକୁ ଦଳ ପକ୍ଷରୁ ବିରୋଧ କରାଯିବ ବୋଲି ସେ କହିଛନ୍ତି। ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଭାଜପା, ବିଜେଡି ଓ ଜେଏମଏମ ନିଜ କାର୍ଯ୍ୟକ୍ରମ କରୁଥିବା ବେଳେ କଂଗ୍ରେସ କିନ୍ତୁ ପଛରେ ପଡିଯାଇଛି ବୋଲି ରାଜନୈତିକ ସମୀକ୍ଷକମାନେ ମତ ଦେଉଛନ୍ତି।



ସ୍ୱର୍ଗତ ମାଝୀଙ୍କୁ ରାଷ୍ଟ୍ରୀୟ ସମ୍ମାନ ପ୍ରଦାନ କରାଯାଉଛି।

## ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ପୂର୍ବତନ ମନ୍ତ୍ରୀଙ୍କ ଶେଷକୃତ୍ୟ ସମ୍ପନ୍ନ

**ବାରିପଦା ଅଫିସ,୨୯।୧**

ଏକଦା ମୟୂରଭଞ୍ଜ ଜିଲାର ଆଦିବାସୀଙ୍କ ନେତୃତ୍ୱ ନେଉଥିବା ମୟୂରଭଞ୍ଜର ବରପୁତ୍ର ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଚୈତନ୍ୟ ପ୍ରସାଦ ମାଝୀଙ୍କର ଗତ ସୋମବାର ପରଲୋକ ହୋଇଥିଲା। ମଙ୍ଗଳବାର ସକାଳେ ଜନ୍ମମାଟି ଡିରିଂ ବ୍ଲକର ଚାଙ୍ଗୁଆ ଗ୍ରାମରେ ଶୋକାକୁଳ ପରିବେଶରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ସେଠାରେ ସ୍ୱର୍ଗତ ମାଝିଙ୍କୁ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ତୋପ ସଲାମୀ ଦିଆଯାଇଛି।

**ଜନ୍ମମାଟିରେ ଦିଆଗଲା ତୋପ ସଲାମୀ**

ରାଇରଙ୍ଗପୁର ବିଧାୟକ ସାଇବା ସୁଶୀଲ କୁମାର ହାସଁଦା,ଗ୍ରାମବାସୀ, ବିଦ୍ୟାଳୟ ଛାତ୍ରୀଛାତ୍ର ପ୍ରମୁଖ ସ୍ୱର୍ଗତ ମାଝିଙ୍କ ଶେଷ ଦର୍ଶନ କରି ତାଙ୍କୁ ଶ୍ରଦ୍ଧାଞ୍ଜଳି ପ୍ରଦାନ କରିଥିଲେ। ତାଙ୍କର ଶେଷ କୃତ୍ୟ ସମୟରେ ହଜାର ହଜାର ଲୋକ ଉପସ୍ଥିତ ରହି ଶେଷ ବିଦାୟ ଜଣାଇଥିଲେ।

## ମୟୂରଭଞ୍ଜ ଜିଲା ଯୁବ ସାଂସଦ ଉତ୍ସବ

**ବାରିପଦା ଅଫିସ,୨୯।୧**

ଭାରତ ସରକାରଙ୍କ ଯୁବ ବ୍ୟାପାର ଏବଂ କ୍ରୀଡା ମନ୍ତ୍ରଣାଳୟ ଆନୁକୂଲ୍ୟରେ ମୟୂରଭଞ୍ଜ ଜିଲା ଯୁବ ସଂସଦ ମହୋତ୍ସବ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବକୁ ମୟୂରଭଞ୍ଜ ଜିଲାର ପୂର୍ବତନ ରାଜ୍ୟସଭା ସଦସ୍ୟ ବୀରଭଦ୍ର ସିଂ ଉଦ୍‌ଘାଟନ କରିଥିଲେ। ଏଥିରେ ବିଶେଷ ଅତିଥି ଓ ବିଚାରକ ମଣ୍ଡଳୀର ସଦସ୍ୟ ଭାବେ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପ୍ରଫେସର ଜଗନ୍ନାଥ ଲେଙ୍କା, ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡ.ବନଜା ମହାନ୍ତି, ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପ୍ରଫେସର ଏମ ହିମାବିନ୍ଦୁ, ପ୍ରଫେସର ପ୍ରମୋଦ କୁମାର ଶତପଥି, ଅବସରପ୍ରାପ୍ତ କର୍ଣ୍ଣେଲ ଅଶୋକ କୁମାର ଦାସ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ୧୮ରୁ ୨୫ବର୍ଷ ବୟସର ୩୬ଜଣ ପୂର୍ବରୁ ନିର୍ବାଚିତ ପ୍ରତିଯୋଗୀମାନେ ଅଂଶ ଗ୍ରହଣ କରିଥିଲେ। ସ୍ୱତନ୍ତ୍ର ବିଚାରକ ମଣ୍ଡଳୀ ଦ୍ୱାରା ୩ଜଣ ପ୍ରତିଯୋଗୀ ମନୋନୀତ ହୋଇ ରାଜ୍ୟ ଯୁବ ସାଂସଦ କାର୍ଯ୍ୟକ୍ରମରେ ଯୋଗଦେବେ। ସେମାନେ ହେଲେ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ଦିବ୍ୟଜ୍ୟୋତି ଦାସ, ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟର ଆକାଂକ୍ଷା ସିଂ ଏବଂ ଆନନ୍ଦମୟୀ। ଏହି ଅବସରରେ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନା ପକ୍ଷରୁ ସମସ୍ତ ବିଚାରକ ମଣ୍ଡଳୀକୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ସଂକ୍ଷେପରେ

### ବିଇଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶିକ୍ଷକଙ୍କ ଧାରଣା



**ବଡସାହି,୨୯।୧(ସ୍ୱ.ପ୍ର):** ନିଖିଳ ଉତ୍କଳ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ (ଓଲଷ୍ଟା)ର ସଦସ୍ୟଙ୍କ ବିଭିନ୍ନ ସମସ୍ୟାର ସମାଧାନ ନିମନ୍ତେ ଅବସରପ୍ରାପ୍ତ ଶିକ୍ଷକ ତଥା ଶିକ୍ଷକ ଦର୍ପଣର ସମ୍ପାଦକ ସଚ୍ଚିଦାନନ୍ଦ ମହାନ୍ତି ଧାରଣାରେ ବସିଛନ୍ତି। ମାତ୍ର ସଂଘର କୌଣସି ଶିକ୍ଷୟିତ୍ରୀଶିକ୍ଷକ ଏଥିରେ ସାମିଲ ନ ଥିବା ଜଣାଯାଇଛି। ବଡ଼ସାହି ବ୍ଲକର ବିଭିନ୍ନ ଶିକ୍ଷକ ସଂଘ ପକ୍ଷରୁ ଏହାକୁ ବିରୋଧ କରାଯାଇଛି। ତାଙ୍କର ଧାରଣା ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି ବିଭିନ୍ନ ସଂଘର କର୍ମକର୍ତ୍ତା ଲିଖିତ ବିବୃତିରେ କହିଛନ୍ତି। ବିଇଓ ଶିକ୍ଷକଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା ନ କରିବା ପର୍ଯ୍ୟନ୍ତ ଧାରଣା ଜାରୀ ରହିବ। ଏହାଛଡା ଆସନ୍ତା ୧ତାରିଖରୁ ସେ ଅନଶନରେ ବସିବେ ବୋଲି ସଚ୍ଚିଦାନନ୍ଦ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ସେ ମୟୂରଭଞ୍ଜ ଜିଲାପାଳ, ବଡ଼ସାହି ବିଇଓ, ବଡ଼ସାହି ବିଧାୟକ, ପୋଲିସ ପ୍ରଶାସନ, ନିର୍ବାଚିତ ପ୍ରତିନିଧି ଓ ରାଜ୍ୟ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘର ସାଧାରଣ ସମ୍ପାଦକଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଏନେଇ ସଚ୍ଚିଦାନନ୍ଦ କହିଛନ୍ତି, ରାଜ୍ୟରେ ବିଭିନ୍ନ ଶିକ୍ଷକ ସଂଘ ରହିଛି। ନିର୍ଦ୍ଦିଷ୍ଟ ସଂଘରେ ଥିବା ଶିକ୍ଷକଙ୍କ ସମସ୍ୟା ସମାଧାନ ନିମନ୍ତେ ପଦକ୍ଷେପ ନେବାର ଆବଶ୍ୟକତା ରହିଛି।

### ଜଡ଼ିଦା ପଞ୍ଚାୟତ ୱାର୍ଡ଼ ନଂ-୨ ୱାର୍ଡ଼ମେମ୍ବର ଅଯୋଗ୍ୟ ଘୋଷିତ

**କପ୍ତିପଦା, ୨୯।୧ (ଡ଼ି.ଏନ୍.ଏ):** ଦୁଇରୁ ଅଧିକ ପିଲା ଥିବା କାରଣରୁ କପ୍ତିପଦା ବ୍ଲକ ଅଧୀନ ଜଡ଼ିଦା ପଞ୍ଚାୟତ ୱାର୍ଡ଼ ନଂ-୨ର ୱାର୍ଡ଼ମେମ୍ବର ଲକ୍ଷ୍ମୀପ୍ରିୟା ପୁହାଣଙ୍କୁ ଉଦଳା ସିଭିଲ୍ ଜଜ କୋର୍ଟ ମଙ୍ଗଳବାର ଅସିଦ୍ଧ ଘୋଷଣା କରିଛନ୍ତି। ଏଥିସହ ସାନି ନିର୍ବାଚନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଲକ୍ଷ୍ମୀପ୍ରିୟା ଗତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ୱାର୍ଡ଼ମେମ୍ବର ଭାବେ ନିର୍ବାଚିତ ହୋଇଥିଲେ। ତାଙ୍କର ପ୍ରତିଦ୍ୱନ୍ଦୀ ପବିତ୍ର ପୁହାଣ କିନ୍ତୁ ଲକ୍ଷ୍ମୀପ୍ରିୟାଙ୍କର ଦୁଇରୁ ଅଧିକ ପିଲା ଥିବା ଦର୍ଶାଇ ଉଦଳା ସିଭିଲ୍ କୋର୍ଟରେ ମାମଲା (ନଂ-ଇପି ନଂ୮/୨୦୧୭) ରୁଜୁ କରିଥିଲେ। ଏହାର ଶୁଣାଣି ଚାଲିଥିବା ବେଳେ ମଙ୍ଗଳବାର ଉଦଳା ସିଭିଲ୍ ଜଜ ଏସ୍.କେ. ମହାପାତ୍ର ତାଙ୍କର ରାୟ ଶୁଣାଇଛନ୍ତି।

### ଜଳିଗଲା ୨ ବଖରା

**ବାଙ୍ଗିରିପୋଷି,୨୯।୧(ଡି.ଏନ.ଏ):** ବାଙ୍ଗିରିପୋଷି ତହସିଲ ଅନ୍ତର୍ଗତ ଖୋଡିକାଶୋଳ ଗ୍ରାମର ଭୀମ ମାରାଣ୍ଡିଙ୍କ ଘରେ ଅଗ୍ନିକାଣ୍ଡ ଘଟି ୨ ବଖରା ଜଳି ଯାଇଛି। ଏଥିଯୋଗୁ ଘରେ ଥିବା ସମସ୍ତ ଆସବାବପତ୍ର, କିଛି ନଗଦ ଟଙ୍କା ଓ ଜରୁରୀ କାଗଜପତ୍ର ଜଳି ଯାଇଛି। ବାଙ୍ଗିରିପୋଷି ତହସିଲ ତରଫରୁ ଅଗ୍ନିବିପନ୍ନ ପରିବାରଙ୍କୁ ପଲିଥିନ ପ୍ରଦାନ କରାଯାଇଛି।

### ପୂର୍ବତନ ମନ୍ତ୍ରୀ ଚୈତନ୍ୟ ମାଝୀଙ୍କ ବିୟୋଗରେ ଶୋକସଭା

**ବାରିପଦା ଅଫିସ,୨୯।୧:** ସୋମବାର ପୂର୍ବତନ ମନ୍ତ୍ରୀ,ରାଜନେତା ତଥା ଶିକ୍ଷାବିତ ଚୈତନ୍ୟ ମାଝୀଙ୍କ ବିୟୋଗ ହୋଇଯାଇଛି। ଏଥିପାଇଁ ତାଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିବା ଶ୍ରୀମା ମହିଳା ମହାବିଦ୍ୟାଳୟ ପରିସରରେ ଏକ ଶୋକସଭା ମହାବିଦ୍ୟାଳୟର କାର୍ଯ୍ୟକାରୀ ଅଧକ୍ଷା ଗୀତା ଶତପଥିଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍ୱର୍ଗତ ମାଝୀଙ୍କ ଜୀବନର ବିଶିଷ୍ଟ ଘଟଣାବଳୀ ସମ୍ପର୍କରେ ଅଧକ୍ଷା ସୂଚନା ଦେଇଥିଲେ। ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ନଟବର ଗିରି ମୟୂରଭଞ୍ଜ ଜିଲାରେ ଶିକ୍ଷା କ୍ଷେତ୍ରରେ ତାଙ୍କ ଅତୁଳନୀୟ ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଅଧାପିକା ଡ.ସ୍ମିତା ଭ,ଅଧାପକ ଡ.ନରସିଂହ ବାରିକ, ବୈଷୟିକ ଶିକ୍ଷା ଅଧାପକ ଦୀପଙ୍କର ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ସେହିପରି ଭଞ୍ଜପୁରସ୍ଥିତ ବାରିପଦା ମହାବିଦ୍ୟାଳୟରେ ମୟୂରଭଞ୍ଜର ବରପୁତ୍ର ତଥା ବିଶିଷ୍ଟ କବି ରାଜନୈତିଜ୍ଞ ଚୈତନ୍ୟ ମାଝୀଙ୍କ ବିୟୋଗରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ରଞ୍ଜନ କୁମାର ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସଭାରେ ତାଙ୍କର ସ୍ମୃତି ଚାରଣ ହୋଇଥିଲା।




କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

## ଦେଶ ଗଠନରେ ସହାୟକ ହୁଅନ୍ତି ଶୃଙ୍ଖଳିତ ଛାତ୍ରୀଛାତ୍ର

**କପ୍ତିପଦା,୨୯।୧(ଡି.ଏନ.ଏ.)**

କପ୍ତିପଦା ଶିକ୍ଷା ଶ୍ରୀ ଗୁରୁକୁଳର ଦ୍ୱିତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗୁରୁକୁଳ ଅଧକ୍ଷା ମମତା ଦୀକ୍ଷିତଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ କିଡ୍‌ସ ଅଲମ୍ପିୟାଡ଼ର ସଭାପତି ଗୁରୁ ତ୍ରିପାଠୀ, ମୁଖ୍ୟବକ୍ତାଭବେ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ସମ୍ମାନିତ ଅତିଥିଭାବେ ମାତୃବିହାରର ସଭାପତି ବରିଷ୍ଠ ଶିକ୍ଷାବିତ୍ ପ୍ରଫୁଲ୍ଲ ଚନ୍ଦ୍ର ମହାଳିକ ଉତ୍ସବକୁ ଉଦ୍‌ଘାଟନ କରଥିଲେ। ଶୃଙ୍ଖଳିତ ଛାତ୍ରୀଛାତ୍ର ଦେଶ ଗଠନରେ ସହାୟକ ହୋଇଥାନ୍ତି ବୋଲି ଅତିଥିମାନେ କହିଥିଲେ। ଅନୁଷ୍ଠାନର ଅଧକ୍ଷା ମମତା ଦୀକ୍ଷିତ ବାର୍ଷିକ ବିବରଣୀ ପାଠ କରିଥିବାବେଳେ ଅତିଥି ପରିଚୟ ପ୍ରଦାନ କରିଥିଲେ ଶିକ୍ଷୟିତ୍ରୀ ବନ୍ଦିତା ସେନାପତି। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଶିଶୁ ପ୍ରତିଭାଙ୍କୁ ପୁରସ୍କୃତ କରାଯାଇଥିଲା।

## ‘ବିବେକାନନ୍ଦ ଥିଲେ ଦେଶ ଭକ୍ତିର ମୂର୍ତ୍ତିମନ୍ତ ପ୍ରତୀକ’

**କପ୍ତିପଦା, ୨୯।୧ (ଡ଼ି.ଏନ୍.ଏ)**

କପ୍ତିପଦା ବ୍ଲକ୍ ଅଧୀନ ବଡ଼ଖଲାଡ଼ି ପଞ୍ଚାୟତ ଟାଙ୍ଗିରିଆ ପୀଠରେ ଏକ ଆଧ୍ୟାତ୍ମିକ ଆଲୋଚନା ଚକ୍ର ବିବେକାନନ୍ଦ କେନ୍ଦ୍ର କନ୍ୟାକୁମାରୀ ବାଲେଶ୍ୱର ଶାଖା ତରଫରୁ ଅନୁଷ୍ଠିତ ହୋଇଯାଇଛି। ଏହି ଆଲୋଚନାଚକ୍ରରେ ଅନୁଷ୍ଠାନର ସମ୍ପାଦକ ପ୍ରେମାନନ୍ଦ ଗିରି ଅଧକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ପ୍ରମିଳା ପଣ୍ଡା, ଶିକ୍ଷାବିତ୍ ପ୍ରଫୁଲ୍ଲ ଚନ୍ଦ୍ର ମହାଳିକ, ନିଳପ୍ରଭା ସାହିତ୍ୟ ସଂସଦର ସମ୍ପାଦକ ଗଙ୍ଗାଧର ଦାସ, ଅବସରପ୍ରାପ୍ତ ବ୍ୟାଙ୍କ ଅଫ୍ ଇଣ୍ଡିଆର ପରିଚାଳକ ବିଶ୍ୱନାଥ ରଣା, ପ୍ରଧାନଶିକ୍ଷକ ବିନୋଦ ବିହାରୀ ପଣ୍ଡା, ପ୍ରଫୁଲ୍ଲ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଟାଙ୍ଗିରିଆ ଝୁଡ଼ି କିଚକଙ୍କର ମହଲ ଓ ବାଘାଜତୀନଙ୍କର ଅସ୍ତ୍ର ପରୀକ୍ଷଣ ଯୁଦ୍ଧାଭାସର କ୍ଷେତ୍ର ବୋଲି ସେ କହିଥିଲେ। ସ୍ୱାମୀ ବିବେକାନନ୍ଦ ସନାତନ ଧର୍ମର ବାର୍ତ୍ତାବହ ହେବା ସହିତ ଦେଶ ଭକ୍ତିର ମୂର୍ତ୍ତିମନ୍ତ ପ୍ରତୀକ ବୋଲି ଅତିଥିମାନେ ଅଭିହିତ କରିଥିଲେ। ଏହି ଅବସରରେ ଅନୀମା ମିଶ୍ର, ସୁଶ୍ରୀ ସଂହିତା ମିଶ୍ର, ବନଲତା ସାମଲ, କରୁଣାକର ଦାସ, ଶ୍ରୀକାନ୍ତ ବେହେରା ସ୍ୱରଚିତ ନିଜ ନିଜ କବିତା ପାଠ କରିଥିଲେ।

## ଜେଏସ୍ ଜାମୁଡ଼ିହାରେ ବାର୍ଷିକ କ୍ରୀଡ଼ା

**କପ୍ତିପଦା,୨୯।୧(ଡି.ଏନ.ଏ.)**

କପ୍ତିପଦା ବ୍ଲକର ଜେଏସ୍ ଜାମୁଡ଼ିହା ପଞ୍ଚାୟତର ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ୨୪ ତାରିଖରେ କ୍ରୀଡ଼ା ପତାକା ଉତ୍ତୋଳନ କରି ସ୍ଥାନୀୟ ସରପଞ୍ଚ ଜୟରାମ ମାରାଣ୍ଡି ଏହାକୁ ଉଦ୍‌ଘାଟନ କରିଥିଲେ। ସିଆର୍‌ସିସି ଜ୍ଞାନରଞ୍ଜନ ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ସମିତି ସଭ୍ୟ ଡମ୍ବରୁଧର ନାଏକ, ପୋଡ଼ାଡ଼ିହା ସରକାରୀ ଉଚ୍ଚ ବିଦ୍ୟାଳୟର ରତିକାନ୍ତ ମହାନ୍ତ, ପ୍ରଧାନଶିକ୍ଷକ ମନବୋଧ ସାହୁ, ନିରଞ୍ଜନ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ୨୫ ତାରିଖରେ ପଞ୍ଚାୟତରେ ଥିବା ସମସ୍ତ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ୨୬ ତାରିଖରେ ସ୍ୱତନ୍ତ୍ର ଆଦିବାସୀ ଉନ୍ନୟନ ପରିଷଦ ଅଧକ୍ଷ ଡା. ଦେବାଶିଷ ମାର୍ଣ୍ଡି ମୁଖ୍ୟ ଅତିଥିଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହି ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ୍ ଉପସ୍ଥିତ ଥିଲେ। ଅପରାହ୍ନରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥିଭାବେ କପ୍ତିପଦା ବ୍ଲକ୍ ମଣ୍ଡଳ ଶିକ୍ଷାଧିକାରୀ ଶଶିଧର ସିଂ, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ପ୍ରଫୁଲ୍ଲ କୁମାର ଖିଲାର, ସମ୍ମାନିତ ଅତିଥି ଭାବେ ବିଆର୍‌ସିସି ବଳରାମ ବେହେରା, କବି ଇନ୍ଦ୍ରମଣି ବିନ୍ଧାଣୀ, ଅବସରପ୍ରାପ୍ତ ସିଆର୍‌ସିସି ମାନଗୋବିନ୍ଦ ବେହେରା ପ୍ରମୁଖ ଯୋଗଦେଇ ଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା।

## ୧୧୦ ଅଭିଯୋଗର ଶୁଣାଣି



ଶୁଣାଣି ଶିବିରରେ ଉପଜିଲାପାଳ ଓ ଅନ୍ୟ ପ୍ରଶାସନିକ ଅଧିକାରୀ।

**ଉଦଳା,୨୯।୧ (ଡି.ଏନ.ଏ.)**

କପ୍ତିପଦା ଉପଖଣ୍ଡ ନିମନ୍ତେ ସୋମବାର ଉଦଳାଠାରେ ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଜିଲାପାଳଙ୍କ ଅନୁପସ୍ଥିତି କାରଣରୁ ଉପଜିଲାପାଳ ଭଗବାନ ବେହେରାଙ୍କ ଦ୍ୱାରା ଏହି ଶୁଣାଣି ହୋଇଥିଲା। ପ୍ରକଳ୍ପ ପ୍ରଶାସକ ବିଧାନ ଚନ୍ଦ୍ର ରାୟ, ଉପଖଣ୍ଡ ପୋଲିସ୍ ଅଧିକାରୀ ସ୍ୱପ୍ନରଞ୍ଜନ ମହାପାତ୍ର, ସହକାରୀ ଜିଲାପାଳ ଗୌରହରି ମହାନ୍ତ, ଡା ନିର୍ମଳ ଦିକ୍ଷୀତ ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ। ସମୁଦାୟ ୧୧୦ ଗୋଟି ଅଭିଯୋଗର ଶୁଣାଣି ହୋଇଥିଲା। ସେଥିମଧ୍ୟରୁ ୯୮ ଟି ବ୍ୟକ୍ତିଗତ ସମସ୍ୟା ଭିତ୍ତିକ ରହିଥିବା ବେଳେ ୧୨ ଗୋଟି ସାମୂହିକ, ୩ ଗୋଟି ମୁଖ୍ୟମନ୍ତ୍ରୀଙ୍କ ସହାୟତା ପାଣ୍ଠିରୁ ସାହାଯ୍ୟ ସମେତ ରେଡକ୍ରସ ସମ୍ବନ୍ଧୀୟ ୩ଗୋଟି ଅଭିଯୋଗ ରହିଥିଲା। ମୁଖ୍ୟମନ୍ତ୍ରୀଙ୍କ ସହାୟତା ପାଣ୍ଠିରୁ ୩ ଜଣଙ୍କୁ ୯ ହଜାର ଓ ରେଡକ୍ରସ୍ ପାଣ୍ଠିରୁ ୩ ଜଣଙ୍କୁ ୭ ହଜାର ଟଙ୍କା ପ୍ରଦାନ କରାଯାଇଛି। ୩୫ ଗୋଟି ଅଭିଯୋଗକୁ ତତ୍‌କାଳ ସମାଧାନ କରାଯାଇଥିଲା।

## ଜାତୀୟ ମତଦାତା ଦିବସ

**କପ୍ତିପଦା,୨୯।୧(ଡି.ଏନ.ଏ)**

କପ୍ତିପଦା ବ୍ଲକ୍ ଅନ୍ତର୍ଗତ କପ୍ତିପଦା ମହାବିଦ୍ୟାଳୟରେ ଏନ୍‌ଏସ୍‌ଏସ୍ ଆନୁକୂଲ୍ୟରେ ଜାତୀୟ ମତଦାତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଛାତ୍ରଛାତ୍ରୀଙ୍କୁ ନେଇ ଏକ ଶୋଭାଯାତ୍ରା ବିଭିନ୍ନ ଗ୍ରାମ ପରିକ୍ରମା କରିଥିଲା। ଗ୍ରାମର ଲୋକମାନଙ୍କୁ ଭୋଟ ଦେବାର ଅଧିକାର ତଥା ନାଗରିକମାନଙ୍କର ମୌଳିକ କର୍ତ୍ତବ୍ୟ ବିଷୟରେ ଛାତ୍ରୀଛାତ୍ରମାନେ ଗ୍ରାମବାସୀଙ୍କୁ ସଚେତନ କରାଇଥିଲେ। ଏହାପରେ ମହାବିଦ୍ୟାଳୟରେ ଅଧକ୍ଷ ଦିଲ୍ଲୀପ କୁମାର ସିଂଙ୍କ ଅଧକ୍ଷତାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧାପିକା ସୁଲୋଚନା ରଣା, ଅଧାପିକା କବିତା ମହାନ୍ତି, ଅଧାପକ ସରୋଜ ଲେଙ୍କା, ଶରତ କୁମାର ଦାସ ପ୍ରମୁଖ ଯୋଗଦେଇଥିଲେ। ଯୁକ୍ତ ୨ ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ୍ ଅଫିସର ଅଜିତ୍ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।




ମତଦାତା ଦିବସରେ ଉପସ୍ଥିତ ଅତିଥି ମାନେ।

## ପ୍ରଲୋଭନ ଦେଖାଇ ଠକେଇ

**ବଡ଼ସାହି,୨୯।୧(ସ୍ୱ.ପ୍ର)**

- ଏବେବି ଚିଟ୍‌ଫଣ୍ଡ ସଂସ୍ଥା ସକ୍ରିୟ
- ଭୁଆଁ ବୁଲୁଛନ୍ତି ନିରୀହ ଆଦିବାସୀ
- ପ୍ରଶାସନ ନିକଟରେ ଖବର ନାହିଁ

ପ୍ରଶାସନିକ ରିପୋର୍ଟ ଅନୁସାରେ ରାଜ୍ୟର କୌଣସି ସ୍ଥାନରେ ଚିଟ୍‌ଫଣ୍ଡ କମ୍ପାନୀ କାର୍ଯ୍ୟ କରୁନାହିଁ। ହେଲେ ବାସ୍ତବତା କିନ୍ତୁ ଭିନ୍ନ। ଏବେ ବି ମୟୂରଭଞ୍ଜ ଜିଲା ବଡ଼ସାହି ଅଞ୍ଚଳରେ ଏକ ନିର୍ଦ୍ଦିଷ୍ଟ ସଂସ୍ଥା ଆଦିବାସୀ ସମ୍ପ୍ରଦାୟର ଗରିବ ଲୋକଙ୍କୁ ଠକି ଚାଲିଛି। ଏପରି କି ସରକାରୀ କର୍ମଚାରୀ ଓ ଶିକ୍ଷକମାନେ ମଧ୍ୟ ଏଥିରେ ସାମିଲ ହେଉଛନ୍ତି। ଏନେଇ ପୋଲିସ କିମ୍ବା ପ୍ରଶାସନ ନିକଟରେ କୌଣସି ଖବର ନ ଥିବା ବେଳେ ଠକେଇର ଶିକାର ହେଉଛନ୍ତି ଶହ ଶହ ନିରୀହ ଲୋକେ।

ସୂଚନା ମୁତାବକ ଉତ୍ତର ଓଡ଼ିଶାର ବିଭିନ୍ନ ଜିଲା ସମେତ ବଡ଼ସାହି ବ୍ଲକ ତଥା ଆଖପାଖ ଅଞ୍ଚଳରେ ଏକ ନିର୍ଦ୍ଦିଷ୍ଟ ଠକ ସଂସ୍ଥା ପ୍ରାୟ ୩ ବର୍ଷ ହେବ ନିଜର କାୟା ବିସ୍ତାର କରି ଚାଲିଛି। ଟଙ୍କା ବଦଳରେ ବିଭିନ୍ନ ଉପହାର ଦେଇ ଲୋକମାନଙ୍କୁ ଆକର୍ଷିତ କରୁଛି। ତା’ ସହିତ ସଂସ୍ଥାରେ ଭଲ କାମ କରୁଥିବା ଏଜେଣ୍ଟମାନଙ୍କୁ କମ୍ ଦାମରେ ଚାରିଚକିଆ ଯାନ କିଣାଇ ଦେବାର ଲୋଭ ଦେଖାଇଛି। ଫଳରେ ଏଜେଣ୍ଟମାନେ ଗରିବ ଲୋକଙ୍କୁ ବର୍ଷକ ମଧ୍ୟରେ ଲକ୍ଷପତି ହେବାର ସ୍ୱପ୍ନ ଦେଖାଇ ଟଙ୍କା ଲୁଟ୍ କରୁଛନ୍ତି। ଚାଷ ସମ୍ପର୍କିତ ସଂସ୍ଥା ନାମରେ ଭୁଆଁ ବୁଲାଇ ଏଜେଣ୍ଟମାନଙ୍କ ମାଧ୍ୟମରେ ୩ହଜାର ଟଙ୍କା ଲେଖାଏ ଆଦାୟ କରାଯାଉଛି। ଟଙ୍କା ଦାଖଲ ହେବା ପରେ ପ୍ରତି ସଦସ୍ୟ ଦୁଇଟି ଲେଖାଏଁ ସଦସ୍ୟ ଚୟନ କଲେ କମିଶନ ଆକାରରେ ମୋଟ ୮୫୦ଟଙ୍କା ପାଇଥାନ୍ତି। ଏହିପରି ଭାବେ ୨୦ ଯୋଡ଼ା ସଦସ୍ୟ କମ୍ପାନୀରେ ସାମିଲ କରାଗଲେ ସମ୍ପୃକ୍ତ ଏଜେଣ୍ଟଙ୍କୁ ବ୍ୟାଙ୍କକ୍ କିମ୍ବା ଗୋଆ ଆଦି ସ୍ଥାନକୁ କମ୍ପାନୀ ଅର୍ଥରେ ବୁଲିବାକୁ ସୁଯୋଗ ମିଳିଥାଏ। ଏହିଭଳି ଅନେକ ଆକର୍ଷଣୀୟ ଲୋଭ ଦେଖାଇ ଠକୁଥିବା ସଂସ୍ଥାରେ ବଡ଼ସାହି ଅଞ୍ଚଳର କେତେକ ସରକାରୀ କର୍ମଚାରୀ ଓ ଶିକ୍ଷକ ମଧ୍ୟ ସାମିଲ ଅଛନ୍ତି।

ଶିଆଳିଘାଟୀ ପଞ୍ଚାୟତ ଦୀନବନ୍ଧୁପୁର ଗ୍ରାମର ମହିଳା ରତ୍ନମଞ୍ଜରୀ ଗିରି ଉକ୍ତ ସଂସ୍ଥାରେ ଟଙ୍କା ଦେଇ ଠକାମିରେ ପଡ଼ିଥିବା କହିଛନ୍ତି। ସଂସ୍ଥା ପକ୍ଷରୁ ଏଜେଣ୍ଟ ମାଧ୍ୟମରେ ୩ହଜାର ଟଙ୍କା ଆଦାୟ କରାଯାଇଥିବାବେଳେ ଦିଆଯାଇଥିବା ସାମଗ୍ରୀ କିନ୍ତୁ ନିମ୍ନମାନର। ତେବେ ଉକ୍ତ ସଂସ୍ଥାର କର୍ମକର୍ତ୍ତାମାନେ ଟଙ୍କା ଫେରସ୍ତ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଅଦ୍ୟାବଧି ଟଙ୍କା ମିଳିପାରି ନାହିଁ। ସେହିପରି ଗମ୍ଭାରିଆ ଗ୍ରାମର ଜଗନ୍ନାଥ ଗିରି କହନ୍ତି, ସଂସ୍ଥାରେ ଯୋଗଦେବା ପରେ ଉପରିସ୍ଥ କର୍ମଚାରୀମାନେ ଆମକୁ ନାଲି ଆଖି ଦେଖାଇ ଦିନରାତି କାମ କରିବା ପାଇଁ ବାଧ କରୁଛନ୍ତି। ବିଭିନ୍ନ ସ୍ଥାନରେ ସଭାସମିତି କରାଇ ଆଖପାଖ ବେକାର ଯୁବତୀଯୁବକଙ୍କୁ ଏଥିରେ ସାମିଲ କରାଯାଉଛି। ବଡ଼ସାହି ଅଞ୍ଚଳର ମନୋରଞ୍ଜନ ବେହେରା କହନ୍ତି, ସଂସ୍ଥାରେ ଯୋଗଦେବା ପରେ ଉପରିସ୍ଥ କର୍ମଚାରୀମାନେ ବିଭିନ୍ନ ପ୍ରକାର ଲୋଭ ଦେଖାଇଥିଲେ। ୨୦ଯୋଡ଼ା ସଦସ୍ୟ ଯୋଗାଡ଼ କରାଇଲେ ଏକ ଚାରିଚକିଆ କାର କମ୍ ଦାମରେ ଯୋଗାଇ ଦିଆଯିବ ବୋଲି କହିଥିଲେ। ମାତ୍ର ଏବେ ସଂସ୍ଥାର ଉପରିସ୍ଥ କର୍ମଚାରୀ ଆଉ ଧରାଛୁଆଁ ଦେଉ ନାହାନ୍ତି। ଠକ ସଂସ୍ଥାର ଏଜେଣ୍ଟମାନେ ଘର ଘର ବୁଲି ବେକାର ଯୁବତୀ ଯୁବକମାନଙ୍କୁ ଏଥିରେ ସାମିଲ କରୁଛନ୍ତି। ଏ ସମ୍ପର୍କରେ ବଡ଼ସାହି ଥାନାଧିକାରୀ ଜୟନାରାୟଣ ଖଣ୍ଡାଇ କହନ୍ତି, ଏପରି କୌଣସି ଅଭିଯୋଗ ଆମ ପାଖକୁ ଆସି ନାହିଁ। ଖବରପାଇବା ମାତ୍ରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସେହିପରି ବଡ଼ସାହି ବିଡିଓ ରବୀନ୍ଦ୍ର କୁମାର ପ୍ରଧାନ କହନ୍ତି, ଠକ ସଂସ୍ଥା ସମ୍ପର୍କରେ କୌଣସି ତଥ୍ୟ ମିଳି ନାହିଁ। ତେବେ ଏପରି ସଂସ୍ଥା ଚାଲୁଥିଲେ ଖୁବ୍ ଶୀଘ୍ର ଆଇନର ଆଶ୍ରୟ ନିଆଯିବ ବୋଲି ଜଣାଇଛନ୍ତି।

## ସଂକ୍ଷେପରେ

### ରକ୍ତଦେଇ ଜୀବନ ବଞ୍ଚାଇଲେ ଉଦୟନାଥ

**ରାଇସୁଆଁ, ୨୯।୧(ଡି.ଏନ.ଏ.):** କେନ୍ଦୁଝର ଜିଲା ବାଂଶପାଳ ବ୍ଲକ କଂସ ଗ୍ରାମର ଠାକୁର ଦାସ ଜୁଆଙ୍କଙ୍କ ସ୍ତ୍ରୀ ନିରମଣୀଙ୍କୁ ଜଣେ ସ୍ୱାସ୍ଥ୍ୟକର୍ମୀ ରକ୍ତ ଦେଇ ଜୀବନ ବଞ୍ଚାଇଛନ୍ତି। ନିରମଣୀଙ୍କ ପ୍ରସବ ବେଦନା ହେବାରୁ କେନ୍ଦୁଝର ଜିଲା ମୁଖ୍ୟଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ନିରମଣୀଙ୍କୁ ରକ୍ତ ଆବଶ୍ୟକ ବୋଲି ଡାକ୍ତର କହିଥିଲେ। ସେ ଗରିବ ହୋଇ ଥିବାରୁ ରକ୍ତ ଯୋଗାଡ କରିବାକୁ ଅକ୍ଷମ ହୋଇଥିଲେ। ସେହି ସମୟରେ କୁଣ୍ଡେଇ ଉପସ୍ୱାସ୍ଥ୍ୟ କର୍ମୀ ଉଦୟନାଥ ରାୟ ଆସି ରକ୍ତଦାନ କରି ମହିଳାଙ୍କୁ ଜୀବନ ବଞ୍ଚାଇ ଥିଲେ। ଉଭୟ ମା' ଏବଂ ନବଜାତ ଶିଶୁ ସୁସ୍ଥ ଥିବା ଜଣାଯାଇଛି। ସ୍ଥାନୀୟ ଜନସାଧାରଣ ଏବଂ ମହିଳାଙ୍କ ପରିବାର ତରଫରୁ ଉଦୟନାଥଙ୍କୁ ଧନ୍ୟବାଦ ଦିଆଯାଇଛି।

### ମହିଳାଙ୍କୁ ମାଡ଼ମାରି ଜଣେ ଗିରଫ

**ପାଟଣା, ୨୯।୧(ସ୍ୱ.ପ୍ର.):** ପାଟଣା ଥାନା ଦମାହୁଦା ପଞ୍ଚାୟତ ଉଚଟାଙ୍ଗର ଗ୍ରାମର ଜଣେ ବ୍ୟକ୍ତିଙ୍କୁ ମଙ୍ଗଳବାର ସାହାରପଡା ଫାଣ୍ଡି ଅଧିକାରୀ ଅଶୋକ କୁମାର ପୋହି ଗିରଫ କରିଛନ୍ତି। ଗିରଫ ବ୍ୟକ୍ତି ହେଉଛନ୍ତି ଉକ୍ତ ଗ୍ରାମର ନଟବର ନାଏକଙ୍କ ପୁଅ ଶୁକଦେ। ବିବାହର ୯ବର୍ଷ ପରେ ଶନିବାର ରାତିରେ ବାପ ଘର ଝାରଖଣ୍ଡରୁ ଜଣେ ମହିଳା ଉଚଟାଙ୍ଗରର ନିଜ ସ୍ୱାମୀଙ୍କ ପାଖକୁ ଆସିଥିଲେ। ଏ ନେଇ ଘରେ ଝଗଡ଼ା ହୋଇଥିଲା। ମହିଳାଙ୍କୁ ଶୁକଦେ ଆକ୍ରମଣ କରିଥିଲେ ବୋଲି ଅଭିଯୋଗ ହୋଇଛି। ପାଟଣା ଥାନାରେ ଏକ ମାମଲା(ନଂ.୧୩/୧୯) ରୁଜୁ ହୋଇଛି।

### ବିଦେଶୀ ମଦ ଜବତ, ଜଣେ ଗିରଫ

**ଯୋଡ଼ା, ୨୯।୧(ଡି.ଏନ.ଏ.):** ବାମେବାରୀ ଥାନା ଅନ୍ତର୍ଗତ ବିପ୍ଲଟ ଗ୍ରାମରେ ବିଦେଶୀ ମଦ କାରବାର ଅଭିଯୋଗରେ ଜଣେ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ବାମେବାରୀ ଥାନା ଅଧିକାରୀ ପରେଶ କୁମାର ମହାନ୍ତିଙ୍କ ସୂଚନାନୁଯାୟୀ, ମଙ୍ଗଳବାର ପୋଲିସ ଚଢ଼ାଉ କରି ଉକ୍ତ ଗ୍ରାମର ସୂର୍ଯ୍ୟ ଠାକୁରଠାରୁ ୨୫ ବୋତଲ ବିଦେଶୀ ମଦ ଜବତ କରି ତାଙ୍କୁ ଗିରଫ କରିଥିଲା। ଉକ୍ତ ଗ୍ରାମରେ ମହୁଲି ମଦ କାରବାର ନେଇ ଅଭିଯୋଗ ହୋଇଥିଲା। ଏ ନେଇ ଗ୍ରାମରେ ଚଢାଉ କରାଯାଇଥିଲା ବୋଲି ଥାନା ଅଧିକାରୀ ପରେଶ କୁମାର ମହାନ୍ତି କହିଛନ୍ତି।

### ବିଦ୍ୟାଳୟର କର୍ମଚାରୀଙ୍କ ଆନ୍ଦୋଳନ

**ରାଇସୁଆଁ, ୨୯।୧(ଡି.ଏନ.ଏ.)** କେନ୍ଦୁଝର ଜିଲା ସଦର ବ୍ଲକ ଅନ୍ତର୍ଗତ ପଦ୍ମପୁର କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର କର୍ମଚାରୀ ଆନ୍ଦୋଳନ ଡାକରା ଦେଇଛନ୍ତି। ନିଖିଳ ଉତ୍କଳ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ସଂଘର ଡାକରା କ୍ରମେ ଏହି ଆନ୍ଦୋଳନ ଆରମ୍ଭ ହୋଇଥିବା ଜଣାଯାଇଛି। ୧୪ ବର୍ଷରୁ ଊର୍ଦ୍ଧ୍ୱ ବର୍ଷଧରି ବିଦ୍ୟାଳୟରେ କାମ କରି ମଧ କର୍ମଚାରୀଙ୍କୁ ଅବହେଳ କରାଯାଉଛି। ସ୍କୁଲ ପରିତ୍ୟାଗ କରିଥିବା, ଦିବ୍ୟାଙ୍ଗ, ମାତାପିତା ନ ଥିବା ଛାତ୍ରୀଙ୍କୁ ବିଦ୍ୟାଳୟକୁ ଆଣି ସମାଜର ମୁଖ୍ୟ ସ୍ରୋତରେ ସାମିଲ କରାଯାଉଛି। ସରକାର କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ଦେଉ ନାହାନ୍ତି ବୋଲି କେତେକ କର୍ମଚାରୀ କହିଛନ୍ତି।

### ଚୋରି ବାଇକ୍ ଉଦ୍ଧାର, ଅଭିଯୁକ୍ତ ଗିରଫ



**ବଡ଼ବିଲ, ୨୯।୧(ସ୍ୱ.ପ୍ର.):** ବଡ଼ବିଲ ପୋଲିସ ସୋମବାର ଏକ ଚୋରି ବାଇକ୍ ଉଦ୍ଧାର କରିବା ସହ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ସୟାବାଲି ଗ୍ରାମର ଲାଓ ମୁଣ୍ଡା। ଗତ ୨୦୧୮ ଡିସେମ୍ବର ୪ରେ ୨ ବାଇକ୍ ଚୋରି ଘଟଣାରେ ବଡ଼ବିଲ ଥାନାରେ ଏକ ମାମଲା (ନଂ ୧୮୩/୨୦୧୮) ରୁଜୁ ହୋଇଥିଲା। ପୋଲିସ ଗୋଟିଏ ଚୋରି ବାଇକ୍ ଉଦ୍ଧାର କରିଛି। ଅନ୍ୟ ଚୋରି ବାଇକ୍‌ର ସନ୍ଧାନ ମିଳିପାରି ନ ଥିବା ବେଳେ ପୋଲିସ ତଦନ୍ତ ଚଳାଇଛି।

# ବେଆଇନ ଜରିମାନା ଆଦାୟକୁ ବିରୋଧ

**ଯୋଡ଼ା, ୨୯।୧(ଡି.ଏନ.ଏ.)**



OD 07A 4914 PENALTY DL
JINDAL STEEL & POWER
Sl. No. 2766 Date: ...
A penalty of Rs. 500/- (Rupees five Hundred Only)
has been imposed on Mr./Ms. Manya Bengom 32125/12 Employee code no./gate
Pass no. 1257/217 Vehicle No. OD07A4914 c/o ... Contractor
for wrong root
PENALTY FOR TRAFFIC VIOLATION Rs.
Sign. of the Employee
Sign. of the Concerned ...
Copy to : Accounts for necessary deduction of from Solory/RA Bill

ଆଦାୟ ହୋଇଥିବା ଟଙ୍କାର ରସିଦ୍।

- କମ୍ପାନୀର ନିୟମ ଉଲ୍ଲଂଘନ ଆଳ
- ଅଭିଯୋଗ କଲେ ଟ୍ରକ୍ ମାଲିକ

କେନ୍ଦୁଝର ଜିଲା ଯୋଡ଼ା ଖଣି ମଣ୍ଡଳର ଦେଓଝରର ଜିନ୍ଦଲ କାରଖାନା ପକ୍ଷରୁ ବେଆଇନ ଭାବେ ଜରିମାନା ଆଦାୟକୁ ଗାଡ଼ି ମାଲିକ ବିରୋଧ କରିଛନ୍ତି। ନିୟମ ଉଲ୍ଲଂଘନ ଆଳ ଦେଖାଇ ଜରିମାନା ଆଦାୟ କରାଯାଇଥିବା ଅଭିଯୋଗ ହୋଇଛି। ବିଭିନ୍ନ ଖଣିରୁ ଲୁହା ବୋଝେଇ ହୋଇ ଟ୍ରକ୍ ଯୋଗେ ଉକ୍ତ କାରଖାନାକୁ ଆସିଥାଏ। ଟ୍ରକ୍‌ଗୁଡିକୁ କାରଖାନା ଭିତରେ ଥିବା ରାସ୍ତାରେ ଯିବା ପାଇଁ ସିକ୍ୟୁରିଟ୍ ବାଟ ଦେଖାଇଥାଏ। ଠିକ ରାସ୍ତା ନ ଦେଖେଇବାରୁ ଟ୍ରକ୍‌ଗୁଡିକ ପଥଭ୍ରଷ୍ଟ ହୋଇ ଅନ୍ୟ ଏକ ରାସ୍ତାରେ ଚାଲି ଯାଇଥିଲେ। ଉକ୍ତ କାରଖାନା କର୍ତ୍ତୃପକ୍ଷ କମ୍ପାନୀର ନିୟମ ଉଲ୍ଲଂଘନ ଏବଂ ରଙ୍ଗ୍ ରୁଟ୍ ଦର୍ଶାଇ ପ୍ରତି ଗାଡିଠାରୁ ବେଆଇନ ଜରିମାନା ଆଦାୟ କରିଛି। ଏ ନେଇ ମାଇନିଂ ଏରିଆ ଟ୍ରକ୍ ଓନର ଆସୋସିଏଶନ ପକ୍ଷରୁ କିଛି ଗାଡି ମାଲିକ ବିରୋଧ କରିଛନ୍ତି।

ଜରିମାନା ବାବଦକୁ ୫ ଶହ ଟଙ୍କା ଜୋରଜବରଦସ୍ତି ନିଆଯାଇଛି। ଗାଡିଗୁଡିକ ବିଭିନ୍ନ ଖଣିରେ ପରିବହନ ନିୟମ ଉଲ୍ଲଂଘନ କଲେ ସମ୍ପୃକ୍ତ ଗାଡିକୁ ବ୍ଲାକଲିଷ୍ଟ କରି କିଛିଦିନ ପାଇଁ ପରିବହନ କାର୍ଯ୍ୟରୁ ବଞ୍ଚିତ କରାଯାଇଥାଏ। ଏପରି ବେଆଇନ ଜରିମାନା ଆଦାୟ କୌଣସି ଖଣି କମ୍ପାନୀ ପକ୍ଷରୁ ଅଦ୍ୟାବଧି କରାଯାଇ ନ ଥିବା କେତେକ ଟ୍ରକ୍ ମାଲିକ କହିଛନ୍ତି। ଏ ନେଇ ଜିନ୍ଦଲ କାରଖାନାର କର୍ପୋରେଟ୍ କମ୍ୟୁନିକେଶନ ଅଧିକାରୀ ଶୁଭଙ୍କର ବେହେରାଙ୍କୁ ପଚାରିବାରୁ ବିଶୃଙ୍ଖଳିତ ଭାବେ ଟ୍ରକ୍‌ଗୁଡିକ ଚଳାଚଳ କରୁଛି। ଶୃଙ୍ଖଳିତ ରଖିବା ଉଦ୍ଦେଶ୍ୟରେ କାରଖାନା ପକ୍ଷରୁ ଜରିମାନା ଆଦାୟ ନିୟମ କରାଯାଇଛି। ଉକ୍ତ ଅର୍ଥ କୌଣସି ସରକାରୀ ତହବିଲକୁ ଦିଆଯାଏ ନାହିଁ ବୋଲି ସେ କହିଛନ୍ତି।

# ବନ୍ଦ କୋଠରିରେ ବିତୁଛି ଜୀବନ

**ତେଲକୋଇ, ୨୯।୧(ଡି.ଏନ.ଏ.)**

ତେଲକୋଇ ଥାନା ଅନ୍ତର୍ଗତ ଦେଉଳଡିହା ପଞ୍ଚାୟତ ଅଧୀନ ମଣ୍ଡେଇ ସାହିରେ ଜଣେ ଲୋକ ୨ବର୍ଷ ହେଲା ଏକ ବନ୍ଦ କୋଠରିରେ ରହୁଛନ୍ତି। ଉକ୍ତ କୋଠରିରେ ଗୃହକର୍ତ୍ତା ଈଶ୍ୱର ମହାନ୍ତ(୫୦) ରହୁଛନ୍ତି। ପରିବାର ପକ୍ଷରୁ ତାଙ୍କୁ ଏକ ଘରେ ତାଲା ପକାଇ ରଖାଯାଇଛି। ଈଶ୍ୱର ଜଣେ ମାନସିକ ରୋଗୀ। ଆବଶ୍ୟକ ଖାଦ୍ୟ ଦିଆଯାଉଥିବା ପରିବାର ଲୋକେ କହିଛନ୍ତି। ତାଙ୍କ ପରିବାରରେ ୭ ଜଣ ରହୁଛନ୍ତି। ଘରର ପୁଅ ଲୋକନାଥ ମହାନ୍ତ, ଝିଅ ନିରୁପମା ମହାନ୍ତ ମଧ ମାନସିକ ବିକାରଗ୍ରସ୍ତ ହୋଇ ବୁଲୁଛନ୍ତି। ଈଶ୍ୱରଙ୍କ ସ୍ତ୍ରୀ ସୀତା କହିଛନ୍ତି ଯେ, ସ୍ୱାମୀଙ୍କ ମୁଣ୍ଡ ଦୋଷ ଯୋଗୁ ଘରେ ବନ୍ଦ କରି ରଖିଛୁ। ଏ ନେଇ ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ଜଣାଇବା ପରେ ପ୍ରଶାସନ ସାହଯ୍ୟ ପ୍ରତିଶ୍ରୁତି ଦେଇଛି । ଏ ନେଇ ସ୍ଥାନୀୟ ବିଡିଓ ଦିଲୀପ କୁମାର ବାରାଙ୍କୁ ପଚାରିବାରୁ ତାଙ୍କୁ ଚିକିତ୍ସା କରାଯିବା ଯୋଜନା ରହିଥିବା ସେ କହିଛନ୍ତି।

# ମାଗେ ପରବ ଉଦ୍‌ଯାପିତ



କୃତୀ ପ୍ରତିଯୋଗୀଙ୍କ ସହ ଅତିଥି।

**ଚମ୍ପୁଆ, ୨୯।୧(ଡି.ଏନ.ଏ.)**

ଚମ୍ପୁଆ ବ୍ଲକ ଅନ୍ତର୍ଗତ ରଙ୍ଗାମାଟିଆ ପଞ୍ଚାୟତ ବନିକାଠାରେ ଆଖଳପଦା ହୋ ସମାଜର ୩ୟ ବାର୍ଷିକ ମାଗେ ପରବ ଅନୁଷ୍ଠିତ ହୋଇଯାଇଛି। ୩ଦିନ ଧରି ଚାଲିଥିବା ପରବରେ ମୁଣ୍ଡା ସମ୍ପ୍ରଦାୟର ଅଧିବାସୀ ସାମ୍ପ୍ରଦାୟିକ ସଦ୍‌ଭାବନା ଓ ସଂସ୍କୃତିକୁ ଉଜ୍ଜୀବିତ ରଖିବା ପାଇଁ ପାରମ୍ପରିକ ନାଚଗୀତରେ ଝୁମି ଥିଲେ। ଦେବଦେବୀଙ୍କୁ ପୂଜାର୍ଚ୍ଚନା କରିଥିଲେ। ବିଭିନ୍ନ ପ୍ରତିଯୋଗିତା ଆୟୋଜିତ କରାଯାଇଥିଲା। ମାଗେ ପରବ ଉଦ୍‌ଯାପନୀରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା କୁଡୁମି ସମାଜର ସଭାପତି କ୍ଷୀରୋଦ ଚନ୍ଦ୍ର ମହାନ୍ତ, ସମ୍ମାନିତ ଅତିଥି ଭାବେ ସରପଞ୍ଚ ରତିକାନ୍ତ ସିଂହ, ବ୍ରଜମୋହନ ମୁଣ୍ଡା, ଲଛମନ ମୁଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ପରମ୍ପରା ବଞ୍ଚିଲେ ଜାତି ବଞ୍ଚିବ ଓ ସାମ୍ପ୍ରଦାୟିକ ସଦଭାବନା ସୃଷ୍ଟିକରି ଏକତା ସୂତ୍ରରେ ବାନ୍ଧି ରଖିପାରିବ ବୋଲି ମତ ପ୍ରକାଶ ପାଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

■ ହୋ ଭାଷାକୁ ସାମ୍ବିଧାନିକ ମାନ୍ୟତା ଦିଅ

# ଆଜି ଯୋଡ଼ାରେ ରେଳରୋକୋ





ଖବରଦାତା ସମ୍ମିଳନୀରେ ସଙ୍ଗଠନର କର୍ମକର୍ତ୍ତା।

**ଯୋଡ଼ା, ୨୯।୧(ଡି.ଏନ.ଏ.)**

ସର୍ବଭାରତୀୟ ହୋ ଭାଷା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ୪ ଦଫା ଦାବି ନେଇ ବୁଧବାର କେନ୍ଦୁଝର ଜିଲାରେ ରେଳରୋକୋ ଆନ୍ଦୋଳନ କରାଯିବା ବୋଲି ସୂଚନା ମିଳିଛି। ମଙ୍ଗଳବାର ଯୋଡା ପ୍ରେସ କ୍ଲବ କନଫରେନ୍ସ ହଲରେ ସର୍ବଭାରତୀୟ ହୋ ଭାଷା କ୍ରିୟାନୁଷ୍ଠାନ କମିଟି ସହ ଅନୁବନ୍ଧିତ ଯୋଡା ବ୍ଲକ ବିଲେଇପଦାର ହୋ ସେୟାଁ ମାସ୍କାଲ ଆକାଳା ପକ୍ଷରୁ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଏଥିରେ ହୋ ସେୟାଁ ମାସ୍କାଲ ଆକାଳାର ସାଧାରଣ ସମ୍ପାଦକ କୃଷ୍ଣ ଚନ୍ଦ୍ର ଗାଗରାଇ, ଆଦିବାସୀ ହୋ ସମାଜ ମହାସଭାର କେନ୍ଦୁଝର ଶାଖାର ଗୌର ଚନ୍ଦ୍ର ମୁଣ୍ଡା, ସାଗେନ ସାକାମ ଆଦିବାସୀ ସାମାଜିକ ସଂଘର ରୋଇଡା ଶାଖାର ସଭାପତି ସୁନିଆ ମୁଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ହୋ ଭାଷାକୁ ସାମ୍ବିଧାନିକ ମାନ୍ୟତା ପ୍ରଦାନ ସହ ଓଡ଼ିଶାରେ ଦ୍ୱିତୀୟ ରାଜ ଭାଷା ମାନ୍ୟତା ପ୍ରଦାନ, ହୋ ଅଧୁଷିତ ପ୍ରାଥମିକ ବିଦ୍ୟାଳୟ ଗୁଡିକରେ ହୋ ଭାଷା ଶିକ୍ଷକ ନିଯୁକ୍ତି ଆଦି ଦାବିରେ ୧୦ ଘଟିକାରୁ ସନ୍ଧ୍ୟା ୪ ଘଟିକା ପର୍ଯ୍ୟନ୍ତ ଯୋଡା ବ୍ଲକର ବିଭିନ୍ନ ରେଳ ଷ୍ଟେଶନରେ ରେଳରୋକୋ କରାଯିବ ବୋଲି ଜଣାଯାଇଛି। ହୋ ସେୟାଁ ମାସ୍କାଲ ଆକାଳ ସଙ୍ଗଠନ ପକ୍ଷରୁ ସମ୍ପୂର୍ଣ୍ଣ ସମର୍ଥନ କରି ଏହି ରେଳରୋକୋରେ ସାମିଲ ହେବ ବୋଲି ସଙ୍ଗଠନର ସମ୍ପାଦକ କୃଷ୍ଣଚନ୍ଦ୍ର ଗାଗରାଇ କହିଛନ୍ତି। ଯୋଡା ବ୍ଲକର ଜୁରୁଡି, ମୁର୍ଗା ମହାଦେବ, ବଡ଼ବିଲ ଓ ବାଂଶପାଣି ରେଳ ଷ୍ଟେଶନ ଗୁଡିକରେ ଶାନ୍ତିପୂର୍ଣ୍ଣ ଭାବେ ହୋ ଭାଷାଭାଷୀ ସମ୍ପ୍ରଦାୟର ଶତାଧିକ ମହିଳାପୁରୁଷ ରେଳରୋକୋ କରିବେ ବୋଲି ନିଷ୍ପତ୍ତି ହୋଇଛି।

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

**ଝୁମ୍ପୁରା, ୨୯।୧(ଡି.ଏନ.ଏ.)**

ଝୁମ୍ପୁରା ବ୍ଲକ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ସମାଜିକ ସୁରକ୍ଷା ଓ ଭିନ୍ନକ୍ଷକ ସଶକ୍ତିକରଣ ବିଭାଗ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମକୁ ଝୁମ୍ପୁରା ବିଡିଓ ଜୟଶ୍ରୀ ବେଉର ଉଦ୍‌ଘାଟନ କରିଥିଲେ। ଦିବ୍ୟାଙ୍ଗଙ୍କ ପୁରୁଣା ସାର୍ଟିଫିକେଟ ବଦଳା ଯାଇଥିଲା। ବସ୍ ପାଶ, ଡିଆରଆଇ ଲୋନ ପାଇଁ ଆବେଦନ ସହ ଦକ୍ଷତା ବିକାଶ ତାଲିମ ପାଇଁ ମଧ ପ୍ରାର୍ଥୀ ଚୟନ ପ୍ରକ୍ରିୟା କରାଯାଇଥିଲା। ୮ ଷ୍ଟଲ ଖୋଲା ଯାଇଥିଲା। ଭିନ୍ନକ୍ଷମଙ୍କ ଖାଦ୍ୟ ଗ୍ରହଣ ସମୟରେ ପାଣି ନ ଥିବାରୁ ଅବ୍ୟବସ୍ଥା ଦେଖାଯାଇଥିଲା। ଏଥିରେ ବିଏସଏସଓ ପଦ୍ମଲୋଚନ ବେହେରା, ସଙ୍ଗିତା ସାହୁ, ସସ୍ମିତ ବାରିକଙ୍କ ସହ ୧୬ନଂ ଜିଲା ପରିଷଦ ସଦସ୍ୟ ସୋମନାଥ ମୁଣ୍ଡା, ୧୭ନଂ ଜିଲାପରିଷଦ ସଦସ୍ୟ ଅନୁବ୍ରତ ବେହେରା, ଅର୍ଶଳା ସରପଞ୍ଚ ପ୍ରସନ ନାଏକ, ଖେଣ୍ଡରା ସରପଞ୍ଚ ଦର୍ଶନ ମୁଣ୍ଡାଙ୍କ ସହ ଉଖୁଣ୍ଡା, ବାରିଆ, ବଡନେଉଳୀ, ଖୁଣ୍ଟାପଡା, ମଲଦା, କୁଟୁଗାଁ ପଞ୍ଚାୟତର ପଞ୍ଚାୟତ ପ୍ରତିନିଧି ଉପସ୍ଥିତ ଥିଲେ।

■ କେନ୍ଦୁଝର ଜିଲା ଟ୍ରକ୍ ମାଲିକ ସଂଘ ନିର୍ବାଚନ

# ରମାକାନ୍ତ ସଭାପତି, ସୂର୍ଯ୍ୟ ସାଧାରଣ ସମ୍ପାଦକ

**କେନ୍ଦୁଝର, ୨୯।୧(ସ୍ୱ.ପ୍ର.)**



ନିର୍ବାଚିତ ପ୍ରାର୍ଥୀ ସହର ପରିକ୍ରମା କରୁଛନ୍ତି।

ବହୁ ପ୍ରତୀକ୍ଷିତ କେନ୍ଦୁଝର ଜିଲା ଟ୍ରକ୍ ମାଲିକ ସଂଘ ନିର୍ବାଚନ ଓ ଭୋଟ ଗଣନା ଶାନ୍ତି ଶୃଙ୍ଖଳା ସହ ଶେଷ ହୋଇଛି। ସଭାପତି ଭାବେ ରମାକାନ୍ତ ନାୟକ, ସାଧାରଣ ସମ୍ପାଦକ ଭାବେ ସୂର୍ଯ୍ୟନାରାୟଣ କର ନିର୍ବାଚିତ ହୋଇଥିବା ସଂଘ ପକ୍ଷରୁ ସୂଚନା ମିଳିଛି। ଉପସଭାପତି ଭାବେ ଦିଲୀପ ପଣ୍ଡା ଓ ଟିକି ପୁଅ ନିର୍ବାଚିତ ହୋଇଛନ୍ତି। ଯୁଗ୍ମ ସମ୍ପାଦକ ଭାବେ ଦେବାଶିଷ ପଟ୍ଟନାୟକ ଓ ସଞ୍ଜୟ ସିଂ ନିର୍ବାଚିତ ହୋଇଛନ୍ତି। କୋଷାଧ୍ୟକ୍ଷ ଭାବେ ରୁଦ୍ର ନାରାୟଣ ମିଶ୍ର, ୧୦ ଜଣ କାର୍ଯ୍ୟକାରିଣୀ ସଦସ୍ୟ ନିର୍ବାଚିତ ହୋଇଥିବା ନିର୍ବାଚନ ଅଧିକାରୀ ରୁଦ୍ର ନାରାୟଣ ମହାନ୍ତ କହିଛନ୍ତି।

ସମାନ ଭୋଟ ଥିବାରୁ ୨ ଜଣ କାର୍ଯ୍ୟକାରିଣୀ ସଦସ୍ୟ ପୁନଃ ଭୋଟ ଗଣନା କରିବାକୁ ଦାବି କରିଛନ୍ତି। ବିତ୍ତଶାଳୀ କେନ୍ଦୁଝର ଟ୍ରକ୍ ମାଲିକ ସଂଘ ନିର୍ବାଚନ ଉପରେ ଖଣି, କାରଖାନା, ଟ୍ରାନ୍ସପୋର୍ଟର ସମେତ ଅନେକଙ୍କ ନଜର ରହିଥିଲା। ସମୁଦାୟ ୨୮୩୮ ଜଣ ସଦସ୍ୟ ଏହି ସଂଘରେ ଅଛନ୍ତି। ୯୮ ପ୍ରାର୍ଥୀ ନିର୍ବାଚନକୁ ଓହ୍ଲାଇ ଥିଲେ। ନିର୍ବାଚିତ ପ୍ରାର୍ଥୀ ଦେବଦେବୀ ଦର୍ଶନ କରିବା ପରେ ଏକ ଶୋଭାଯାତ୍ରାରେ ସମର୍ଥକଙ୍କ ଗହଣରେ ସହର ପରିକ୍ରମା କରିଥିଲେ।

## ଆନ୍ଦୋଳନ ଚେତାବନୀ

**ପାଟଣା, ୨୯।୧(ସ୍ୱ.ପ୍ର.)**

ପାଟଣା ଥାନା ସାହାରପଡ଼ା ବ୍ଲକ ଖୁଣ୍ଟାପଡ଼ା ପଞ୍ଚାୟତକୁ ଚତୁର୍ଦ୍ଦଶ ଅର୍ଥ ଆୟୋଗର ଆର୍ଥିକ ବର୍ଷ ୧୫-୧୬ ଓ ୧୬- ୧୭ର ଅନୁଦାନ ଯୋଗାଇ ଦେବାକୁ ବିଡ଼ିଓ ଭାଗୀରଥି ମାଲିକଙ୍କ ନିକଟରେ ପଞ୍ଚାୟତବାସୀ ଦାବି କରିଛନ୍ତି। ସାତ ଦିନ ମଧ୍ୟରେ ଅନୁଦାନ ନ ଦେଲେ ଲୋକେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଏ ନେଇ ଖୁଣ୍ଟାପଡା ସରପଞ୍ଚ ବିରେନ ମୁଣ୍ଡାଙ୍କ ସହ ଲାଲମୋହନ ନାଏକ, ସହଦେବ ମହାନ୍ତ, ପୂର୍ବତନ ସାହାରପଡା ବ୍ଲକ ଅଧ୍ୟକ୍ଷ ଗୌତମ ନାଏକ, ପ୍ରମୋଦ ମହାନ୍ତ, କନ୍ଦା ଲୋହାର ଓ ପୂର୍ଣ୍ଣଚନ୍ଦ୍ର ମହାନ୍ତ ପ୍ରମୁଖ ବିକ୍ଷୋଭ କରିଥିଲେ ବୋଲି ଜଣାଯାଇଛି। ଏ ନେଇ ବିଡ଼ିଓ ଭାଗୀରଥି ମଲିକଙ୍କୁ ପିଚାଚାରିବାରୁ ପୂର୍ବତନ ବିଡ଼ିଓଙ୍କ ଅମଳରେ ଉକ୍ତ ଅର୍ଥ ଭୁଲବଶତଃ ଜଣେ ଲୋକଙ୍କ ଜମାଖାତାରେ ପୈଠ ହୋଇଯାଇଥିଲା। ସେଥିରୁ ୩୦ ଲକ୍ଷ ଟଙ୍କା ଅଦାୟ ହୋଇଥିଲା। ୧୧ ଲକ୍ଷ ଟଙ୍କା ଆଦାୟ ହୋଇପାରି ନ ଥିବା ସେ କହିଛନ୍ତି।

# ସାହାଯ୍ୟ ପାଇଁ ପୁରସ୍କୃତ ହେଲେ ସଞ୍ଜୟ

**ରାଇସୁଆଁ, ୨୯।୧(ଡି.ଏନ.ଏ.)**

କେନ୍ଦୁଝର ଜିଲା ସଦର ଥାନା ଅନ୍ତର୍ଗତ ମହାଦେଇଯୋଡ଼ା ପଞ୍ଚାୟତ ମହାଦେଇଯୋଡ଼ା ଗ୍ରାମର ସଞ୍ଜୟ ସାହୁଙ୍କୁ ଜିଲା ପ୍ରଶାସନ ପକ୍ଷରୁ ମାନପତ୍ର ଦେଇ ପୁରସ୍କୃତ କରାଯାଇଛି। ଦୁର୍ଘଟଣାରେ ଆହତଙ୍କୁ ଉଦ୍ଧାର କରି ଜୀବନ ବଞ୍ଚିଇ ଥିବାରୁ ସଞ୍ଜୟଙ୍କୁ ଆରକ୍ଷୀ ଅଧୀକ୍ଷକ ପୁରସ୍କୃତ କରିଛନ୍ତି। ସ୍ଥାନୀୟ ଅଞ୍ଚଳ ଜନସାଧାରଣ ଆରକ୍ଷୀ ଅଧୀକ୍ଷକଙ୍କୁ ଧନ୍ୟବାଦ ଦେଇଛନ୍ତି। ଏ ନେଇ ସଞ୍ଜୟଙ୍କୁ ପଚାରିବାରୁ ମାନବ ସେବା ହିଁ ମାଧବ ସେବା। ଏହା ସମସ୍ତେ ଚିନ୍ତା କରି ବିପଦରେ ପଡିଥିବା ଅସହାୟଙ୍କୁ ସହାୟତାର ହାତ ବଢେଇବା ହିଁ ପ୍ରକୃତ ମାନବିକତା ବୋଲି ସେ କହିଛନ୍ତି।



ଆରକ୍ଷୀ ଅଧୀକ୍ଷକଙ୍କଠାରୁ ସଞ୍ଜୟ ପୁରସ୍କାର ଗ୍ରହଣ କରୁଛନ୍ତି।

# ଛାତ୍ରୀଙ୍କୁ ଆତ୍ମରକ୍ଷା ତାଲିମ

**କେନ୍ଦୁଝର, ୨୯।୧(ସ୍ୱ.ପ୍ର.)**

ହରିଚନ୍ଦନପୁର ବ୍ଲକ ଅନ୍ତର୍ଗତ ଜଙ୍ଘିରାସ୍ଥିତ ମହାପାଟ ମହାବିଦ୍ୟାଳୟର ଛାତ୍ରୀଙ୍କ ଆତ୍ମରକ୍ଷା ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷ ବ୍ରହ୍ମାନନ୍ଦ ନାୟକଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ପରିଚାଳନା ସମିତି ସଭ୍ୟ ରମେଶ ଚନ୍ଦ୍ର ମିଶ୍ର, ମୁଖ୍ୟବକ୍ତା ଭାବେ ଭୀମସେନ ସେଠୀ ଯୋଗଦେଇ ଆତ୍ମରକ୍ଷା କୌଶଳ ଶିଖିବା ଆବଶ୍ୟକ ବୋଲି କହିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ଯୁକ୍ତ ୨ ଉଚ୍ଚବିଦ୍ୟାଳୟର ଅଧକ୍ଷ ଶରତ ଚନ୍ଦ୍ର ମହାପାତ୍ର, ଅଧାପକ ଅକ୍ଷୟ ସିଂହ, ସିଦ୍ଧେଶ୍ୱର ନାୟକ ଯୋଗଦେଇ ଆତ୍ମରକ୍ଷା ପ୍ରଶିକ୍ଷଣର ଆବଶ୍ୟକତା ଓ ଗୁରୁତ୍ୱ ବିଷୟରେ ଛାତ୍ରୀଙ୍କୁ କହିଥିଲେ। ପ୍ରୋଗ୍ରାମ ଅଫିସର ମିନାକ୍ଷୀ ରାଣୀ ପ୍ରଧାନ ଧନ୍ୟବାଦ ଦେଇଥିଲେ। ମିତା ବାରିକ ଆତ୍ମରକ୍ଷା ପ୍ରଶିକ୍ଷଣ ଦେବେ ବୋଲି ଜଣାଯାଇଛି।

# ଟାଙ୍ଗରାଣୀ କ୍ରିକେଟ ଦଳ ବିଜୟୀ

**ଝୁମ୍ପୁରା, ୨୯।୧(ଡି.ଏନ.ଏ.)**

ରାଇକଳା ପଞ୍ଚାୟତର ଟାଙ୍ଗରାଣୀ ଗ୍ରାମ ପଡ଼ିଆରେ ୮ ଦିନ ଧରି ଚାଲିଥିବା ଗ୍ରାମାଞ୍ଚଳ କ୍ରିକେଟ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଛି। ୧୦ମ ବାର୍ଷିକ କ୍ରିକେଟ ପ୍ରତିଯୋଗିତାରେ ୧୬ ଗ୍ରାମାଞ୍ଚଳ କ୍ରିକେଟ ଦଳ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ ଟାଙ୍ଗରାଣୀ ଏବଂ ମହାରିଆ କ୍ରିକେଟ ଦଳ ମଧ୍ୟରେ ହୋଇଥିଲା। ଏଥିରେ ଟାଙ୍ଗରାଣୀ ଦଳ ବିଜୟୀ ହୋଇଛି।

ଉଦ୍‌ଯାପନୀ ଦିବସରେ ସଦର ବିଧାୟକ ଅଭିରାମ ନାଏକ, ବିଜେଡିର ବରିଷ୍ଠ ସଦସ୍ୟ ଆଶିଷ ଚକ୍ରବର୍ତ୍ତି, ମାଧବ ସର୍ଦ୍ଦାର, ରଥ ମୁଣ୍ଡା, ଅରୁଣ ବ୍ରହ୍ମ, ଲିପୁନ ବ୍ରହ୍ମ, ସାନନ୍ଦ ବ୍ରହ୍ମ, ସନ୍ତୋଷ ବ୍ରହ୍ମ, ରବି ନାଏକ ପ୍ରମୁଖ ଯୋଗଦେଇଥିଲେ। ବିଜୟୀ ଟାଙ୍ଗରାଣୀ ଦଳକୁ ୧୫ ହଜାର ଏବଂ ରନର୍ସଅପ ମାହାରିଆ ଦଳକୁ ୧୦ ହଜାର ଟଙ୍କା ସହ କପ ପ୍ରଦାନ କରାଯାଇଥିଲା।





ବିଜୟୀ ଦଳକୁ ଅତିଥି ପୁରସ୍କୃତ କରୁଛନ୍ତି।

# ବିଜୁଳି ଆଲୋକ ସାତସପନ

**କେନ୍ଦୁଝର, ୨୯।୧(ସ୍ୱ.ପ୍ର.)**



ଜିଲାପାଳଙ୍କ ଅଫିସ ସମ୍ମୁଖରେ ବନବାସୀ।

- ହାତୀ ଆଳ ଦେଖାଉଛି ବିଦ୍ୟୁତ୍ ବିଭାଗ
- ପ୍ରଶାସନ ଦ୍ୱାରସ୍ଥ ହେଲେ ଆଦିବାସୀ

କେନ୍ଦୁଝର ଜିଲାର ବହୁ ଗ୍ରାମ, ପଡ଼ା ପରି ବଣପାହାଡ଼ ଘେରା ଆଦିବାସୀ ଅଞ୍ଚଳକୁ ବିଦ୍ୟୁତ୍ ସଂଯୋଗ ହୋଇ ନ ଥିବାରୁ ଲୋକେ ସମସ୍ୟା ଭୋଗୁଛନ୍ତି। ଅନ୍ଧାରରେ ଜୀବନ ବିତାଉଛନ୍ତି। ବିଜୁଳି ଆଲୋକ ଦାବିରେ ମଙ୍ଗଳବାର କେତେକ ଆଦିବାସୀ ପ୍ରାୟ ୮୦ କି.ମି. ଦୂର ଅତିକ୍ରମ କରି କେନ୍ଦୁଝର ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିଲେ। ଜିଲାପାଳଙ୍କ ଅନୁପସ୍ଥିତିରେ ଉପଜିଲାପାଳଙ୍କୁ ଦାବିପତ୍ର ଦେଇଛନ୍ତି। ହରିଚନ୍ଦନପୁର ବ୍ଲକ ରାସୋଳ ପଞ୍ଚାୟତର ପଞ୍ଚମ ରିଜର୍ଭ ଗ୍ରାମର ତିନିପୋଲିଆ ପଞ୍ଚମ, ଖଜୁରିଆ ପଞ୍ଚମ, ଡିପାସାହି ପଞ୍ଚମ, ଟିକରସାହି ପଞ୍ଚମ, ମେରୁଖମଣ ସାହି ପଞ୍ଚମ ଓ ଜଜପଶି ପଞ୍ଚମରେ ବିଦ୍ୟୁତ୍ ସଂଯୋଗ ହୋଇନି। ଉକ୍ତ ଅଞ୍ଚଳ ବନବାସୀଙ୍କ ପାଇଁ ବିଜୁଳି ଆଲୋକ ସ୍ୱପ୍ନ ହୋଇଛି। ସେଠାରେ ୨ ହଜାର ଆଦିବାସୀ ପରିବାର ରହୁଛନ୍ତି। ଅଦ୍ୟାବଧି ଉକ୍ତ ଅଞ୍ଚଳ ଉପରେ ପ୍ରଶାସନର ଦୃଷ୍ଟି ପଡୁନି। ପିଲାଙ୍କ ପାଠପଢା ବାଧାପ୍ରାପ୍ତ ହୋଇଛି। ବନ୍ୟଜନ୍ତୁ ଓ ସରିସୃପଙ୍କ ଉପଦ୍ରବ ଲାଗି ରହିଛି।

ଡିଏମ୍‌ଏଫ ଭଳି ଫଣ୍ଡରୁ ଅର୍ଥ ବିନିଯୋଗ ହୋଇପାରୁ ନ ଥିବାରୁ ଲୋକେ ଅସୁବିଧା ଭୋଗୁଛନ୍ତି। ହସ୍ତୀ କରିଡର ଅଞ୍ଚଳ ହୋଇଥିବା କହି ବିଦ୍ୟୁତ୍ ତାର ଓ ଖୁଣ୍ଟ ପକାଇବାକୁ ବିଭାଗ ମନା କରୁଛି। ଜଙ୍ଗଲ ମଧ୍ୟରେ ଖଣି ଅଞ୍ଚଳକୁ କିପରି ବିଦ୍ୟୁତ୍ ଯୋଗାଣ କରାଯାଇଛି ବୋଲି ସେମାନେ ପ୍ରଶ୍ନ ଉଠାଇଛନ୍ତି। ଉକ୍ତ ଅଞ୍ଚଳରେ ହାତୀ ଚଳପ୍ରଚଳ ନାହିଁ। ହାତୀ ଆଳ ଦେଖାଇ ବିଦ୍ୟୁତ୍ ଆଲୋକ ଯୋଗାଇ ଦିଆଯାଉନି। ଯଦି ହସ୍ତୀ କରିଡର ତେବେ ତାହା ଯାଞ୍ଚ କରାଯାଉ ବୋଲି ରାସୋଳ ସରପଞ୍ଚ ନାରାୟଣ ପୂର୍ତ୍ତି ଦାବି କରିଛନ୍ତି। ସୋଲାର ସିଷ୍ଟମ ଦ୍ୱାରା ବିଦ୍ୟୁତ୍ ଯୋଗାଣକୁ ଗ୍ରାମବାସୀ ବିରୋଧ କରିଛନ୍ତି। କେବୁଲ ଦ୍ୱାରା ବିଦ୍ୟୁତ୍ ତାର ଟଣାଯିବାକୁ ସ୍ଥାନୀୟ ଜିଲାପରିଷଦ ସଭ୍ୟ (୩୩ ନମ୍ବର ଜୋନ) ବିରସିଂ ମୁର୍ମୁ କହିଛନ୍ତି। ବିଦ୍ୟୁତ୍ ଅଭାବରୁ ଲୋକେ ବହୁ ସମସ୍ୟା ଭୋଗୁଛନ୍ତି। ତୁରନ୍ତ ବିଦ୍ୟୁତୀକରଣ କରାଯାଉ ବୋଲି ସମିତି ସଭ୍ୟ ମନ୍ମଥ ଦାସ କହିଛନ୍ତି।

## ସଂକ୍ଷେପରେ

### ୩ ବଖରା ଜଳିଗଲା

**ଖଇରା, ୨୯।୧(ଡି.ଏନ.ଏ.):** ଖଇରା ତହସିଲ ଅଧୀନ ଭୁଗୁପୁର ଗ୍ରାମରେ ଅଗ୍ନିକାଣ୍ଡ ଘଟି ୩ ବଖରା ଘର ପୋଡିଯିବା ସହ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଯାଇଛି। ରବିବାର ବିଳମ୍ବିତ ରାତିରେ ଭୁଗୁପୁର ଗ୍ରାମର ଦୋଳଗୋବିନ୍ଦ ବାରିକଙ୍କ ଘରେ ଅଚାନକ ନିଆଁ ଲାଗିଯିବା ପରେ ଗ୍ରାମବାସୀ ଅଡା ଦମକଳକେନ୍ଦ୍ରକୁ ଖବର ଦେଇଥିଲେ। ଅଡା ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

### ଆଇନ ସଚେତନତା ଶିବିର

**ସୋର, ୨୯।୧(ଡି.ଏନ୍.ଏ.):** ସୋର ମ୍ୟୁନିସିପାଲିଟି ଅଧୀନ ସତ୍ୟାନନ୍ଦ ହାଇସ୍କୁଲ ପରିସରରେ ତାଲୁକସ୍ତରୀୟ ଲିଗାଲ ସର୍ଭିସ କମିଟି ଆନୁକୂଲ୍ୟରେ ବ୍ୟକ୍ତିର ସାମ୍ବିଧାନିକ ଅଧିକାର ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ସବ୍‌ଜଜ୍ ଚିତ୍ତରଞ୍ଜନ ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଶିବିରରେ ଉପଜିଲାପାଳ ନିଲୁ ମହାପାତ୍ର, ସୋର ତହସିଲଦାର ଦେବୀପ୍ରସାଦ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଆଇନଜୀବୀ ଅଜୟ କୁମାର ଦ୍ୱିବେଦୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଆଇନଜୀବୀ କାହ୍ନୁ ଚରଣ ବେହେରା ଧନ୍ୟବାଦ ଦେଇଥିଲେ।

### ପୁରାତନ ଛାତ୍ରଙ୍କ ବନ୍ଧୁମିଳନ



**ଖଇରା, ୨୯।୧(ଡି.ଏନ.ଏ.):** ଖଇରା ସରକାରୀ ଉଚ୍ଚ ଇଂରାଜୀ ବିଦ୍ୟାଳୟର ୧୯୭୨ ବ୍ୟାଚ୍‌ର ମାଟ୍ରିକ ଛାତ୍ରଙ୍କ ବନ୍ଧୁମିଳନ ରବିବାର ଖଇରା ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ଅଧକ୍ଷ ମୁକ୍ତିକାନ୍ତ ଶତପଥି ଏଥିରେ ପୌରୋହିତ୍ୟ କରିଥିଲେ। ସହକାରୀ ଶିକ୍ଷକ ଅକ୍ଷିତ କୁମାର ଜେନା ଅତିଥି ଭାବେ ଯୋଗଦେଇଥିଲେ। ସମ୍ପାଦକ ଦାମୋଦର ନାୟକ ବିବରଣୀ ପାଠ କରିଥିଲେ। ପୂର୍ବ ନିଷ୍ପତ୍ତି ଅନୁଯାୟୀ ୮ମ ଶ୍ରେଣୀ ଛାତ୍ରୀ ନିର୍ଜରା ବେହେରା ଓ ନବମ ଶ୍ରେଣୀ ଛାତ୍ର ସ୍ମୃତିରଞ୍ଜନ ଦାସଙ୍କୁ ୪ହଜାର ଟଙ୍କା ଲେଖାଏ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ପ୍ରଥମେ ଦିବଂଗତ ବନ୍ଧୁ ଶ୍ରୀଧର ଦାସ ଓ ଲୋଚନ ଦାସଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ଆସନ୍ତା ୨୦୨୦ ମସିହା ଜାନୁୟାରୀ ୧୯ ତାରିଖରେ ପରବର୍ତ୍ତୀ ବାର୍ଷିକ ବୈଠକ ଆୟୋଜନ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ରତ୍ନାକର ଗିରି ଧନ୍ୟବାଦ ଅର୍ପଣ କରିଥିଲେ। ଅଶୋକ କୁମାର ଦାସ, ଦିଲୀପ କୁମାର ଦତ୍ତ, ଜନ୍ମେଜୟ ପଣ୍ଡା, କିଶୋର କୁମାର ଦାସ, ସୁଧାଂଶୁ କୁମାର ରାଉତ, ଶଙ୍କର୍ଷଣ ନାୟକ, ଲମ୍ବୋଦର ଦାସ, କୈଳାସ ଚନ୍ଦ୍ର ନାୟକ, ଲୋକନାଥ ରାଉତ, ଜଗନ୍ନାଥ ଦେଉରୀ, ଜିତେନ୍ଦ୍ର କୁମାର ପାତ୍ର କାର୍ଯ୍ୟକ୍ରମ ପରିଚାଳନାରେ ଅଂଶଗ୍ରହଣ କରିଥିଲେ।

### ଚୋରା ମଦ ବେପାରୀ ଗିରଫ

**ସୋର, ୨୯।୧(ଡି.ଏନ.ଏ.):** ସୋର ଅବକାରୀ ବିଭାଗ ପକ୍ଷରୁ ସୋମବାର ରାତିରେ ପାଟ୍ରୋଲିଂ କରାଯାଉଥିବା ବେଳେ ସ୍କୁଟିରେ ଚୋରା ମଦ ନେଇ ଯାଉଥିବା ଜଣେ ଯୁବକଙ୍କୁ ଗିରଫ କରାଯାଇଛି। ଗାଡିରୁ ୬୦ ଲିଟର ମଦ ଜବତ କରାଯାଇଛି। ଉକ୍ତ ଯୁବକ ହେଲେ ଖନ୍ତାପଡା ଥାନା ଶିବପୁରା ଅଞ୍ଚଳର ଅଞ୍ଜନ ପାତ୍ର। ଏନେଇ କେସ୍ ନଂ. ୧୧୦/୧୮-୧୯ରେ ରୁଜୁ କରାଯାଇ ତାଙ୍କୁ କୋର୍ଟଚାଲାଣ କରାଯାଇଛି।

# ସହରରେ ଖୋଲିବ ଅତ୍ୟାଧୁନିକ ସେଲ୍ ସେଣ୍ଟର

■ ଓଡ଼ିଶା ଜୀବିକା ମିଶନ ପକ୍ଷରୁ କର୍ମଶାଳା

■ ସାମିଲ ହେଲେ ବ୍ୟାଙ୍କର୍ସ, ଏସଏଚ୍‌ଜି

**ବାଲେଶ୍ୱର ଅଫିସ, ୨୯।୧**

ଓଡ଼ିଶା ଜୀବିକା ମିଶନ ପକ୍ଷରୁ ମଙ୍ଗଳବାର ସ୍ଥାନୀୟ ଜିଲାପରିଷଦ ସମ୍ମିଳନୀ କକ୍ଷରେ ଏକ କର୍ମଶାଳା ଆୟୋଜିତ ହୋଇଥିଲା। ଏଥିରେ ବ୍ୟାଙ୍କର୍ସ ଓ ସ୍ୱୟଂ ସହାୟିକା ଗୋଷ୍ଠୀ(ଏସ୍‌ଏଚ୍‌ଜି)ର ପ୍ରତିନିଧି ତଥା ବ୍ୟାଙ୍କ ଅଧିକାରୀମାନେ ସାମିଲ ହୋଇଥିଲେ। ଓଡ଼ିଶା ଜୀବିକା ମିଶନ ଅନ୍ତର୍ଗତ ସ୍ୱୟଂ ସହାୟକ ଗୋଷ୍ଠୀ ସହାୟତା କାର୍ଯ୍ୟକ୍ରମରେ ବାଲେଶ୍ୱର ଜିଲା ଏକ ଅତୁଳନୀୟ ଭୂମିକା ରହିଛି। ଚଳିତ ଆର୍ଥିକ ବର୍ଷରେ ବାଲେଶ୍ୱର ଜିଲାରେ ୯୭୮୮ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୧୫୬କୋଟି ୬୦ଲକ୍ଷ ଟଙ୍କାର ବ୍ୟାଙ୍କ ଋଣ ଯୋଗାଇ ଦେବାର କାର୍ଯ୍ୟକ୍ରମ ସ୍ଥିର କରାଯାଇଛି। ଅଦ୍ୟାବଧି ୬୭୮୫ଗୋଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୧୦୯ କୋଟି ୮୧ଲକ୍ଷ ଟଙ୍କାର ବ୍ୟାଙ୍କ ଋଣ ସହାୟତା ଯୋଗାଇ ଦିଆଯାଇଥିବା ବୈଠକରେ ମତପ୍ରକାଶ ପାଇଥିଲା।

୨୦୧୭-୧୮ ଆର୍ଥିକ ବର୍ଷରେ ବାଲେଶ୍ୱର ଜିଲା ସମଗ୍ର ରାଜ୍ୟରେ ୧ନମ୍ବର ସ୍ଥାନ ଗ୍ରହଣ କରିଥିବା ବେଳେ ୨୦୧୬-୧୭ ଆର୍ଥିକ ବର୍ଷରେ ୨ ନମ୍ବର ସ୍ଥାନ ଗ୍ରହଣ କରିଥିଲା। ଓଡ଼ିଶା ଜୀବିକା ମିଶନ ଅନ୍ତର୍ଗତ ସମସ୍ତ ଏସଏଚଜିଙ୍କୁ ଏହି ଋଣ ସହାୟତା ଯୋଗାଇଦେବା କାର୍ଯ୍ୟକ୍ରମରେ ବିଶେଷ ଭାବରେ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, କୋଅପରେଟିଭ୍ ବ୍ୟାଙ୍କ, ୟୁକୋ ବ୍ୟାଙ୍କ, ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଆଦି ବ୍ୟାଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାନ୍ତି। ଏହି ବ୍ୟାଙ୍କ ଋଣ ସହାୟତା ନେଇ ଏସଏଚଜିଗୁଡ଼ିକ ଧନ୍ଦାମୂଳକ କାର୍ଯ୍ୟ ଯଥା ବିଭିନ୍ନ କୃଷି କାର୍ଯ୍ୟ, ପଥର ଖୋଦେଇ, ନଡ଼ିଆ କତା ଶିଳ୍ପକାମ, ବଡ଼ି, ପାମ୍ପଡ ପ୍ରସ୍ତୁତି ଆଦି କାର୍ଯ୍ୟକ୍ରମ ହାତକୁ ନେଇ ଜୀବିକାର୍ଜନ କରୁଛନ୍ତି। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ତ୍ରିଲୋଚନ ପ୍ରଧାନ ବ୍ୟାଙ୍କ ସମୂହକୁ ଏସଏଚଜିମାନଙ୍କୁ ଅତି କମ୍‌ରେ ୩ ଲକ୍ଷ ଟଙ୍କା ଋଣ ପ୍ରଦାନ କରିବାକୁ ଅନୁରୋଧ କରିବା ସହିତ ଖୁବ୍‌ଶୀଘ୍ର ବାଲେଶ୍ୱର ସହରରେ ଗୋଟିଏ ଅତ୍ୟାଧୁନିକ ସେଲ୍ ସେଣ୍ଟର ପ୍ରତିଷ୍ଠା କରିବାକୁ ଯୋଜନା କରାଯାଇଛି। ଏହି ଗୋଷ୍ଠୀଗୁଡ଼ିକ ବିଭିନ୍ନ ଆୟକାରୀ ବୃତ୍ତି ଆପଣାଇଥିବାରୁ ବ୍ୟାଙ୍କ ଋଣ କେବେ ବି ବୁଡ଼ିବ ନାହିଁ ବୋଲି ବ୍ୟାଙ୍କମାନଙ୍କୁ ପରାମର୍ଶ ଦେଇଥିଲେ। ଏଥିସହିତ ସେ ଉତ୍ପାଦଗୁଡ଼ିକର ଗୁଣାତ୍ମକ ଦିଗ ପ୍ରତି ଯତ୍ନବାନ ହେବାକୁ ଏସ୍‌ଏଚ୍‌ଜିମାନଙ୍କୁ କହିଥିଲେ। କର୍ମଶାଳାରେ ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ସର୍ବେଶ୍ୱର ସିଂ, ରିଜିଓନାଲ ମ୍ୟାନେଜର ଗ୍ରାମ୍ୟ ବ୍ୟାଙ୍କ ପ୍ରକାଶ ମିଶ୍ର, ଏଲ୍‌ଡିଏମ୍ ସୁଦୀପ ଡାକୁଆ, ଓଡ଼ିଶା ଜୀବିକା ମିଶନ ଡିପିଏମ୍ ଚନ୍ଦନ କୁମାର ବେହେରା, ଅତିରିକ୍ତ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ କୌଶିକ ପାତ୍ର, ବିବିସିସି ବ୍ୟାଙ୍କ ସମ୍ପାଦକ ଜଳନ୍ଧର ପଣ୍ଡା, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁବାସ ନିଆଲ, ୟୁକୋ-ଆରଏସଇଟିଆଇ ନିର୍ଦ୍ଦେଶକ ବାସନ୍ତୀ ଦଳାଇ ପ୍ରମୁଖ ଉପସ୍ଥିତ ଥିଲେ।



କର୍ମଶାଳାରେ ଉପସ୍ଥିତ ଅଧିକାରୀ ଓ ଅନ୍ୟମାନେ।

## ■ ଥାନା ଛକରେ ଡ୍ରେନ ଜାମ୍
# ଦୁର୍ଗନ୍ଧରେ ଅଞ୍ଚଳବାସୀ ଅଣନିଃଶ୍ୱାସୀ

**ଭୋଗରାଇ, ୨୯।୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକର କେନ୍ଦ୍ରସ୍ଥଳ ଥାନା ଛକରେ ବିଭିନ୍ନ ସରକାରୀ ଓ ବେସରକାରୀ ମୁଖ୍ୟ କାର୍ଯ୍ୟାଳୟ ରହିଛି। ଥାନାଛକରୁ ୪ ଦିଗକୁ ରାସ୍ତା ରହିଥିବାବେଳେ ଶତାଧିକ ଦୋକାନ ମଧ୍ୟ ରହିଛି। ଥାନାଛକ ଦେଉଳା ହାଟ ରାସ୍ତାରେ ଏକ ନଳକୂପ ବସିଛି। ପାଣି ନିଷ୍କାସନ ପାଇଁ ଉତ୍ତରଦିଗକୁ ଏକ ଡ୍ରେନେଜ୍ ବ୍ୟବସ୍ଥା ହୋଇଛି। ହେଲେ ଡ୍ରେନ ଜାମ୍ ହୋଇପଡ଼ିବା ସହ ଭାରିଯାନ ଚଳାଚଳ ଯୋଗୁ ଡ୍ରେନ ଭାଙ୍ଗି ଯାଇଛି। ଫଳରେ ଉଦ୍‌ବୃତ୍ତ ପାଣି ନିଷ୍କାସନ ହୋଇ ନ ପାରି ରାସ୍ତା ଉପରେ ବୋହିଯାଉଛି। ଦୁର୍ଗନ୍ଧ ଡ୍ରେନ ପାଣିରେ ରାସ୍ତାରେ ଯାତାୟାତ କରୁଥିବା ଲୋକେ ଅଣନିଃଶ୍ୱାସୀ ହୋଇପଡୁଛନ୍ତି। ଏଥିପ୍ରତି କାହାରି ଦୃଷ୍ଟି ପଡୁନି। ସ୍ଥାନୀୟ ଦୋକାନୀ ବ୍ରଜମୋହନ ଦତ୍ତ, ସତ୍ୟପ୍ରିୟ ଜେନା, କିଶୋର ତୋଳା, ଝଡ଼ି ସାହୁ ପ୍ରମୁଖ ଏହାର ପ୍ରତିକାର ଲାଗି ବିଭାଗୀୟ ଅଧିକାରୀଙ୍କଠାରେ ଦାବି କରିଛନ୍ତି। ସମିତି ସଦସ୍ୟ ସନ୍ତୋଷ କୁମାର ଜେନା ଖୁବ୍‌ଶୀଘ୍ର ଡ୍ରେନଜ୍ ଦୁର୍ଗନ୍ଧ ପାଣି ନିଷ୍କାସନର ବ୍ୟବସ୍ଥା କରାଯିବ ବୋଲି ସୂଚନା ଦେଇଛନ୍ତି।



ଦେଉଳା ରାସ୍ତାରେ ଦୁର୍ଗନ୍ଧ ପାଣି ବୋହିଯାଉଛି।



କୁଣିଆଁଠାରେ ଅନୁଷ୍ଠିତ ଶିଶୁ ପ୍ରତିଭା ବିକାଶ ମହୋତ୍ସବର ପୁରସ୍କାର ବିତରଣ ଉତ୍ସବରେ ଉପସ୍ଥିତ ଅତିଥି।

# ପ୍ରତିଭା ଦେଖାଇଲେ ଶିଶୁ

**ବାହାନଗା, ୨୯।୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଗୋପାଳପୁର ପଞ୍ଚାୟତର କୁଣିଆଁଠାରେ ଅନୁଷ୍ଠିତ ୪ର୍ଥ ଶିଶୁ ପ୍ରତିଭା ବିକାଶ ମହୋତ୍ସବ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ମଧ୍ୟରେ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଛାତ୍ରୀଛାତ୍ରମାନଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ପାଇଁ ଏହି ମହୋତ୍ସବ ଏକ ମାଧ୍ୟମ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ଏହି ଉପଲକ୍ଷେ ସକାଳେ ସାରସ୍ୱତ ପତାକା ଉତ୍ତୋଳନ କରାଯାଇଥିଲା। ଅନୁଷ୍ଠାନର ସଭାପତି ଶଙ୍କର୍ଷଣ ଶିଅଳ ପତାକା ଉତ୍ତୋଳନ କରିବା ସହ ଆୟୋଜିତ ସଭାରେ ସଭାପତିତ୍ୱ କରିଥିଲେ। କାର୍ଯ୍ୟକାରୀ ସମ୍ପାଦକ ସୁବାସ ଚନ୍ଦ୍ର ବେହେରା ଅତିଥି ପରିଚୟ ଓ ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟଅତିଥି ଭାବେ ଗୋପାଳପୁର କଲେଜର ବିଜ୍ଞାନ ବିଭାଗର ମୁଖ୍ୟ ଡ. ଅଭୟ କୁମାର ମହାନ୍ତି ଯୋଗଦେଇ କହିଥିଲେ ଯେ, ଯେଉଁମାନେ ନିଜର କଳାର ପରିପ୍ରକାଶ କରିବାକୁ ସୁଯୋଗ ପାଉନାହାନ୍ତି ସେମାନେ ମହୋତ୍ସବ ମାଧ୍ୟମରେ ସେମାନଙ୍କ ଇଚ୍ଛା ପୂରଣ କରିପାରିବେ। ସେହିପରି ଦ୍ୱିଭାଷୀ କବି ଯୋଗେନ୍ଦ୍ର ପାଣିଗ୍ରାହୀ, ଅବସରପ୍ରାପ୍ତ ଶିକ୍ଷକ ଭାଗବତ ପ୍ରସାଦ ମହାନ୍ତ, ମହେନ୍ଦ୍ର ପ୍ରସାଦ ଶିଅଳ ଓ ଇଂ. ସୁରେଶ ଚନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ଦେଇଥିଲେ। ପରେ ପ୍ରଥମରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଚିତ୍ରାଙ୍କନ, ସାଧାରଣଜ୍ଞାନ, ନୃତ୍ୟ, ସଙ୍ଗୀତ ଓ ଏକକ ଅଭିନୟ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ କୃତିତ୍ୱ ଲାଭ କରିଥିବା ପ୍ରତିଯୋଗୀଙ୍କୁ ରାତିରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ବାଲେଶ୍ୱର ଜିଲାର ଅତିରିକ୍ତ ଜିଲାପାଳ ମାନସ କୁମାର ପାଢୀ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ହାସ୍ୟ ଅଭିନେତା ପୁଷ୍ଟି ନନା, ଜଲିଓଡ ଅଭିନେତା ସଞ୍ଜୟ ମାଝି, ଅଭିନେତ୍ରୀ କାବେରୀ ପାଢୀ, ମଣ୍ଟୁ ଜେନା, ଶିଶିର କୁମାର ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟଅତିଥି ମାନପତ୍ର ଓ ପୁରସ୍କାର ବିତରଣ କରିଥିଲେ। ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ବିଚିତ୍ରା ଅନୁଷ୍ଠିତ ହୋଇଥିଲା। ଏହି ମହୋତ୍ସବରେ ବିଭିନ୍ନ ପ୍ରକାର ଦୋଳି, ମୀନାବଜାର ଓ ଦୋକାନ ଆଦି ପସରା ମେଳିଛି।

# ରୋଟାରୀ କ୍ଲବ ପକ୍ଷରୁ ବାର୍ଷିକ ପୁଷ୍ପ ପ୍ରଦର୍ଶନୀ

**ବାଲେଶ୍ୱର ଅଫିସ,୨୯।୧**

ବାଲେଶ୍ୱର ରୋଟାରୀ କ୍ଲବ ପକ୍ଷରୁ ଆୟୋଜିତ ହୋଇଥିଲା ୨୯ତମ ବାର୍ଷିକ ପୁଷ୍ପ ପ୍ରଦର୍ଶନୀ। ଶନିବାର ପୂର୍ବାହ୍ନ ସମୟରେ ରାଜ୍ୟ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ତଥା ସମବାୟ ମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ର ଓ ବାଲେଶ୍ୱର ଜିଲାପାଳ ରମେଶ ଚନ୍ଦ୍ର ରାଉତ ଆନୁଷ୍ଠାନିକ ଭାବେ ଜିଲାସ୍ତରୀୟ ରୋଟାରୀ କ୍ଲବର ପୁଷ୍ପ ପ୍ରଦର୍ଶନୀକୁ ଉଦ୍‌ଘାଟନ କରି ରୋଟାରିୟାନ୍‌ମାନେ ସମାଜସେବାରେ ନିଜକୁ ଉତ୍ସର୍ଗ କରିବା ପାଇଁ ଆହ୍ୱାନ ଦେଇଥିଲେ। ଦ୍ୱିତୀୟ ଦିନରେ ରବିବାର ଅପରାହ୍ନରେ ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଇମାମୀ ପେପର ମିଲ୍‌ସର ନିର୍ଦ୍ଦେଶକ ଏମ୍‌ବିଏସ୍ ନାୟାର ଯୋଗଦେଇ ମନୋନୀତ ଫୁଲ ଚାଷୀ, ଶିଳ୍ପ ଓ ଶିକ୍ଷାନୁଷ୍ଠାନଗୁଡ଼ିକୁ ପୁରସ୍କୃତ କରିଥିଲେ।

ଆୟୋଜିତ ପୁଷ୍ପ ପ୍ରଦର୍ଶନୀରେ ୮୨ ଜଣ ପ୍ରତିଯୋଗୀ ଭାଗ ନେଇଥିବା ବେଳେ ୧୨ଟି ଶିଳ୍ପ ଓ ଶିକ୍ଷାନୁଷ୍ଠାନ ଅନ୍ତର୍ଭୁକ୍ତ ଥିଲେ। ସେଥିମଧ୍ୟରୁ ଶିଳ୍ପ ବିଭାଗରେ ଇମାମୀ ପେପର ମିଲ୍‌ସ ପ୍ରଥମ ହୋଇଥିବା ବେଳେ ଶିକ୍ଷାନୁଷ୍ଠାନରେ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରଥମ ସ୍ଥାନ ହାସଲ କରିଛି। ସେହିପରି ବିଭିନ୍ନ ପ୍ରକାର ଫୁଲ ଗଛ ଅନୁଯାୟୀ କ୍ଲବ ପକ୍ଷରୁ ଚାଷୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ବିଚାରକ ଭାବେ ଡ. ସଂଘମିତ୍ରା ଦାସ, ଅଜୟ ଘୋଷ ଚୌଧୁରୀ, ବିଷ୍ଣୁପଦ ଭୌମିକ, ଭାବଗ୍ରାହୀ ମହାନ୍ତି ଜନସାଧାରଣଙ୍କୁ ପ୍ରଦର୍ଶନୀ ବୁଲାଇ ଦେଖାଇଥିଲେ। ଶିବାନନ୍ଦ ଦାସମହାପାତ୍ର, ରଞ୍ଜନ ସାହୁ, ଡ. ମନୋରଞ୍ଜନ ଦାସ, ପରେଶ ଗାଏନ, ଶୁଭେନ୍ଦୁ ବେହେରା, ଡ. ସୁବାସ ପାତ୍ର, ସି.ଏ. ମାତୃଦତ୍ତ ଦାସ, ଇଂ. ଜୟନ୍ତ ବେହେରା, ରାଜାରାମ ଜାଲାନ, ଡ. ମୁରଲୀଧର ପାତ୍ର, ସି.ଏ. ଉମାକାନ୍ତ ମିଶ୍ର, ଡ. ସିତାଂଶୁ ଶେଖର ଦାସ, ଇନରହୁଇଲ୍‌ର ଡ. କଳ୍ପନା ଦାସ, ସିପ୍ରାରେଖା ମହାପାତ୍ର, ରୋଟ୍ରାକ୍ଟ କ୍ଲବର ସାହିଲ ହୋଦା, ସମ୍ପାଦକ ଅମନଦୀପ ସିଂଙ୍କ ସମେତ ସମସ୍ତ ସଭ୍ୟାସଭ୍ୟ ଉପସ୍ଥିତ ଥିଲେ। ବରିଷ୍ଠ ରୋଟାରିଆନ ସୁବ୍ରତ କର, ଉପସଭାପତି ଇଂ. ସୌରଭ ବେହେରା, କ୍ଲବର ସମ୍ପାଦକ ବିଶ୍ୱଦୀପ ପଣ୍ଡା, ରୋଟାରିଆନ ଚୌଧୁରୀ ସପନ ମହାପାତ୍ର ଓ ରୋଟାରିଆନ ଯଶୋଦା ନନ୍ଦନ ଆଶ୍ ପ୍ରମୁଖ ପରିଚାଳନା କରିଥିଲେ।



ପୁଷ୍ପ ପ୍ରଦର୍ଶନୀକୁ ମନ୍ତ୍ରୀ ଉଦ୍‌ଘାଟନ କରୁଛନ୍ତି।

# ଖଇରାରେ ମିଶନ ଶକ୍ତି ରଥ ଶୁଭାରମ୍ଭ



ଅଧକ୍ଷା ମିଶନ ଶକ୍ତି ରଥର ଶୁଭାରମ୍ଭ କରୁଛନ୍ତି।

**ଖଇରା, ୨୯।୧(ଡି.ଏନ.ଏ.):** ଖଇରା ବ୍ଲକ ଦୁର୍ଗାମଣ୍ଡପ ପରିସରରେ ସୋମବାର ବ୍ଲକ୍ ଅଧକ୍ଷା ଅଭିଲିପ୍ସା ସାହୁ, ସିଡିପିଓ ନର୍ମଦା ଦେଓ, ବ୍ଲକ ମହାସଂଘର ସଭାନେତ୍ରୀ ରଶ୍ମିତା ମହାପାତ୍ର ଉପସ୍ଥିତ ରହି ମିଶନ ଶକ୍ତି ରଥକୁ ପତାକା ହଲାଇ ଶୁଭାରମ୍ଭ କରିଥିଲେ। ଖଇରା ପଞ୍ଚାୟତର ସମସ୍ତ ଏସଏଚଜି ସଦସ୍ୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ହୁଲହୁଲିରେ ସଂଘମିତ୍ର ସାହୁ, ମ୍ୟୁଜିକ ଚେୟାରରେ ମଧୁମିତା ମଢୁଆଳ, ସାପସିଡି ଖେଳରେ ସତ୍ୟଭାମା ସାହୁଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିରେ ୮୦ଜଣ ପ୍ରତିଯୋଗୀ ୩ଟି ବିଭାଗରେ ଭାଗ ନେଇଥିବାବେଳେ ଅଙ୍ଗନୱାଡି କର୍ମୀ, ଅଙ୍ଗନୱାଡି ସୁପରଭାଇଜର ଓ ସମସ୍ତ ସ୍ୱୟଂ ସହାୟକ ଗୋଷ୍ଠୀର କର୍ମୀମାନେ ସହଯୋଗ କରିଥିଲେ।

# ଟାଟା ମୋଟର୍ସ ପକ୍ଷରୁ ଟ୍ରକ୍ ଏକ୍ସପୋ

**ବାଲେଶ୍ୱର ଅଫିସ, ୨୯।୧**

ବାଲେଶ୍ୱର ବାମପଦାରେ ଥିବା ନୋସି ବିଜିନେସ୍ ପାର୍କର ଉତ୍କଳିକା ଷ୍ଟାଡ଼ିୟମ୍‌ରେ ଟାଟା ମୋଟର୍ସ ପକ୍ଷରୁ ଟ୍ରକ୍ ଏକ୍ସପୋ-୨୦୧୯ ଅନୁଷ୍ଠିତ ହୋଇଯାଇଛି। ଟାଟା ମୋଟର୍ସର ଅଧିକୃତ ବିକ୍ରେତା ସାମଲ ଅଟୋ ଇଣ୍ଡିଆ ସହାୟତାରେ ଏହି ଉତ୍ସବକୁ କମ୍ପାନୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେଶ ମହାନ୍ତି, ସାଧାରଣ ପ୍ରବନ୍ଧକ ମନୋଜ ମିଶ୍ର, ଟାଟା ମୋଟର୍ସର ଟି.ଏସ୍.ଏମ୍. ବିଧାନ ଦତ୍ତ, ସେବା ପ୍ରବନ୍ଧକ ଗୌରବ ଘାଟକ, ବିଟିସିସିର ଅଧକ୍ଷ କିଶୋର ମିଶ୍ର ପ୍ରମୁଖ ଉଦ୍‌ଘାଟନ କରିଥିଲେ। ବାଲେଶ୍ୱର, ଭଦ୍ରକ ଓ ବାରିପଦାରୁ ୫ଶହରୁ ଉର୍ଦ୍ଧ୍ୱ ଟାଟା ମୋଟର୍ସର ଗ୍ରାହକମାନେ ଯୋଗଦେଇଥିଲେ।

ଟାଟା ମୋଟର୍ସର ୬ଟି ଭାରିଯାନ ମଡ଼େଲକୁ ଏଥିରେ ପ୍ରଦର୍ଶିତ କରାଯିବା ସହ ଏହାର ଗୁଣବତ୍ତା ଓ ସାମ୍ପ୍ରତିକ ବଜାରରେ ଏହାର ଚାହିଦା ଓ ଚଳାଚଳକୁ ନେଇ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଟାଟା ମୋଟର୍ସର କର୍ମଚାରୀ ଦେବଜ୍ୟୋତି ଦେବନାଥ ଏସବୁ ବିଷୟରେ ଗ୍ରାହକମାନଙ୍କୁ ଅବଗତ କରାଇଥିଲେ। ଏହି ଅବସରରେ ବିଭିନ୍ନ ଅନୁଷ୍ଠାନର ଉତ୍ତମ ଗ୍ରାହକ କିଶୋର ମିଶ୍ର, ଶଶୀଧର ପତି, ଶୀତଲ ଯାଦବ, ଉତ୍ତମ ପାତ୍ର, ସତ୍ୟେନ୍ଦ୍ର ପ୍ରସାଦ, ଜୀବନ ଯତୀନ ଦାସଙ୍କୁ ସମ୍ମାନିତ କରାଯାଇଥିଲା। ନୂତନ କ୍ରୟ କରିଥିବା ଟାଟା ଟ୍ରକ୍‌ର ଗ୍ରାହକଦ୍ୱୟଙ୍କୁ ଚାବି ପ୍ରଦାନ କରାଯିବା ସହ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ମାଧ୍ୟମରେ ଉତ୍ସବକୁ ଉଦ୍‌ଯାପନ କରାଯାଇଥିଲା। କାର୍ଯ୍ୟକ୍ରମକୁ ରାଜେସ ସିଂ, ସୌମ୍ୟ ରଞ୍ଜନ ଦାସ, ରାଜେଶ ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ।




ଅତିଥିଙ୍କ ଦ୍ୱାରା ଟାଟା ମୋଟର୍ସର ଟ୍ରକ ଏକ୍ସପୋ-୨୦୧୯ ଉଦ୍‌ଘାଟନ କରାଯାଉଛି।

ଧରିତ୍ରୀ DHARITRI **CAREER APPOINTMENT**
every Wednesday & Saturday

**UNITED GROUP**, Bhubaneswar, Requires the following vacancies
1) **ACCOUNTS EXECUTIVES:** B.Com. with Tally knowledge.
2) **SALES ENGINEER:** ITI/DIPLOMA in ele/ mech engg with two years experience in mechanical field.
3) **DRIVER:** 10th pass with 3 years experience in driving.
4) **OFFICE ASSISTANT:** 12th Pass.
Apply with complete Resume in the mail id: unitedstore1970@gmail.com within 7 days.
Also Contact: 7978585244

WALK IN INTERVIEW
TEACHER
(F)-18 Nos.)-11K,
Sub: Mathematics, Science., English.
CBSE/ICSE: VIII, IX, X,
VENUE: BRIT, 17-Satyanagar,
Mob: 8480743398, 8249903099
D.O.I.: 31.01.2019, Time: 11.00 AM- 1.00 PM

ଧରିତ୍ରୀ DHARITRI is looking for
**LAYOUT DESIGNERS**
• Minimum 3 years+ experience in news dailies.
• Proficiency in Indesign 11, Photoshop cs3, PageMaker 7.0, CorelDRAW, QuarkXPress is a must.
Apply within 10 days to:
recruitment@dharitri.com
Pay & perks will be the best in the industry for deserving candidates.

ସବୁ ଏୟାର ପୋର୍ଟ ହେତୁ ଡାଇରେକ୍ଟ ଭର୍ତ୍ତି ପକ୍କା ଜଏନିଂ। ଶାସକୀୟ, ଅର୍ଦ୍ଧଶାସକୀୟ, ଅପାଠୁଆରୁ ଗ୍ରାଜୁଏଟ 45,500/- ରୁ 85,500/-। ଗ୍ରାଉଣ୍ଡ ଷ୍ଟାଫ, ସୁପରଭାଇଜର, ଏୟାରହୋଷ୍ଟେସ୍, ଲୋଡର, ହେଲପର, ଡ୍ରାଇଭର। ରହିବା + ଖାଇବା + ବୀମା
CONSULTANT
07289962847

APPOINTMENT
01. GENERAL MANAGER-01 (Construction Housing).
02. ENGINEER CIVIL-01 (Experience over Building Project).
03. MARKETING EXECUTIVE-05 (Construction Work).
Contact: 9777251369

Urgently Required
Bhubaneswar based Timber Company required 4 Nos. **Managers** having Graduate or +2 Qualification, **Driver**- 2 Nos.
Please Contact: **Hota Associates**, VSS Nagar, Bhubaneswar.
Ph: 9583576928

REQUIREMENT
A reputed Real Estate Company Requires:
1) **MARKETING** (Male/ Female)
2) **RECEPTIONIST CUM TELECALLER** (Female)
3) **OFFICE BOY** (Male)
Contact: 0674-2433507, 8763040756

ଆବଶ୍ୟକ
ଭୁବନେଶ୍ୱରରେ ରହୁଥିବା ଛୋଟ ପରିବାର ପାଇଁ ରୋଷେଇ ଅଭିଜ୍ଞତା ଥିବା ମହିଳା/ଝିଅ ଆବଶ୍ୟକ। ଆକର୍ଷଣୀୟ ଦରମା ସହ ରହିବା ଓ ଖାଇବାର ସୁବିଧା ଅଛି।
Contact : 9937003185

REQUIRED
ACCOUNTANT knowing Tally ERP
SALES EXECUTIVE for Hardware Fittings.
Apply with biodata to Email: yashviagencies@hotmail.com
Mob: 9556284974

ଭୁବନେଶ୍ୱରରେ ରହୁଥିବା ଛୋଟ ପରିବାର ପାଇଁ ରୋଷେଇ ଏବଂ ଘର କାମ କରିବା ପାଇଁ ଅଭିଜ୍ଞତା ଥିବା ସ୍ତ୍ରୀଲୋକ/ଝିଅ ଆବଶ୍ୟକ। ରହିବା, ଖାଇବା ସୁବିଧା ଅଛି।
ସମ୍ପର୍କ କରନ୍ତୁ: 8114721727

URGENT REQUIRED
•Front Office Exe. (F), •Exp. Teacher (F) with good communication skill, •ଆୟା (F), •Mkt. Exe (M/F), •Art, Dance Teacher ଆବଶ୍ୟକ।
Cont.- BB PRE-SCHOOL Rajeevnagar (Near Patia Rly. Station) BBSR. Ph: 9439295439

OFFICIALLY JOB
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-40) yrs., ମାସିକ ଦରମା upto Rs.25000/-.
Contact Immediately: Mob: 8763257042

ଆବଶ୍ୟକ
ଭୁବନେଶ୍ୱର, କଟକ, ବ୍ରହ୍ମପୁର, ରାଉରକେଲା ଏବଂ ବାଲେଶ୍ୱର ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary upto Rs.27000/-. (Part Time/Full Time)
Contact: 9938676412

ସାଉଥ୍ ଇଣ୍ଡିଆନ୍ ଟିଫିନ୍ ସେଣ୍ଟର ପାଇଁ ମିସ୍ତ୍ରୀ ଏବଂ ହେଲ୍‌ପର ଆବଶ୍ୟକ। ମାସିକ ଦରମା ମିସ୍ତ୍ରୀର 6000ରୁ 7000 ପର୍ଯ୍ୟନ୍ତ। ହେଲ୍‌ପରର ଦରମା 3000ରୁ 4000 ପର୍ଯ୍ୟନ୍ତ। ରହିବା ସୁବିଧା ଅଛି। 5 ବର୍ଷର ଅଭିଜ୍ଞତା ଥିବା ଦରକାର। Biodata ସହିତ ଯୋଗାଯୋଗ କରନ୍ତୁ ଏହି ନମ୍ବରରେ-
Mob: 9937138280, 7978895177

JOBS IN AIRPORT (ONLY MALE)
Post: GROUND STAFF
Qual. : 9th Pass, 10th & +2
Age : 18 To 28 Years
Salary : 10,000/- To 25,000/-
Global Certification With 100% Job
Blaze Aviation, Plot No : 576/3398, Nayapalli, Bhubaneswar.
7077708313, 7077708315

ନିଶୁଳ୍କ ଭର୍ତ୍ତି OMIରେ ପୁଅ/ ଝିଅର ଆବଶ୍ୟକତା
BRANCH MANAGER -30 NOS, ASSISTANCE MANAGER - 20 NOS, OFFICE EXECUTIVE - 15 NOS
Qualification - 10th to Graduation Free ନିଯୁକ୍ତି Permanent Job. (Age 18-28) ଟ୍ରେନିଂ + ରହିବା (Free) ଆୟ - 6500-8500 ଟ୍ରେନିଂ ପରେ 25000/- ରୁ 45000/-
OMI MANAGEMENT
Plot no : 551, Samantarapur Chhak, Behind Reliance Fresh, Bhubaneswar
Ph : 7992848615, 9114237051

PADMALAYA BOOK STORE, BBSR
Salesman, Store Keeper. Qualf : 8th to +3. Accommodation free - 9437026922

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

REQUIRED
Beautician for a reputed Beauty Parlour at Niladrivihar, Bhubaneswar.
Contact: 9438396349

ବ୍ଲକସ୍ତରୀୟ ନିଯୁକ୍ତି
ନିଜ ବ୍ଲକ ଓ ପଞ୍ଚାୟତ ସ୍ତରରେ କାମ କରିବା ପାଇଁ ପ୍ରତ୍ୟେକ ଜିଲ୍ଲାରୁ Candidate ଆବଶ୍ୟକ। ଦରମା: 7,000/- to 42,000/-.
ଯୋଗାଯୋଗ: 9777639313

URGENT REQUIRED
ନିଜ ଜିଲ୍ଲାରେ ରହିବା, ଖାଇବା ସୁବିଧା ଦିଆଯିବ। ଦରମା- 27,000/-, ଶିକ୍ଷାଗତ ଯୋଗ୍ୟତା-8th to 10th & above.
Contact: 8339922964

## OFFICE OF THE PRINCIPAL
## S.B.R. GOVT. (AUTO.) WOMEN'S COLLEGE, BERHAMPUR, GANJAM

No. 145/ Date : 29.01.2019

### QUOTATION CALL NOTICE

Sealed quotations are invited from the registered firms / Authorized dealers / Manufacuters having GST registration for supply & installation of Laboratory equipments, laboratory furniture and chemicals for practical purpose. The details of items to be purchased, specifications, terms & conditions etc. can be obtained from the college office in between 11.00 AM to 1.30 PM. The quotations together with photocopies of valid GST registration Certificate and other relevant certificates, brouchures etc. should reach the office of the undersigned on or before 05.02.2019 by Regd. / Speed Post only.

**Sd./- Principal,**
**S.B.R. Govt. (Auto) Women's College, Berhampur**

## OFFICE OF THE MUNICIPAL COUNCIL, GUNUPUR

### e-procurement Notice

**Tender Reference No. GUN-MUN-39/2018-19**

**No.112** **Dated.28.01.2019**

The Executive Officer, Municipality, Gunupur invites percentage rate of Tenders through e-procurement for civil works (available in the website). The BID should be submitted through on-line in the website **www.tendersorissa.gov.in** by eligible class of contractors of construction of civil work. The bidder should have necessary portal enrolment (with his own digital signature certificate).

01. Tender opening on 13.02.2019 at 11.00AM.
02. No. of works : 11 nos
03. Estimated cost : Rs 5,50,000/- to Rs. 35,71,000/-
04. The BID document will be available in the website **www.tendersorissa.gov.in** from 10.00AM of 29.01.2019 to 5.00PM of 07.02.2019 for on-line bidding.
05. Bids shall be received only on-line on or before 5.00 PM of 07.02.2019 Detail can be seen from the site **www.tendersorissa.gov.in.**

**Sd./-Executive Officer, Gunupur Municipality**

## CSIR - INSTITUTE OF MINERALS AND MATERIALS TECHNOLOGY

**(Council of Scientific & Industrial Research)**
**BHUBANESWAR - 751013**

### NOTICE INVITING e-TENDER No.01/HV/IMMT/2019

Sealed tenders in two bids (Technical Bids & Price Bids) through e-tender are invited by the Director, CSIR-IMMT, Bhubaneswar from registered travel agency (ies) to provide hired vehicle / taxi on day to day basis at this institute. Important dates for the e-tender are as under.

File No.56(1)/2019/E-III
E-Procurement ID: 2019_CSIR_21608_1
Bid submission start date (through CPP): 30.01.2019, 10.00 Hrs.
Bid submission end date (through CPP) : 13.02.2019, 16.30 Hrs.

For further details please log on to : **www.etenders.gov.in**.

**Sd./- Controller of Administration**

## ADVERTISEMENT
## ODISHA CONSTRUCTION CORPORATION LTD.

**(A Government of Odisha Undertaking)**
**REGD. OFFICE : UNIT-VIII, GOPABANDHU NAGAR, BHUBANESWAR-751012 (ODISHA)**
**E-mail : theoccltd@odishaconstruction.com, Website : www.odishaconstruction.com**

### SPECIAL DRIVE FOR ST CANDIDATES

Odisha Construction Corporation Limited, a state PSU invites applications from eligible Scheduled Tribe category candidates for appointment of **03 (Three) Nos. of Accounts Clerk (Contract) (One post reserved for women candidate)** on contract basis with a consolidated monthly remuneration of ₹ 9,000/- (Rupees Nine thousand) only. The appointment is purely temporary in nature and terminable at anytime without assigning any reason thereof. Service contract may be renewed subject to satisfactory performance up to 6 (six) years. The selected applicants shall be posted to any unit of the Corporation located in the state of Odisha.
Applications in prescribed forms will be received **upto 5.00 PM of 12.02.2019.**
Details of advertisement and prescribed application format are available in the Corporation website : **www.odihsaconstruction.com.**

**Sd/-**
**MANAGING DIRECTOR**

## GOVERNMENT OF ODISHA
## OFFICE OF THE EXECUTIVE ENGINEER
## RURAL WORKS DIVISION, GAJAPATI PARLAKHEMUNDI

### NATIONAL COMPETITIVE BIDDING THROUGH e-Procurement

**Identification No. Online Tender 03/GJP/2018-19**

**No.1486-O:-**

| | | | |
|---|---|---|---|
| 1. | Name of the work | : | Building work |
| 2. | Total No. of Work | : | 8 (Eight) Nos of Building Works |
| 3. | Estimated Cost | : | Rs. 6.41lakhs to 18.54 lakhs |
| 4. | Class of Contractor | : | 'D' & 'C' Class Contractor & 'C' & 'B' Class Contractor as applicable. |
| 5. | Period of Completion | : | Furnished in Annexure |
| 6. | Availability of Tender Online for bidding | : | 01.02.2019 at 10.00 AM to 12.02.2019 upto 5.00 PM |
| 7. | Date and Time of Opening of Tender | : | 14.02.2019 at 11.30 AM |
| 8. | Place of Opening | : | As per Annexure |

Further details can be seen from the Website www. tenderorissa.gov.in.

**EXECUTIVE ENGINEER**
**R.W. DIVN., GAJAPATI**

**25158/11/0009/1819**

## GOVERNMENT OF ODISHA

No.1190-A

### OFFICE OF THE CHIEF CONSTRUCTION ENGINEER
### ANANDAPUR BARRAGE PROJECT, SALAPADA

**(E-mail ID : cceabp-eicwr.od@nic.in/loabp-eicwr.od@nic.in)**
**e' Procurement Notice No. CCEABP-16 of 2018-19**

| Tender Inviting Authority | Name of Work | Bid Id No. | Value of the Work in Lakhs (Approx.) | Bid Security in Rs. (Online) | Cost of Bid Document (Rs.) (Online) | Class of Bidder | Period of Completion | Availability of Tender On-line for bidding | | Date of Opening of Technical Bid (Cover-1) |
|---|---|---|---|---|---|---|---|---|---|---|
| | | | | | | | | From | To | |
| Chief Construction Engineer, A.B. Project, Salapada | Excavation and CC Lining of Baitarani Right Bank Canal (BRBC) from RD 2.68 Km to 3.24Km Including Construction of cut and cover and Service Road | ABP-ACD-05/1 of 2018-19 | 931.51 | 9,32,000/- | 10,000/- | Spl & Super | 7 (Seven) Calendar months | 31.01.19 11.30 AM | 22.02.19 5.00 PM | 23.02.19, 11.30 AM |

Further details can be seen from the Govt. website www.tendersorissa.gov.in/ www.dowrodisha.gov.in. Addendum / Corrigendum / Cancellation if any required will be published in Govt. website only.

32068/11/0026/1819 **Sd./- Chief Construction Engineer, Anandapur Barrage Project, Salapada**

## OFFICE OF THE MUNICIPAL COUNCIL, VYASANAGAR

**JAJPUR ROAD, PIN-755019**
**Tel.No.06726-220207**

No:- 283 Date:- 29.01.2019

### QUOTATION CALL NOTICE

**FOR SELECTION OF DIFFERENT AGENCIES FOR MANAGING VARIOUS RELATED ACTIVITIES OF VYASASAROBAR MAHOSTAV-2019**

1. The Executive Officer, Vyasanagar Municipality, Jajpur Road invites quotations in sealed covers in conformity with detaited quotation call notice to be eventually drawn up in prescribed Municipal Form, from the intending registered Agencies having experience, expertise and financial standing, in similar nature of the works for the following assignments for smooth management of VYASASAROBAR MAHOSTAV-2019 scheduled to be organized from 15.02.19 to 25.02.19 Vyasanagar Municipality as per the scope and schedule of work as spelt out in the detailed quotation call notice.
2. Bid documents consisting of selection criteria, scope of work and the set of terms and conditions of contracts and other necessary documents can be seen in the office of the undersigned during office hours on all working days and can be purchased from the Municipal office against a non-refundable fee as mentioned in Column -5 towards cost of bid documents and including all Taxes @5% in shape of demand draft/ Bankers cheque issued from any scheduled Bank payable at Jajpur Road in favour of the Executive Officer, Vyasanagar Municipality, Jajpur Road.
3. Quotations must accompany with EMD @ 1% of the bid amount in shape of demand draft/pay order/Bankers cheque from any Nationalized bank duly pledged in favor of "The Executive Officer, Vyasanagar Municipality" which is refundable to the unsuccessful bidders on demand., attested copies of valid ITCC /PAN card. Service tax registration certificate and registration certificate of the Agency from competent authority failing which the bids will be outrightly rejected.
4. The sale of bid documents shall start from dt..30.01.2019 and close on dt 05.02.2019 at 5.00 pm. Bids shall be delivered in the tender box only during office hours up to 12.00 Noon on dtd, 06.02.19.
5. The quotations will be opened on dtd. 06.02.2019 at 12.30 PM in the office of the undersigned in the presence of the bidders or their authorized representatives who wish to attend. If the office happens to be closed on the last date of receipt or opening of the bids as specified, then the bids will be received / opened on the next working day at the same time and venue unless otherwise notified.
6. Any other details can be seen in the bidding documents or can be had from the office of the undersigned during working hours on all working days.
7. The undersigned reserves the right to accept /reject any part there of or all the bids without assigning any reason thereof.

| Sl. No. | Name of Assignment | Agencies eligible to apply | Scope of Work | Cost of Bid document including all Taxes (in Rs.) | EMD to be deposited |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1 | Selection of Event Management Agencies (EMA) For Managing Cultural Programmes Of Vyasasarobar Mahostav - 2019 | Agencies having experience, expertise and financial standing, in similar nature of the works and as per qualification criteria spelt out in the detailed quotation call Notice (DQCN). | The Agency shall be responsible for arranging, organizing and staging different cultural programmes etc as per DQCN | 1000.00 | 1 % of the quoted Amount |
| 2 | Selection of manpower service provider agency for Vyasa Mahostav-2019 | -do- | The Agency shall be responsible for providing security personnel for eleven days as per requirement etc as per DQCN. | 400.00 | 1 % of the quoted Amount |
| 3 | Selection of Tent House Decorator and General Order Supplier For Vyasasarobar Mahostav-2019 | -do- | The Agency shall be responsible for erection of stalls, gates, LED light decoration, barricades, supply of tables, chairs, & Power Brak and erection dias with light, Towers (Light Post) etc as per DQCN. | 1200.00 | 1 % of the quoted Amount |
| 4 | Selection of stage decorator for Vyasasarobar Mahostav-2019 | -do- | The Agency shall be responsible for erection of modern stage back drop with lighting system, Par-24Nos. led Par-24 Nos., Multicolor -10 Nos, Scanner -4Nos,Smoke Light -2Nos, Sky Decor-1 No. Follow Light-1 No, Laser-2 No.Stoke-2Nos. Sharpee-4nos.- sound system, Hom - 8 Nos., Digital Box-JVL-300 watt-6 Nos.Bass-4Nos., Moniter Box-4 Nos. Double Bar-4Nos,Typhone-4Nos.Cordless-4 Nos. Small Stand Phone-4Nos, Big Stand Phone-4 Nos.Yamaha 24 Channel Mixture Machine supply of one 82KVA silent DG set etc as per DQCN. | 1500.00 | 1 % of the quoted Amount |
| 5 | Selection of Agency for photography. Video Coverage and live telecast rights of The events of Vyasa sarobar Mahostav-2019 | -do- | The Agency shall be responsible for photography, video coverage, live telecast of the events through Local Cable, supplying and fixing CC.cameras, Multi High Gain public announcement of the programmes of Vyasasarobar Mahostav etc as per DQCN. | 500.00 | 1 % of the quoted Amount |

**Sd./- Executive Officer**
**Vyasanagar Municipality**

# MUNICIPAL OFFICE, DHENKANAL

**No. 379/ Dt. 28.01.2019**

## TENDER CALL NOTICE

1. The Executive Officer, Dhenkanal Municipality, Dhenkanal invites item rate tenders in sealed covers in conformity with detailed tender call notice to be eventually drawn up in prescribed Municipal form, from registered contractors of Dhenkanal Municipality for execution of the under mentioned works. The Contractors may submit tenders for any or all of the works separately.

| Sl. No. | Name of the Work | Approximate value of the work (in Rs.) | Class of Contractors eligible to apply | EMD required (in Rs.) | Non-refundable cost of tender document with GST (in Rs.) | Stipulated period of completion |
|---|---|---|---|---|---|---|
| 1 | Consnt. of Building at Binod Bhawan near Bus-Stand | 1,99,700.00 | Municipal Contractor | Rs. 1970.00 | Rs. 600/- | 15 days |
| 2 | Fixing of Railing at I.G. Super Market (Parking Place) | 1,80,000.00 | -do- | Rs. 1800.00 | Rs. 600/- | -do- |
| 3 | Constn. of approach road at Samaya Lane in ward no. 01 | 1,55,500.00 | -do- | Rs. 1555.00 | Rs. 600/- | -do- |
| 4 | Constn. of road at Maruti Lane in ward no. 01 (Balance Portion) | 76,600.00 | -do- | Rs. 766.00 | Rs. 600/- | -do- |
| 5 | Constn. of Bus-Stand Urinal (Gents 5 seated & Ladies 3 seated) | 1,99,800.00 | -do- | Rs. 1998.00 | Rs. 600/- | -do- |
| 6 | Improvement of Bus-Stand drain | 1,99,400.00 | -do- | Rs. 1994.00 | Rs. 600/- | -do- |
| 7 | R/M to road for laying of pipe line in ward no. 22 (Sanjaya Moharaj res. to Arjun Moharana res. and Arjun Moharana Res. to Mati Khan res.) | 1,16,500.00 | -do- | Rs. 1165.00 | Rs. 600/- | -do- |
| 8 | R/M to road for laying of pipe line in ward no. 22 (Pankaj babu res. to Pabitra Sahu res. Kishori Babu res. to Satrughana Sahu res. and Budhimanta Mohapatra res. to Abhi Sahoo Res.) | 1,22,000.00 | -do- | Rs. 1220.00 | Rs. 600/- | -do- |
| 9 | R/M to road for laying of pipe line in ward no. 22 (Paunruti Gali towards Bhaskar Prusty res.) | 1,04,600.00 | -do- | Rs. 1046.00 | Rs. 600/- | -do- |
| 10 | R/M to road for laying of pipe line in ward no. 22 (Bhaskar Prusty res. towards Akshay Mishra res, Ranjan Mohanty res. to Bhabani Mishra res. and Kartik Barik res.) | 1,34,500.00 | -do- | Rs. 1345.00 | Rs. 600/- | -do- |
| 11 | R/M to road for laying of pipe line in ward no. 22 (Sudam Nayak res. towards Gajendra Babu res.) | 1,30,400.00 | -do- | Rs. 1304.00 | Rs. 600/- | -do- |
| 12 | R/M to road for laying of pipe line in ward no. 22 (Hata Road towards Harijan Sahi) | 1,50,000.00 | -do- | Rs. 1500.00 | Rs. 600/- | -do- |
| 13 | R/M to road for laying of pipe line in ward no. 23 (Kotha Ghara to Narahari babu res. and Santosh Swain res. to Sankarsan babu res.) | 1,73,000.00 | -do- | Rs. 1730.00 | Rs. 600/- | -do- |
ଭାରତୀୟ ମହିଳା ହକି ଦଳ ଏହାର ତୃତୀୟ ଟୁର୍ ମ୍ୟାଚରେ ବିଜୟ ହାସଲ କରିଛି। ଦଳ ମଙ୍ଗଳବାର ଏଠାରେ ବିଶ୍ୱକପ୍ ବ୍ରୋଞ୍ଜ ବିଜୟୀ ସ୍ପେନକୁ ୫-୨ ଗୋଲରେ ପରାସ୍ତ କରିଛି। ମିଜୋରାମ ଷ୍ଟ୍ରାଇକର ଲାଲ୍‌ରେମ୍‌ସିଆମି (୧୭ତମ ଓ ୫୮ତମ ମିନିଟ୍) ଦୁଇଟି ଗୋଲ ସ୍କୋର କରିଥିବାବେଳେ ଅନ୍ୟ ଗୋଲ୍‌ଗୁଡ଼ିକ ନେହା ଗୋୟଲ (୨୧ଶ), ନଭନୀତ କୌର (୩୨ତମ) ଓ ରାଣୀ ରାମପାଲ (୫୧ତମ) ଦେଇଥିଲେ। ଏହି ବିଜୟ ଦ୍ୱାରା ଭାରତ ସିରିଜକୁ ୧-୧ବରାବର ସ୍ଥିତିକୁ ଆଣିପାରିଛି। ଦୁଇ ଦଳ ମଧ୍ୟରେ ଅନୁଷ୍ଠିତ ପ୍ରଥମ ମ୍ୟାଚ ଭାରତ ୨-୩ ଗୋଲରେ ପରାଜିତ ହୋଇଥିଲା। ଦୁଇ ଦଳ ମଧ୍ୟରେ ଦ୍ୱିତୀୟ ଗେମ୍ ୧-୧ରେ ଡ୍ର ଭାବେ ଶେଷ ହୋଇଥିଲା।



ବଲ୍‌କୁ ନିଜ ନିୟନ୍ତ୍ରଣକୁ ନେବାକୁ ଚେଷ୍ଟା କରୁଛନ୍ତି ଭାରତର ନଭନୀତ କୌର (ବାମ)।

ମଙ୍ଗଳବାର ମ୍ୟାଚ୍‌ରେ ୧୭ତମ ମିନିଟ୍‌ରେ ବର୍ଟା ବୋନାଷ୍ଟ୍ରେଙ୍କ ଜରିଆରେ ପ୍ରଥମ ଗୋଲ ସ୍କୋର କରିଥିଲା। ତେବେ ଦୃଢମନା ଭାରତ ୧୭ତମ ମିନିଟ୍‌ରେ ଷ୍ଟ୍ରାଇକର ଲାଲରେମସିଆମିଙ୍କ ଚମତ୍କାର ଗୋଲ ଜରିଆରେ ମ୍ୟାଚକୁ ପ୍ରତ୍ୟାବର୍ତ୍ତନ କରିଥିଲା। ଏହାର ୪ ମିନିଟ୍ ପରେ ନେହାଙ୍କ ଗୋଲ ଯୋଗୁ ଭାରତ ୨-୧ରେ ଆଗ୍ରଣୀ ହୋଇଥିଲା। ନବନିତ ୩୨ତମ ମିନିଟ୍‌ରେ ଦଳ ତରଫରୁ ତୃତୀୟ ଗୋଲ ସ୍କୋର କରିଥିଲେ। ବୋନାଷ୍ଟ୍ରେ ୩୫ତମ ମିନିଟ୍‌ରେ ତାଙ୍କର ଦ୍ୱିତୀୟ ଗୋଲ ସ୍କୋର କରି ଭାରତ ଅଗ୍ରଣୀ ବ୍ୟବଧାନକୁ ୩-୨କୁ ହ୍ରାସ କରିଥିଲେ। ଏହାପରେ କିନ୍ତୁ ଭ୍ରମଣକାରୀ ଦଳ ଠିକଣା ସମୟରେ ଗୋଲ ସ୍କୋର କରି ମ୍ୟାଚକୁ ଜିତି ନେଇଥିଲା। ଅଧିନାୟିକା ରାଣୀ ୫୧ତମ ମିନିଟ୍‌ରେ ଏବଂ ଖେଳ ଶେଷ ହେବାକୁ ଆଉ ମାତ୍ର ୨ ମିନିଟ ସମୟ ରହିଥିବାବେଳେ ଲାଲରେମସିଆମି ତାଙ୍କର ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ସ୍କୋର କରି ଭାରତକୁ ୫-୨ରେ ସହଜ ବିଜୟୀ କରାଇଥିଲେ। ମ୍ୟାଚର ଫଳାଫଳ ନେଇ ଭାରତର ମୁଖ୍ୟ କୋଚ୍ ଜୋର୍ଡ ମାରିଜ୍‌ନେ ସନ୍ତୋଷ ବ୍ୟକ୍ତ କରିଛନ୍ତି। ସେ କହିଛନ୍ତି, ମ୍ୟାଚ ପରେ ମ୍ୟାଚ ଆମ ପ୍ରଦର୍ଶନରେ ଉନ୍ନତି ଘଟିବାରେ ଲାଗିଛି। ଏହି ଧାରା ବଜାୟ ରଖିପାରିଲେ ଆମେ ଉନ୍ନତି କରିପାରିବା। ସ୍ପେନ ବିପକ୍ଷ ଚତୁର୍ଥ ମ୍ୟାଚ ଭାରତ ଗୁରୁବାର ଖେଳିବ।

## କଳିଙ୍ଗ ଷ୍ଟାଡିୟମରେ ଟେନିସ କୋଚିଂ କ୍ୟାମ୍ପ

**ଭୁବନେଶ୍ୱର, ୨୯।୧(କ୍ରୀଡ଼ା ପ୍ରତିନିଧି):** ଓଡ଼ିଶା ଟେନିସ ଆସୋସିଏଶନ (ଓଟିଏ) ଆନୁକୂଲ୍ୟରେ ଏକ ଟେନିସ କୋଚିଂ କ୍ୟାମ୍ପ କଳିଙ୍ଗ ଷ୍ଟାଡିୟମରେ ଚଳିତମାସ ୨୫ରୁ ୨୮ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ କୋଚ୍ ରବି ଶଙ୍କର ସିଂଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କ୍ୟାମ୍ପରେ ୨୦ ଖେଳାଳି ଯୋଗ ଦେଇଥିଲେ। କ୍ୟାମ୍ପ ଶେଷ ହେବା ଅବସରରେ ଓଟିଏ ସମ୍ପାଦକ ମଧୁସୂଦନ ପାଢ଼ୀ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ। ଓଟିଏ ସିଇଓ ବି.କେ.ଦାସ ଏବଂ ମ୍ୟାନେଜର ପ୍ରକାଶ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## କୁଶ, ଲିପିକାଙ୍କ କିଲିମାଁଜୋରୋ ଆରୋହଣ




କିଲିମାଁଜୋରୋ ଶୃଙ୍ଗରେ କୁଶ ଆର୍ଲବ ଓ ଲିପିକା ସେଠ।

**ଭୁବନେଶ୍ୱର, ୨୯।୧(ସ୍ପୋର୍ଟ୍ସ ବ୍ୟୁରୋ):** କୋରାପୁଟ ଜିଲାର କୁଶ ଆର୍ଲବ ଓଡ଼ିଶାର ପ୍ରଥମ ଆଦିବାସୀ ଯୁବକଭାବେ ଏବଂ ବରଗଡ଼ର ଲିପିକା ସେଠ୍ ଆଫ୍ରିକା ମହାଦେଶର ଉଚ୍ଚତମ ଶୃଙ୍ଗ କିଲିମାଁଜୋରୋ (୫,୮୯୫ ମିଟର/୧୯,୩୪୦ ଫୁଟ)କୁ ସଫଳତାର ସହ ଆରୋହୋଣ କରିଛନ୍ତି। ଏହି ଅଭିଯାନ ଗତ ୨୧ରୁ ଆରମ୍ଭ ହୋଇ ୨୯ ତାରିଖରେ ଶେଷ ହୋଇଛି। ଉଭୟ କୁଶ ଓ ଲିପିକା ୨୫ରେ କିଲିମାଁଜୋରୋ ବେସ୍ କ୍ୟାମ୍ପ୍‌ରେ ପହଞ୍ଚି କିଛି ସମୟ ବିଶ୍ରାମ ନେବାପରେ ରାତି ୧୨ଟାରେ ଶିଖର ଅଭିମୁଖେ ବାହାରିଥିଲେ। କୁଶ ଏହାପରଦିନ ସକାଳ ୬ଟା ୩୦ରେ ଲକ୍ଷ୍ୟସ୍ଥଳରେ ପହଞ୍ଚି ଜାତୀୟ ପତାକାକୁ ଗର୍ବର ସହ ଉଡ଼ାଇଥିଲେ। ଶିଖରରେ ପରିବେଶ ଅନୁକୂଳ ନ ଥିବାରୁ ଲିପିକା ଏହାର ଅଧଘଣ୍ଟା ବିଳମ୍ବରେ ପହଞ୍ଚି ଜାତୀୟ ପତାକା ଉଡ଼ାଇଥିଲେ। ଶିଖରରେ ବହୁତ ପବନ ବହିବା ଯୋଗୁ ବରଫାବୃତ ପାହାଡ଼ ଧୂଆଁମୟ ହୋଇଯାଇଥିଲା। ବରଫ ସବୁ କିଛି ସମୟ ଉଡ଼ିବାକୁ ଲାଗିଥିଲା ବୋଲି ଉଭୟ ଲିପିକା ଓ କୁଶ ପ୍ରକାଶ କରିଛନ୍ତି। ଏହି ଅଭିଯାନ ପାଇଁ ଲିପିକାଙ୍କୁ ବରଗଡ଼ ଏମ୍‌ପିଙ୍କ ସହଯୋଗରେ ଏମ୍‌ସିଏଲ୍ ସହଯୋଗର ହାତ ବଢ଼ାଇଥିବା ସହ ସମସ୍ତ ଖର୍ଚ୍ଚ ବହନ କରିଥିଲା। ଅପରପକ୍ଷରେ କୋରାପୁଟର ଜଣେ ଉଦୀୟମାନ ପର୍ବତାରୋହୀ ଭାବେ ପରିଚିତ କୁଶଙ୍କୁ ଭୁବନେଶ୍ୱର ସ୍କୁଲ ଅଫ୍ ଆଭେଞ୍ଚର ସହଯୋଗ କରିଥିଲା। ଭୁବନେଶ୍ୱର ସ୍କୁଲ ଅଫ୍ ଆଭେଞ୍ଚର ଓଡ଼ିଶାର ଅନୁନ୍ନତ ଅଞ୍ଚଳର ତଥା ଏହି ଦୁଃସାହସିକ କ୍ରୀଡ଼ାପ୍ରତି ରୁଚି ରଖୁଥିବା ଯୁବତୀ ଯୁବକମାନଙ୍କୁ ଆଗକୁ ବଢ଼ିବାରେ ଏଭଳି ସହଯୋଗ ହାତ ବଢ଼ାଇବାକୁ ଲକ୍ଷ୍ୟ ରଖିଛି। ଉୟଭ କୁଶ ଓ ଲିପିକା ଜୁଲାଇରେ ଇଉରୋପ ମହାଦେଶର ଉଚ୍ଚତମ ଶୃଙ୍ଗ ମାଉଣ୍ଟ ଏଲାବ୍ରୁସ ଓ ଡିସେମ୍ବରରେ ମାଉଣ୍ଟ ଏକୋନକାଗୁଆକୁ ସଫଳତାର ସହ ଆରୋହୋଣ ଲକ୍ଷ୍ୟରେ ରହିଛନ୍ତି।


**ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.**
**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
Office of the Deputy General Manager (Elect), E.H.T. (O&M) Division, Joda,
PO: Boneikala, Dist: Keonjhar, Pin: 758038 (Odisha), Phone No: 7328829375,
E-mail: ehtm.div.jod@optcl.co.in, CIN: U40102OR2004SGC007553
Letter No. 1683 Dated: 29.01.19

**TENDER CALL NOTICE NO.- 10/2018-19**

Sealed tenders are invited from the Civil & HT Contractors having valid "C" & "D" Class Civil Contractor license issued by Govt. of Odisha/ Military/ Railways & having valid IT, PAN Card/ GST registration for the Work of "Grading plaster of roof of control room at Grid substation Joda under EHT (O&M) Division, Joda". Cost of Tender paper Rs. 2240/, EMD= Rs. 5000/-, Sale of tender documents from dt: 01.02.2019 to 15.02.2019. Last Date of submission of tender: 16.02.2019 upto 1.00 PM. Date of opening of tender: 16.02.2019 at 3.30 PM. For details visit our website: www.optcl.co.in.
Corrigendum if any will be published in the OPTCL website only.

Sd./- Dy. General Manager (Elect), EHT (O&M) Division, Joda



**ZILLA SWASTHYA SAMITI, KANDHAMAL**
**OFFICE OF THE CDM&PHO-CUM-DISTRICT MISSION DIRECTOR, KANDHAMAL**

**Tender Call Notice**

**No. 1230/ NHM/18 Dt. 29.01.2019**

Sealed proposals as per prescribed RFP document are invited from interested eligible bidders (Private individuals/Tour Operators/ Travel Agency /Society/ Firms) for hiring of vehicles on Monthly & Daily basis. The eligible criteria, the terms of reference and the formats for submission of bid as set forth in the RFP document can be downloaded from the website **www. kandhamal.nic.in.** The details of the location where the vehicles will be engaged are mentioned in the RFP document. Interested bidders fulfilling the eligibility criteria may submit their proposals separately (with EMD & document as per RFP) to the O/o CDM&PHO, DHH, Phulbani, Kandhamal. Proposal(s) complete in all respect should reach the undersigned on or before 04.00 PM of 12.02.2019 through Regd/Speed Post & courier and the same will be opened on the same day at 05.00 PM in the office chamber of the undersigned. The undersigned reserves the right to reject any or all the tender(s) without assigning any reason thereof.

**Sd./- CDM&PHO cum District Mission Director NHM, Kandhamal**



GOVERNMENT OF ODISHA
RURAL WATER SUPPLY & SANITATION ORGANISATION
**OFFICE OF THE EXECUTIVE ENGINEER**
**RWS&S DIVISION, ANGUL, AT- TALCHER**
At- Baghuabole, Po.- Hatatota, Talcher, Dist.- Angul, Pin- 759100
(Ph. No./Fax-06760-240762, E-mail : eerwss_ang@nic.in)

**National Competitive Bidding through e-procurement**
**Bid Identification No. 20/EE/RWSS/ANGUL/2018-19**
**Dt. 22.01.2019 (DMF)**

**No.1495-O:-** The Executive Engineer, RWS&S Division, Angul, At:Talcher on behalf of Governor of Odisha invites Item Rate/Percentage bid through e-procurement in double/single cover system according to norm of e-Procurement system in on-line mode.

Nature of Work : Rural Piped Water Supply Schemes.

| | | | |
|---|---|---|---|
| 1. | No. of Tenders | : | 12 Nos. |
| 2. | Tender Paper Cost | : | Rs. 10,000.00 & Rs. 6,000.00 |
| 3. | Value of work | : | Rs. 306.47 Lakhs to Rs. 11.57 Lakhs |
| 4. | Class of Contractor | : | "D", "C", "B", "A" & "Spl." Class |
| 5. | Date & time of availability of bid document in portal | : | 01.02.2019 at 17.00 hours to 10.02.2019 upto 17.00 hours |
| 6. | Date & time of seeking tender clarification | : | 06.02.2019 upto 17.00 hours |
| 7. | Date & time of opening of tender & verification of original document | : | 11.02.2019 at 15.00 hours in the office of the Executive Engineer, RWS&S Division, Angul, At:Talcher |
| 8. | Time of completion | : | 3 (Three) to 10 (Ten) Calendar Months |
| 9. | The bidders have to participate in online bidding only. Further details can be seen from the website **https://www.tendersodisha.gov.in.** | | |
| 10. | Corrigendum if any shall be published in the above website only. | | |

Sd./- Executive Engineer,
25019/11/0029/1819 RWS&S Division, Angul at Talcher



**OFFICE OF THE DISTRICT PROJECT MANAGEMENT UNIT (MDM), MALKANGIRI**

**TENDER CALL NOTICE**

**No.: 24/MDM-2019 Dated: 28.01.2019**

A fresh sealed tenders are invited in the prescribed format from the intending Firms/Company/Individuals/ Corporation for undertaking Transportation of Food Stuff under MDM Programme of Malkangiri district during the financial year 2019-20. Tender shall be received by the District Project Management Unit, Malkangiri in sealed packet form 01.02.19 to 15.02.19 during the working hours. The last date for droping of tender paper is 15.02.19 from 10.00 A.M. to 5.00 P.M. The tender papers dropped in the tender box will be opened on 16.02.19 at 11 A.M. in presence of the Tender Committee of the district and the bidder or their authorized representatives, in the Chamber of the Collector, Malkangiri. The undersigned will not be responsible for any delay in circumstances.
The details regarding terms & conditions, Earnest Money Deposit (EMD) etc. can be obtained along with the tender document from the Office of the District Project Management Unit, Malkangiri/from the website on payment of cost of tender papers Rs.5000/- (including VAT) and E.M.D. Rs.10,000/- (Rupees ten thousand) only in shape of Bankers Cheque in favour of District Education Officer-cum-District Nodal Officer (MDM), Malkangiri payable at S.B.I., Malkangiri on any working day from dated 01.02.19 to 15.02.19 between 10.00 A.M. to 5.00 P.M. The cost of tender papers is not refundable. The tender received beyond the date and time mentioned above shall not be taken into consideration. The tender document can also be downloaded from the website **http://www.malkangiri.nic.in.** The undersigned reserves the rights either to reject any or all tenders or cancel the entire process without assigning the reason thereof.

**Sd./- District Education Officer-cum-District Nodal Officer (MDM), DPMU, Malkangiri**



Government of Odisha
**Office of the Superintending Engineer, Rural Works Circle, Sambalpur**
Tel-0663-2548268,E-mail id-serwcirclesbp@yahoo.com
**e-Procurement No.103** / Dated: 24 /01 /2019

**No.1497-O:-** Superintending Engineer, Rural Works Circle, Sambalpur on behalf of **Odisha State Rural Roads Agency** invites Percentage ( %) bids through e_ Procurement from eligible class of experienced bidders for construction of roads and CD works including maintenance for 5 years of rural roads under **Pradhan Mantri Gram Sadak Yojana (PMGSY-II)** Batch-I (2018-19).

| | | | |
|---|---|---|---|
| 1 | Name of work. | : | Construction of road and CD works including five year maintenance under PMGSY-II, Batch-I (2018-19) |
| 2 | Class of Contractor. | : | B Class,A Class,SPl Class, Super Class(Information in DTCN will be Final) |
| 3 | No of packages. | : | 32 Nos of contract Package |
| 4 | Estimated cost | : | Rs. 101.00 Lakh to 428.00 Lakh(Information in DTCN will be Final) |
| 5 | Bid submission fee. | : | Rs.10,000/-(Non-Refundable) per set of package costing more than Rs.50.00 lakh and Rs.6,000/-(Non-Refundable) per set of package costing less than Rs.50.00 lakh |
| 6 | Mode of submission of tender. | : | Only through online in website: www.pmgsytenders.gov.in. |
| 7 | Summary of key dates are provided below: | | |

| Procurement Officer | Bid Identification No. | Availability of Tender online for bidding | | Last date& time for seeking clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| Superintending Engineer, Rural Works Circle, Sambalpur | PMGSYOnline-RWCSBP-01/2019 | 01/02/2019 From 11.00. A.M. | 21/02/2019 Up to 05.00 P.M. | 20/02/2019 Up to 4.00 P.M. | 22.02.2019 At 11.00 A.M. | 28.02.2019 At 11.00 A.M. |

* **Special conditions** 1-EMD-2% of the amount put to tender as per DTCN.2- EPF registration is mandatory before drawl of agreement.3- Rate quoted by the contractor shall be excluding GST.4. Original EMD, Bid submission fee and original affidavits should be submitted only at the office of Superintending Engineer, Rural Works Circle, Sambalpur.
* Details can be seen from the e-procurement portal **www.pmgsytenders.gov.in.**
* Subsequent modification/corrigendum/Addendum if required shall be appeared in the website only.

**25091/11/0042/1819 Sd./- Superintending Engineer, Rural Works Circle, Sambalpur**



**ଓଡ଼ିଶା ସରକାର**
**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ**
**ଅଧିସୂଚନା**

ଭୁବନେଶ୍ୱର ତାରିଖ: ୧୬ ଅଗଷ୍ଟ ୨୦୧୮
**RDM-LAB-KPT-0001-2017 30239 / R&DM-**

**No. X-01:-** ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି, ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ତେଲେଙ୍ଗିରି ମଧ୍ୟମ ଜଳସେଚନ ପ୍ରକଳ୍ପର ରାମପାତ୍ରପୁଟ-ରତାଳି ଡିଷ୍ଟ୍ରିବ୍ୟୁଟାରୀ ଖନନ ନିମନ୍ତେ ସରକାର ସରକାରୀ ବ୍ୟୟରେ ମୌଜା- ରତାଳି, ଥାନା- ବି.ସିଙ୍ଗିପୁର, ନଂ.- ୧୮, ତହସିଲ- ବୋରିଗୁମ୍ମା, ଜିଲ୍ଲା- କୋରାପୁଟରେ ନିମ୍ନ ତଫସିଲମତେ ପ୍ରାୟ ୦.୬୮ ଏକର ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।
ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।
୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ- ରାମପାତ୍ରପୁଟ-ରତାଳି ଡିଷ୍ଟ୍ରିବ୍ୟୁଟାରୀ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ- ନିର୍ବାହୀ ଯନ୍ତ୍ରୀ, ତେଲେଙ୍ଗିରି କେନାଲ ସେଚଖଣ୍ଡ, ନଂ.-୨, ଆମ୍ବାଗୁଡ଼ା।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ- କୌଣସି ବିସ୍ଥାପନ ହେଉନାହିଁ।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ- ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ:- ଉପ-ଜିଲ୍ଲାପାଳ, ଜୟପୁର, କୋରାପୁଟ।
୬. ଜମିର ବିବରଣୀ-

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | ପ୍ଲଟ୍‌ର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| କୋରାପୁଟ | ବୋରିଗୁମ୍ମା | ରତାଳି | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏ.୧.୭୩ | ଏ.୦.୬୮ | ଏଥିସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ତଥା ବିସ୍ତୃତ ବିବରଣୀ କୋରାପୁଟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।
ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି କୋରାପୁଟ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।
ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ ଜମିମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ (ଷାଠିଏ) ଦିନ ମଧ୍ୟରେ କୋରାପୁଟ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

ରାଜ୍ୟପାଳଙ୍କ ଆଦେଶକ୍ରମେ
**ସ୍ୱା./- ଯୁଗ୍ମ ଶାସନ ସଚିବ**

**ଜମିର ବିଶଦ ବିବରଣୀ**

| ଜିଲ୍ଲାର ନାମ | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | ଜମିର ମୋଟ ରକବା | ଅଧିସୂଚିତ ହେବାକୁ ଥିବା ଜମିର ପରିମାଣ | ରୟତଙ୍କ ନାମ ଏବଂ ପିତାଙ୍କ ନାମ |
|---|---|---|---|---|---|---|---|---|
| କୋରାପୁଟ | ବୋରିଗୁମ୍ମା | ରତାଳି | ଗ୍ରାମାଞ୍ଚଳ | ୨୯୫/ ୬୬ | ୬୧୮/ ୯୩୬ | ୦.୯୦ | ୦.୪୨ | ସୁଡି ହରିଜନ, ପି- ଶ୍ୟାମ ସୁନ୍ଦର ହରିଜନ |
| କୋରାପୁଟ | ବୋରିଗୁମ୍ମା | ରତାଳି | ଗ୍ରାମାଞ୍ଚଳ | ୨୯୫/ ୧୦୧ | ୧୭୦/ ୯୭୭ | ୦.୩୩ | ୦.୦୨ | ପଦ୍ମା ହରିଜନ, ପି- ସନିଆ |
| କୋରାପୁଟ | ବୋରିଗୁମ୍ମା | ରତାଳି | ଗ୍ରାମାଞ୍ଚଳ | ୨୯୫/ ୪୪୩ | ୧୭୦/ ୧୮୩୨ | ୦.୫୦ | ୦.୨୪ | ସମାରୁ ତମ, ପି: ଲକ୍ଷ୍ମଣ |
| ମୋଟ | | | | | | ୧.୭୩ | ୦.୬୮ | |

24001/14/0572/1819



**BHUBANESWAR SMART CITY LIMITED**
Block-1, 5th Floor, BMC Bhawani Mall, Saheed Nagar, Bhubaneswar-751007
e-mail Id : bbsr.bscl@gmail.com, CIN : U74990OR2016PLC020016

**NOTICE INVITATION REQUEST FOR PROPOSAL (RFP)** No. 445-C

**No. 245/BSCL/01/2018 Date : 29.01.2019**

1. Chief Executive Officer, BSCL invites proposals from experienced and reputed Agencies for the following work as detailed in the table below.

| Name of the Project | Bid Security | Cost of the Bid Document | Period of Work |
|---|---|---|---|
| Operation and Maintenance of 3 (Three) Nos. of Smart Parks in Saheed Nagar Bhubaneswar | Rs. 25,000/- | Rs. 10,000/- + 1,200/- (GST @ 12%) | 24 Months |

2. Bid documents will be available at www.smartcitybhubaneswar.gov.in from 30.01.2019 to 3.00 P.M. of 20.02.2019.
3. A pre-bid meeting shall be held on 11.02.2019 at 11.30 AM in the Conference hall of Bhubaneswar Smart City Ltd.
4. Last date / Time for receipt of Proposals is 20.02.2019 till 3.00 P.M.
5. The tender will be opened on 20.02.2019 at 4.30 P.M.

**Sd./- General Manager (E&T)**
13070/11/0042/1819 **Bhubaneswar Smart City Limited**



**GOVT. OF ODISHA**
**OFFICE OF THE SUPERINTENDING ENGINEER RURAL WORKS CIRCLE, BARIPADA**
Tel No.: 06792-261343(O)/ 261344 (Fax)/ E-Mail: serwcbaripada@nic.in
**No.1489-O:-** "e" Procurement Notice for PMGSY Works
Identification No.- Online Tender-PMGSY N.C.B. No. 148 for 2018-19
**Letter No. 141 Date: 22.01.19**

| | | | |
|---|---|---|---|
| 1. | Name of the work | : | Construction & Maintenance PMGSY road and Bridge works Batch-I of 2018-19 in the District of Mayurbhanj. |
| 2. | Total No. of works | : | 03 Nos. (Three Nos.) |
| 3. | Estimated Cost | : | From Rs. 116.94 lakhs to Rs. 181.47 lakhs (approximately). |
| 4. | Eligible Class of Contractor | : | 'B' & 'A' Class P.W.D. or relevant Class of other licensing authorities. |
| 5. | Period of Completion | : | 06 (Six) calendar months. |
| 6. | Other details | : | |

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender Clarification | Date & Time of Opening of Tender in O/o S.E.R.W. Circle, Baripada | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works Circle, Baripada | PMGSY On-line N.C.B. No. 148 | Dt. 31.01.2019 at 11.00 AM | Dt. 15.02.2019 up to 5.00 PM | Dt. 14.02.2019 upto 1.00 PM | Dt. 16.02.2019 at 11.00 AM | Dt. 22.02.2019 at 11.00 AM |

- Further details can be seen from the website: www.pmgsytenders.gov.in.
- Any Corrigendum / Addendum will be displayed in the above e_tender website only.

**25130/11/0028/1819 Sd./- Superintending Engineer, R.W. Circle, Baripada**



idco Your power to grow ISO 9001 & 14001 CORPORATION | ODISHA NEW OPPORTUNITIES
**ODISHA INDUSTRIAL INFRASTRUCTURE DEVELOPMENT CORPORATION**
(A Government of Odisha Undertaking)
IDCO Towers, Janpath, Bhubaneswar - 751022

**File No. IDCO/HO/P&A/EST-E-3118/2019 (P-II) 1722 Dated :- 29.01.2019**

**ADVERTISEMENT FOR ENGAGEMENT OF RETIRED PLANNING MEMBER TO FUNCTION AS OFFICER ON SPECIAL DUTY (TOWN PLANNER).**

IDCO require the services of one retired Planning Member below the age of 65 (Sixty five) years having good service record and physical fitness for engagement as Officer on Special Duty (Town planner) on contractual basis in IDCO for one year with consolidated monthly remuneration fixed as per Govt. in Finance Department, Odisha, Office Memorandum No.7022 dt. 17.03.2018. Eligible & interested candidates are requested to submit their application with copies of the required testimonials in support of their service records as mentioned below on or before **19.02.2019** by **3.00 P.M.** within Office hours by registered post/Speed Post to the undersigned at IDCO, Head Office, IDCO Towers, Janpath, Bhubaneswar-751022. The Corporation will not be liable for any delay in the delivery of the application/documents or non-receipt of the same within the stipulated period/time. The engagement will be strictly project specific and purely temporary in nature. The details of documents to be submitted along with the application are as follows:-
1) Retirement Notice.
2) Pay Slip of last pay drawn.
3) Copy of 1st page of Service Book.
4) Self-Declaration that no disciplinary/Vigilance/Criminal case is pending in his/her name.
5) ID proof.
6) Details of work experience as Town Planner/Planning Member.
IDCO reserves the right to dis-engage at any time without assigning any reason thereof.
IDCO reserves the right to accept/reject any application without assigning any reason thereof.
The same can be seen from our website **http://www.idco.in**.

**Sd/-**
**Chief General Manager (P&A)**



“ ପାକିସ୍ତାନ କ୍ରିକେଟ ବୋର୍ଡ ଦକ୍ଷିଣ ଆଫ୍ରିକାରୁ ସର୍ଫରାଜ ଅହମ୍ମଦଙ୍କୁ ଫେରାଇ ନ ଆଣି ଅନ୍ତିମ ଟି୨୦ରେ ଖେଳାଇବା ଉଚିତ ଥିଲା ।

–ଓ୍ୱାସିମ ଆକ୍ରମ, ପୂର୍ବତନ ପାକିସ୍ତାନ କ୍ରିକେଟର



“ ବିରାଟ କୋହଲି ଜଣେ ଅସାଧାରଣ ଖେଳାଳି । ଭବିଷ୍ୟତରେ ଭାରତୀୟ ଅଧିନାୟକଙ୍କୁ ଆଉଟ କରିବା ମୋର ଲକ୍ଷ୍ୟ।

–ଟମ୍ କୁରାନ, ଇଂଲଣ୍ଡର ଯୁବ ଫାଷ୍ଟ ବୋଲର

## ସଂକ୍ଷେପରେ

### ମହିଳା ଟି୨୦ ବିଶ୍ୱକପ୍ ଭାରତ ପ୍ରଥମେ ଅଷ୍ଟ୍ରେଲିଆକୁ ଭେଟିବ

**ଦୁବାଇ, ୨୯।୧ (ପି.ଟି.):** ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ପକ୍ଷରୁ ମଙ୍ଗଳବାର ଆସନ୍ତାବର୍ଷ ହେବାକୁଥିବା ଆଇସିସି ମହିଳା ଟି୨୦ ବିଶ୍ୱକପ୍ ଲାଗି କାର୍ଯ୍ୟସୂଚୀ ଘୋଷଣା କରାଯାଇଛି। ଏହି ଟୁର୍ନାମେଣ୍ଟ ଅଷ୍ଟ୍ରେଲିଆରେ ଫେବୃୟାରୀ ୨୧ରୁ ମାର୍ଚ୍ଚ ୮ପର୍ଯ୍ୟନ୍ତ ଖେଳାଯିବ। ମ୍ୟାଚଗୁଡ଼ିକ ସିଡ୍‌ନୀ, କାନବେରା, ପର୍ଥ ଓ ମେଲବୋର୍ନଠାରେ ଖେଳାଯିବ। ଏହାପୂର୍ବରୁ ୱାର୍ମଅପ୍ ମ୍ୟାଚଗୁଡ଼ିକ ଫେବୃୟାରୀ ୧୫ରୁ ୨୦ ଆଡିଲେଡ୍ ଓ ବ୍ରିସବେନଠାରେ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ଭାରତ ଫେବୃୟାରୀ ୨୧ରେ ଏହାର ଉଦ୍‌ଘାଟନୀ ମ୍ୟାଚ ସିଡ୍‌ନୀରେ ଗତଥରର ଚାମ୍ପିୟନ ଅଷ୍ଟ୍ରେଲିଆକୁ ଭେଟିବ। ଘରୋଇ ଦଳ ବିପକ୍ଷ ମ୍ୟାଚ ପରେ ଭାରତୀୟ ମହିଳା କ୍ରିକେଟ ଦଳ ପର୍ଥ ଗସ୍ତ କରିବ। ସେଠାରେ ଫେବୃୟାରୀ ୨୪ରେ ଏକ କ୍ୱାଲିଫାୟର ଟିମ୍ ସହିତ ମୁକାବିଲା କରିବ। ପରେ ମେଲବୋର୍ନଠାରେ ଫେବୃୟାରୀ ୨୭ରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଖେଳିବ। ଏହି ଭେନ୍ୟୁରେ ଶ୍ରୀଲଙ୍କା ବିପକ୍ଷରେ ଖେଳି ଭାରତ ଏହାର ରାଉଣ୍ଡ ରବିନ ପର୍ଯ୍ୟାୟ ଶେଷ କରିବ। ସେମିଫାଇନାଲ ମ୍ୟାଚ ଦୁଇଟି ମାର୍ଚ୍ଚ ୫ରେ ସିଡ୍‌ନୀଠାରେ ଖେଳାଯିବାକୁ ଥିବାବେଳେ ଟାଇଟଲ ମୁକାବିଲା ମାର୍ଚ୍ଚ ୮ରେ ମେଲବୋର୍ନଠାରେ ଖେଳାଯିବାର କାର୍ଯ୍ୟକ୍ରମ ରହିଛି।

### ଗ୍ରୀନ୍ସ ଏକାଡେମୀ ବିଜୟୀ




**ଭୁବନେଶ୍ୱର, ୨୯।୧(ସ୍ପୋର୍ଟ୍ସ ବ୍ୟୁରୋ):** ପ୍ରଗତି ସ୍ପୋର୍ଟିଂ ଆନୁକୂଲ୍ୟରେ ଚାଲିଥିବା ଭୁବନେଶ୍ୱର ଲିଟିଲ୍ ଷ୍ଟାରର୍ସ କ୍ରିକେଟ ଲିଗ୍‌ରେ ମଙ୍ଗଳବାର ଖେଳାଯାଇଥିବା ମ୍ୟାଚ୍‌ରେ ଗ୍ରୀନ୍ସ ଏକାଡେମୀ ବିଜୟ ଲାଭ କରିଛି। ଗ୍ରୀନ୍ସ ଏକାଡେମୀ ୯୯ ରନରେ ବିବିସିଏକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ଗ୍ରୀନ୍ସ ନିର୍ଦ୍ଧାରିତ ୪୦ ଓଭରରେ ୯ ଉଇକେଟ୍ ହରାଇ ୧୭୪ ରନ କରିଥିଲା। ଦଳ ପକ୍ଷରୁ ଆୟୁଷ ଚାନ୍ଦ (୫୨ ରନ) ଓ ମୃତ୍ୟୁଞ୍ଜୟ ମହାପାତ୍ର (୫୬) ଅର୍ଦ୍ଧଶତକୀୟ ଇନିଂସ ଖେଳିଥିଲେ। ବିବିସିଏ ପକ୍ଷରୁ ଛଗନ୍ ସର୍ବାଧିକ ୨ଟି ଉଇକେଟ୍ ଅକ୍ତିଆର କରିଥିଲେ। ଜବାବରେ ବିବିସିଏ ୨୮.୫ ଓଭରରେ ମାତ୍ର ୭୫ ରନ କରି ସମସ୍ତ ଉଇକେଟ୍ ହରାଇଥିଲା। ବିଜୟୀ ଦଳ ପକ୍ଷରୁ ଅଭିଜିତ୍ ମହାନ୍ତିଙ୍କୁ ୩ଟି ଉଇକେଟ୍ ମିଳିଥିଲା। ମୃତ୍ୟୁଞ୍ଜୟଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ବୁଧବାର ଆୟୋଜକ ପ୍ରଗତି ସ୍ପୋର୍ଟିଂ ଓ ଓସ୍କାର ସ୍ପୋର୍ଟିଂ ମଧ୍ୟରେ ମ୍ୟାଚ୍ ଖେଳାଯିବ।

### ମହାନଦୀ କ୍ରିକେଟ ଲିଗ୍ ଜିତିଲା ହାପି ଏକାଦଶ

**କଟକ ଅଫିସ, ୨୯।୧:** ନିମପୁର ସ୍ପୋର୍ଟ୍ସ କମ୍ପ୍ଲେକ୍ସ ପରିସରରେ ଜିଲାସ୍ତରୀୟ ମହାନଦୀ କ୍ରିକେଟ ଲିଗ୍ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ୍‌ରେ ଯୋବ୍ରାର ହାପି ଏକାଦଶ ୭ ରନ୍‌ରେ ଏଲ୍‌ଏନ୍‌ସିସି ବାଲିସାହି ଦଳକୁ ହରାଇ ଚାମ୍ପିୟନ ହୋଇଛି। ହାପି ଏକାଦଶ ପ୍ରଥମେ ବ୍ୟାଟିଂ କରି ୬୩ ରନ୍ ସଂଗ୍ରହ କରିଥିବାବେଳେ ଏଲ୍‌ଏନ୍‌ସିସି ବାଲିସାହି ଦଳ ୫୬ ରନ୍ କରିବାକୁ ସକ୍ଷମ ହୋଇଥିଲା। ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ଚୌଦ୍ୱାର-କଟକ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଚାମ୍ପିୟନ୍ ଦଳକୁ ଟ୍ରଫି ସହ ୩୦ ହଜାର ଟଙ୍କା, ରନର୍ସଅପ୍ ଦଳକୁ ଟ୍ରଫି ସହ ୨୦ ହଜାର ଟଙ୍କା ପ୍ରଦାନ କରାଯାଇଛି। ଏହି ପ୍ରତିଯୋଗିତାକୁ ମହାନଦୀ କ୍ରିକେଟ ଲିଗ୍ ସଭାପତି ପ୍ରଦୀପ ପରିଡ଼ା, ସମ୍ପାଦକ ରାକେଶ ଦଳାଇ, ତୃପ୍ତି ବିଶୋଇ, ରାଜୀବ ରାଉତ, ରାହୁଲ କୁମାର ସିଂହ, ସରୋଜ ସାହୁ, ସଞ୍ଜୟ ଜେନା ପ୍ରମୁଖ ପରିଚାଳନା କରିଥିଲେ। ପ୍ରଥମ ଦିନରୁ ପ୍ରତିଯୋଗିତାକୁ ପ୍ରଶ୍ମାକୁମାରୀ ନାୟକ ଓ ବରିଷ୍ଠ ଆଇନଜୀବୀ ପୀତାମ୍ବର ଆଚାର୍ଯ୍ୟ ଉଦ୍‌ଘାଟନ କରିଥିଲେ।

# ସିରିଜ ଜିତାଇଲେ ମନ୍ଧାନା, ମିଥାଲି

## ମହିଳା ଦିନିକିଆ କ୍ରିକେଟ୍

**ମାଉଣ୍ଟ ମାଉଁଗାନୁଇ, ୨୯।୧(ପି.ଟି.)**

ଓପନର୍ ସ୍ମୃତି ମନ୍ଧାନାଙ୍କ ଅପରାଜିତ ଅର୍ଦ୍ଧଶତକୀୟ ଇନିଂସ ବଳରେ ଭାରତୀୟ ମହିଳା କ୍ରିକେଟ ଟିମ୍ ମଙ୍ଗଳବାର ଏଠାରେ ଖେଳାଯାଇଥିବା ୨ୟ ଦିନିକିଆ ମ୍ୟାଚ୍‌ରେ ଘରୋଇ ନ୍ୟୁଜିଲାଣ୍ଡକୁ ୮ ଉଇକେଟ୍‌ରେ ପରାସ୍ତ କରିଛି। ନ୍ୟୁଜିଲାଣ୍ଡ ମହିଳା ଟିମ୍ ପକ୍ଷରୁ ଧାର୍ଯ୍ୟ ୧୬୨ ରନର ଟାର୍ଗେଟ୍‌କୁ ଭାରତ ୮୮ ବଲ୍ ପୂର୍ବରୁ ୨ ଉଇକେଟ୍ ହରାଇ ହାସଲ କରିନେଇଥିଲା। ଏହି ବିଜୟ ସହ ଭାରତୀୟ ମହିଳା କ୍ରିକେଟ୍ ଟିମ୍ ୩ ମ୍ୟାଚ୍‌ବିଶିଷ୍ଟ ଦିନିକିଆ ସିରିଜକୁ ୨–୦ରେ ଆଗୁଆ କବ୍‌ଜା କରିନେଇଛି। ପୂର୍ବରୁ ସିରିଜର ପ୍ରଥମ ମ୍ୟାଚ୍‌କୁ ଭାରତ ୯ ଉଇକେଟ୍‌ର ବୃହତ୍ ବ୍ୟବଧାନରେ ବିଜୟ ଲାଭ କରିଥିଲା। ସିରିଜର ଅନ୍ତିମ ତଥା ୩ୟ ମ୍ୟାଚ୍ ଶୁକ୍ରବାର ହାମିଲଟନ୍‌ରେ ଅନୁଷ୍ଠିତ ହେବ। ଏହାପରେ ଦୁଇଦେଶ ମଧ୍ୟରେ ୩ ମ୍ୟାଚ୍‌ବିଶିଷ୍ଟ ଟି୨୦ ସିରିଜ ଫେବୃୟାରୀ ୬ରୁ ଆରମ୍ଭ ହେବ।

ସ୍ଥାନୀୟ ବେ ଓଭାଲ ଗ୍ରାଉଣ୍ଡରେ ଖେଳାଯାଇଥିବା ଏହି ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ଟସ୍ ଜିତି ଭାରତୀୟ ଅଧିନାୟିକା ମିଥାଲି ରାଜ ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ଜବାବରେ ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ଘରୋଇ କିୱି ଦଳ ନିର୍ଦ୍ଧାରିତ ବ୍ୟବଧାନରେ ଉଇକେଟ୍ ହରାଇ ୪୪.୨ ଓଭରରେ ୧୬୧ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଅଧିନାୟିକା ଆମି ସାଟରର୍ଥୱେଟ୍ (୭୧)ଙ୍କୁ ଛାଡ଼ିଦେଲେ ଅନ୍ୟକୌଣସି ଖେଳାଳି ବଡ଼ ସ୍କୋର କରିପାରି ନ ଥିଲେ। ଭାରତ ପକ୍ଷରୁ ଅଭିଜ୍ଞ ଝୁଲଣ ଗୋସ୍ୱାମୀ ସର୍ବାଧିକ ୩ଟି ଏବଂ ଏକତା ବିସ୍ତ, ଦୀପ୍ତି ଶର୍ମା ଓ ପୁନମ ଯାଦବ ୨ଟି ଲେଖାଏ ଉଇକେଟ୍ ଦଖଲ କରିଥିଲେ। ଜବାବରେ ୧୬୨ ରନର ଟାର୍ଗେଟ୍‌କୁ ପିଛା କରିଥିବା ଭାରତ ପ୍ରାରମ୍ଭରୁ ଓପନର୍ ଜେମିମା ରୋଡ୍ରିଗୁଏଜ (୦) ଓ ଦୀପ୍ତି ଶର୍ମା (୮)ଙ୍କ ଉଇକେଟ୍ ହରାଇ ସଙ୍କଟରେ ପଡ଼ିଥିଲା। ତେବେ ଫର୍ମରେ ଥିବା ଅନ୍ୟତମ ଓପନର୍ ମନ୍ଧାନା (୯୦ ରନ, ୮୩ ବଲ, ୧୩ ଚୌକା, ୧ ଛକା) ଓ ଅଧିନାୟିକା ମିଥାଲି (୬୩ ରନ, ୧୧୧ ବଲ୍, ୪ ଚୌକା, ୨ ଛକା)ଙ୍କ ଅପରାଜିତ ଅର୍ଦ୍ଧଶତକ ହାସଲ କରି ଦଳକୁ ଆଉ କୌଣସି କ୍ଷତି ହେବାକୁ ନ ଦେଇ ୮ ଉଇକେଟ୍‌ରେ ଜିତାଇଥିଲେ। ଅସମାପ୍ତ ୩ୟ ଉଇକେଟ୍ ଯୋଡ଼ିରେ ଉଭୟ ୧୫୧ ରନର ପାର୍ଟନରଶିପ୍ କରିଥିଲେ। ଫର୍ମରେ ଥିବା ୨୨ ବର୍ଷୀୟା ମନ୍ଧାନା ଏଥିପୂର୍ବରୁ ପ୍ରଥମ ମ୍ୟାଚ୍‌ରେ ୧୧୫ ରନର ଏକ ମାରାଥନ ଶତକୀୟ ଇନିଂସ ଖେଳିଥିଲେ। ନିଜର ଶେଷ ୧୦ ଦିନିକିଆରୁ ମନ୍ଧାନାଙ୍କ ଏହା ୮ମ ଅର୍ଦ୍ଧଶତକ ଥିଲା।



ଅର୍ଦ୍ଧଶତକୀୟ ଇନିଂସ ଅବସରରେ ମିଥାଲି ରାଜ।

**ସଂକ୍ଷିପ୍ତ ସ୍କୋର**

ନ୍ୟୁଜିଲାଣ୍ଡ ମହିଳା ଟିମ୍- ୧୬୧ରେ ଅଲ୍‌ଆଉଟ୍, ୪୪.୨ ଓଭର (ଆମି ୭୧, ଲେଇଗ କାସପର୍କ ୨୧, ଝୁଲଣ ୩/୨୩)।
ଭାରତୀୟ ମହିଳା ଟିମ୍- ୧୬୬/୨, ୩୫.୨ ଓଭର (ମନ୍ଧାନା ୯୦*, ମିଥାଲି ୬୩*, ଲି ତାହୁହୁ ୧/୧୬)।

## ଆନ୍ତଃଜିଲା ବିମ୍ବାଧର ସାହୁ ମେମୋରିଆଲ କ୍ରିକେଟ

# ସେମିରେ ସୂର୍ଯ୍ୟଶିଖା




ଅଜୟ ରାଉତ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

**ଭଣ୍ଡାରିପୋଖରୀ, ୨୯।୧(ଡି.ଏନ.ଏ.)**

ଭଣ୍ଡାରିପୋଖରୀ ବ୍ଲକ ମଞ୍ଜୁରିରୋଡ ଡାକ୍ତରଖାନା ଖେଳପଡିଆରେ ଚାଲିଥିବା ଆନ୍ତଃଜିଲା ବିମ୍ବାଧର ସାହୁ ମେମୋରିଆଲ ଟୁର୍ନାମେଣ୍ଟର ଚତୁର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚରେ କଟକର ନିମପୁର ସ୍ପୋର୍ଟିଂକୁ ହରାଇ ଭଦ୍ରକର ସୂର୍ଯ୍ୟଶିଖା କ୍ଲବ ସେମିଫାଇନାଲରେ ପ୍ରବେଶ କରିଛି। ସୂର୍ଯ୍ୟଶିଖା କ୍ଲବ ଟସ୍ ଜିତି ବ୍ୟାଟିଂ କରିବାର ନିଷ୍ପତ୍ତି ନେଇ ୨୫ ଓଭରରେ ୧୬୪ ରନ ସଂଗ୍ରହ କରି ଅଲଆଉଟ ହୋଇଥିଲା। ଜିତିବା ପାଇଁ ୧୬୫ ରନର ପିଛା କରି ନିମପୁର ସ୍ପୋର୍ଟିଂ ୨୫ ଓଭରରେ ୯ ଉଇକେଟ ହରାଇ ୧୬୩ ରନ କରି ପରାଜୟ ହୋଇଥିଲା। ମ୍ୟାନ ଅଫ ଦି ମ୍ୟାଚ ଭାବେ ନିମପୁର ସ୍ପୋର୍ଟିଂ ଅଧିନାୟକ ଅଜୟ ରାଉତଙ୍କୁ ପୁରସ୍କୃତ କରାଯାଇଥିଲା। ସଞ୍ଜୟ ଜେନା, କାଳନ୍ଦୀ ପଣ୍ଡା ଅମ୍ପାୟର ଦାୟିତ୍ୱ ତୁଲାଇଥିବା ବେଳେ ସୂର୍ଯ୍ୟକାନ୍ତ ଭାରତୀ ରେଫରୀ ଥିଲେ। ନାରାୟଣ ଜେନା, ବିଶ୍ୱରଞ୍ଜନ ଜେନା ସ୍କୋରର, ଚନ୍ଦନ ନନ୍ଦ, ପ୍ରିୟବ୍ରତ ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ। ଧବଳେଶ୍ୱର ପାଣିପଞ୍ଚାୟତ ସଭାପତି ଗୌରାଙ୍ଗ ଚରଣ ଜେନା ମ୍ୟାନ ଅଫ ଦି ମ୍ୟାଚ ଅଜୟ ରାଉତଙ୍କୁ ପୁରସ୍କୃତ କରିଥିଲେ। ବୁଧବାର ଟୁର୍ନାମେଣ୍ଟର ୨ୟ ସେମିଫାଇନାଲ ମ୍ୟାଚ କଟକର ୟୁନିୟନ ସ୍ପୋର୍ଟିଂ ସହିତ ଭଦ୍ରକର ସୂର୍ଯ୍ୟଶିଖା କ୍ଲବ ମଧ୍ୟରେ ମୁକାବିଲା ହେବ।

## ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ ନିର୍ବାଚନ

# ସଭାପତି ପଦବୀ ପାଇଁ ୩ ଆଶାୟୀ

**କଟକ ଅଫିସ,୨୯।୧:** ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ (ଏଓସିଏ)ର କର୍ମକର୍ତ୍ତା ନିର୍ବାଚନ ପାଇଁ ପ୍ରାର୍ଥୀପତ୍ର ଦାଖଲ ଓ ଯାଞ୍ଚ ପ୍ରକ୍ରିୟା ମଙ୍ଗଳବାର ଶେଷ ହୋଇଛି । ବୁଧବାର ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ଦିବସ । ସଭାପତି ପଦବୀ ନିମନ୍ତେ ୩ଜଣ ପ୍ରାର୍ଥୀ ଆଶାୟୀ ରହିଥିବାବେଳେ ଏମାନଙ୍କ ମଧ୍ୟରେ ରହିଛନ୍ତି କଟକ-ବାରବାଟୀ ବିଧାୟକ ଦେବାଶିଷ ସାମନ୍ତରାୟ। ଅନ୍ୟ ଦୁଇଜଣ ଆଶାୟୀ ପ୍ରାର୍ଥୀ ହେଲେ ଦେବାଶିଷ ଚକ୍ରବର୍ତ୍ତୀ ଓ ବିଶ୍ୱଜିତ ରାୟ । ବିଧାୟକ ସାମନ୍ତରାୟ ପୂର୍ବରୁ ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା(ଫାଓ)ର ସଭାପତି ମଧ୍ୟ ରହିଛନ୍ତି। ବିଧାୟକଙ୍କ ପ୍ରାର୍ଥୀତ୍ୱକୁ କଟକ ଜିଲା ଚେସ ସଂଘ ସମେତ ଏଓସିଏର କେତେକ ବରିଷ୍ଠ କର୍ମକର୍ତ୍ତା ବିରୋଧ କରୁଛନ୍ତି। ରାଜନୈତିକ ବ୍ୟକ୍ତି ହେବା ସହ ଦୁଇ ଦୁଇଟି ରାଜ୍ୟ କ୍ରୀଡ଼ା ସଂଘର ସଭାପତି ହେବା ଅସାମ୍ବିଧାନିକ ବୋଲି ଅଭିଯୋଗ ହୋଇଛି। ବିଧାୟକ ସାମନ୍ତରାୟଙ୍କ କହିବା ଅନୁସାରେ “ରାଜ୍ୟରେ ଚେସ ଖେଳର ଉନ୍ନତି ହେଉଛି। ଆଗାମୀ ଦିନରେ ଏହି ଧାରା କିପରି ବଜାୟ ରହିବ ସେ ଦିଗରେ ଚେଷ୍ଟା ହେବା ଉଚିତ । ପ୍ରାର୍ଥୀତ୍ୱ ନେଇ ଅଭିଯୋଗ ହେବା ଖବର ମୋ ପାଖରେ ନାହିଁ” । ପ୍ରକାଶ ଯୋଗ୍ୟ ଯେ, ଫେବୃୟାରୀ ୩ ତାରିଖରେ ହେବାକୁ ଥିବା ଏହି ନିର୍ବାଚନ ନିମନ୍ତେ ଗତ ୧୩ ତାରିଖରେ ବିଧିବଦ୍ଧ ଘୋଷଣା ହୋଇଥିଲା । ଏଓସିଏ ସହ ଅନୁବନ୍ଧିତ ୧୬ଟି ଜିଲା ନିର୍ବାଚନରେ ଅଂଶ ଗ୍ରହଣ କରିବେ। ଉପସଭାପତି, ସମ୍ପାଦକ ଓ ଯୁଗ୍ମ ସମ୍ପାଦକ ପଦବୀ ନିମନ୍ତେ ଦୁଇଜଣ ଲେଖାଏ ଆଶାୟୀ ପ୍ରାର୍ଥୀ ରହିଛନ୍ତି । ସମ୍ପାଦକ ପଦବୀ ନିମନ୍ତେ ଦେବବ୍ରତ ଭଞ୍ଜ, ଆଶିଷ କୁମାର ମହାନ୍ତି, ଉପସଭାପତି ପଦବୀ ନିମନ୍ତେ ସୁଭାଶିଷ ପଟ୍ଟନାୟକ, ଆର. ମହାନ୍ତି, ଯୁଗ୍ମ ସମ୍ପାଦକ ପଦବୀ ନିମନ୍ତେ ସୁରେଶ ଚନ୍ଦ୍ର ସାହୁ, ବିଧୂଭୂଷଣ ମିଶ୍ର ପ୍ରାର୍ଥୀପତ୍ର ଦାଖଲ କରିଥିବା ଜଣାପଡ଼ିଛି । କୋଷାଧ୍ୟକ୍ଷ ନିମନ୍ତେ କେବଳ ଶଙ୍କର ପ୍ରସାଦ ମିଶ୍ର ଚୂଡ଼ାନ୍ତ ପ୍ରାର୍ଥୀ ତାଲିକାରେ ରହିଛନ୍ତି। ନିର୍ବାଚନକୁ ଶୃଙ୍ଖଳିତ ଭାବେ ସମାପନ କରାଯିବ ବୋଲି ନିର୍ବାଚନ ଅଧିକାରୀ ଶ୍ରୀହର୍ଷ ପ୍ରଧାନ କହିଛନ୍ତି।

## ଜାତୀୟ ସିନିୟର ସ୍ନୁକର ଆଜିଠାରୁ

# ଆକାଶ, ସୁବ୍ରତ, ରାକେଶ, ଆଶୁତୋଷ ଭାଗନେବେ

**ଭୁବନେଶ୍ୱର, ୨୯।୧(କ୍ରୀଡ଼ା ପ୍ରତିନିଧି):** ଇନ୍ଦୋରଠାରେ ଜାତୀୟ ସିନିୟର ସ୍ନୁକର ଚାମ୍ପିୟନଶିପ୍ ବୁଧବାରଠାରୁ ଆରମ୍ଭ ହେବ। ଏଥିରେ ଓଡ଼ିଶାର ୩ ଜଣ ଶୀର୍ଷ ସିଡେଡ ଖେଳାଳି ଆକାଶ ମହାପାତ୍ର, ସୁବ୍ରତ ଦାସ ଓ ଡ. ରାକେଶ ରୋଶନ ପ୍ରଧାନ ଅଂଶଗ୍ରହଣ କରିବେ। ଏଥିରେ ଭାରତର ବିଭିନ୍ନ ଭାଗରୁ ୧୪୪ ପ୍ରତିଯୋଗୀ ଭାଗନେବେ। ଓଡ଼ିଶା କ୍ୟୁ ସ୍ପୋର୍ଟ୍ସର ଯୁବରାଜ ଭାବେ ବିବେଚିତ ଆଶୁତୋଷ ପାଢ଼ୀ ସିଧାସଳଖ ରାଉଣ୍ଡ ଅଫ୍ ୬୪ରେ ଅଂଶଗ୍ରହଣ କରିବେ। ଏହି ପ୍ରତିଯୋଗିତା ପୂର୍ବରୁ ଅନୁଷ୍ଠିତ ସିନିୟର ବିଲିୟାର୍ଡ୍ସ କାଟେଗୋରିରେ ଓଡ଼ିଶାର କୁନାଲ ଅଗ୍ରୱାଲ ଓ ରାକେଶ ପରାସ୍ତ ହୋଇଛନ୍ତି। ମୁଖ୍ୟ ଡ୍ର ଲିଗ୍‌ରେ କୁନାଲ ଗୋଟିଏ ଗେମ୍ ଜିତିଥିବାବେଳେ ୨ଟିରେ ପରାଜିତ ହୋଇଥିଲେ। ଅନ୍ୟପକ୍ଷରେ ରାକେଶ ୩ଟି ଯାକ ମ୍ୟାଚ ଜିତି ବିଦାୟ ନେଇଛନ୍ତି।

# ନନ୍‌ଷ୍ଟପ୍ ସ୍କେଟିଂ: ବ୍ରହ୍ମପୁରର ୮ ସ୍କେଟର୍‌ଙ୍କୁ ସ୍ୱର୍ଣ୍ଣ



ପରିବାରବର୍ଗଙ୍କ ଗହଣରେ ସଫଳ ସ୍କେଟର୍‌ମାନେ ।

**ବ୍ରହ୍ମପୁର ଅଫିସ୍, ୨୯।୧:** ବ୍ରହ୍ମପୁରର ସିଟି ରୋଲର୍ ସ୍କେଟିଂ ଏକାଡେମିର ସ୍କେଟର୍‌ମାନେ ପୁଣି ଥରେ ସଫଳତା ଅର୍ଜନ କରିଛନ୍ତି। ଦୁଇଟି ଇଭେଣ୍ଟ୍‌ରେ ନିଜର ପ୍ରତିଭା ଦେଖାଇ ଉଚ୍ଚ ପ୍ରଶଂସିତ ହୋଇଛନ୍ତି। ଜାନୁୟାରୀ ୨୬ତାରିଖରେ ମହାରାଷ୍ଟ୍ରର ନାଗପୁରରେ ବିଶ୍ୱ ରେକର୍ଡ଼ ଇଣ୍ଡିଆ ଇଭେଣ୍ଟ୍ ଅନୁଷ୍ଠିତ ହୋଇଥିଲା । ଏକକାଳୀନ ସର୍ବାଧିକ ଜାଗାରେ, ସର୍ବାଧିକ ସ୍କେଟର୍‌ମାନେ ସ୍କେଟିଂ ପ୍ରଦର୍ଶନ କରିବାରେ ବିଶ୍ୱରେକର୍ଡ଼ ସୃଷ୍ଟି କରିଥିଲେ। ଏଥିରେ ବ୍ରହ୍ମପୁରର ୮ ସ୍କେଟର୍ ଭାଗ ନେଇଥିଲେ। ବିଶ୍ୱ ରେକର୍ଡ଼ରେ ନିଜ ସ୍ଥାନ ଲିପିବଦ୍ଧ କରିଛନ୍ତି । ଏହି ସ୍କେଟର୍‌ମାନେ ଗତ ୨୭ ତାରିଖରେ ନାଗପୁରରେ ହିଁ ଲଗାତର ୮ଘଣ୍ଟା ନନ୍‌ଷ୍ଟପ୍ ସ୍କେଟିଂ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଅପରାହ୍ନ ଗୋଟାଏରୁ ରାତ୍ର ୯ଟା ପର୍ଯ୍ୟନ୍ତ ଲଗାତର ସ୍କେଟିଂ ପ୍ରଦର୍ଶନ କରାଯାଇଥିଲା । ଏଥିରେ ବ୍ରହ୍ମପୁରର ସମସ୍ତ ୮ ସ୍କେଟର୍ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେମାନେ ହେଲେ ଅନିକେତ ପାତ୍ର, ନିତେଶ କୁମାର ବେହେରା, ଶିବ ଶଙ୍କର ରେଡ୍ଡୀ, ବିଦ୍ୟାରାଣୀ ମୁଣ୍ଡା, ପି.ସାଇ ଶୁଭଙ୍କର, ଶୁଭମ୍ ପାଣିଗ୍ରାହୀ, ଏସ୍.ସଦ୍‌ଗୁଣ ଏବଂ ପୋଲାକି ସ୍ୱରୂପ । ଏମାନଙ୍କ ମଧ୍ୟରେ ଶିବ ଶଙ୍କରଙ୍କୁ ଶ୍ରେଷ୍ଠ ସ୍କେଟର୍ ପୁରସ୍କାର ମିଳିଛି। ଦଳ ସହ କୋଚ୍ ରମେଶ ମଧ୍ୟ ନାଗପୁର ଯାତ୍ରା କରିଥିଲେ। ସେ ବିଶ୍ୱରେକର୍ଡ଼ ଇଭେଣ୍ଟ୍‌ରେ ଭାଗ ନେଇଥିଲେ। ମଙ୍ଗଳବାର ଅପରାହ୍ନରେ କୋଚ୍ ରମେଶ ଏବଂ ସ୍କେଟର୍‌ମାନେ ବ୍ରହ୍ମପୁର ଷ୍ଟେଶନ୍‌ରେ ପହଞ୍ଚିଥିଲେ। ସ୍କେଟର୍‌ଙ୍କ ପରିବାରଙ୍କ ତରଫରୁ ସେମାନଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଦିଆଯାଇଥିଲା। ବିଶ୍ୱ ରେକର୍ଡ଼ରେ ଭାଗନେବା ସହ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ଯୋଗୁ ଖେଳାଳିମାନେ ଖୁସି ବ୍ୟକ୍ତ କରିଥିଲେ। ଆଗାମୀ ଦିନରେ ମଧ୍ୟ ଏହି ସଫଳତା ଜାରି ରହିବ ବୋଲି କୋଚ୍ ରମେଶ ପ୍ରକାଶ କରିଛନ୍ତି।

## ସର୍ବଭାରତୀୟ ଲାଲମନି କ୍ରିକେଟ୍

# ଫାଇନାଲରେ ଇଷ୍ଟକୋଷ୍ଟ ରେଲୱେ

**ସୋନପୁର,୨୯।୧(ନି.ପ୍ର.)**

ସ୍ଥାନୀୟ ଗାନ୍ଧୀ ପଡିଆରେ ଚାଲିଥିବା ସର୍ବଭାରତୀୟ ଲାଲମନି କ୍ରିକେଟ ଟୁର୍ନାମେଣ୍ଟରେ ଇଷ୍ଟକୋଷ୍ଟ ରେଲୱେ (ଖୋର୍ଦ୍ଧା) ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି। ମଙ୍ଗଳବାର ଅନୁଷ୍ଠିତ ସେମିଫାଇନାଲ ମ୍ୟାଚ୍‌ରେ ଖୋର୍ଦ୍ଧା ରେଲୱେ ୪୨ ରନରେ ବ୍ଲୁ ଡାଇମଣ୍ଡ ବରଗଡକୁ ହରାଇ ଫାଇନାଲକୁ ଉଠିଛି। ଟସ୍ ଜିତି ଖୋର୍ଦ୍ଧା ଦଳ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଦଳ କାମେଶ୍ୱର ବାରିକଙ୍କ ୨୭ ବଲରୁ ୩୫ ରନ, ଅଭିଷେକ ଯାଦବଙ୍କ ୨୪ ବଲରୁ ୨୭ ରନ, ଅଙ୍କିତ ଯାଦବଙ୍କ ୧୬ ବଲରୁ ୧୫ ରନ ଓ ପ୍ରଶାନ୍ତ ସାହୁଙ୍କ ୧୧ ବଲରୁ ୧୨ରନ ସହାୟତାରେ ଟି/୨୦ ମ୍ୟାଚ୍‌ରେ ୧୩୦ ରନ ସଂଗ୍ରହ କରିଥିଲା। ବରଗଡର ପରଦେଶୀ ନିଶାଦ, ସୟଦ ଜାକି ଓ ଆର. କେ. ସିଂହ ପ୍ରତ୍ୟେକ ୨ଟି ଲେଖାଏ ଓ ବାଦଲ ଭୋଳ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ବରଗଡ ଦଳ ମାତ୍ର ୯୯ ରନ ସଂଗ୍ରହ କରିବାକୁ ସମର୍ଥ ହୋଇଥିଲା। ଦଳ ପକ୍ଷରୁ ମହମ୍ମଦ ୱାସିମ ୨୬ବଲରୁ ୨୭ରନ, ହରଜିତ ସିଂହ ୨୭ ବଲରୁ ୧୮ ରନ, ବାଦଲ ଭୋଳ ୮ ବଲରୁ ୧୬ ରନ ଓ ସୟଦ ଜାକି ୯ ବଲରୁ ୧୩ ରନ ସଂଗ୍ରହ କରିଥିଲେ। ଖୋର୍ଦ୍ଧା ରେଲୱେ ତରଫରୁ ଲଗ୍ନଜିତ ସାମଲ ୩ଟି, ସୂର୍ଯ୍ୟକାନ୍ତ ପ୍ରଧାନ ଓ ଜୟନ୍ତ ବେହେରା ପ୍ରତ୍ୟେକ ୨ଟି ଓ ପ୍ରଶାନ୍ତ ସାହୁ ଏବଂ ଆଲୋକ ମଙ୍ଗରାଜ ଉଭୟ ଗୋଟିଏ ଲେଖାଏ ଉଇକେଟ୍ ଅକ୍ତିଆର କରିଥିଲେ। ଟୁର୍ନାମେଣ୍ଟ ଫର୍ମାଟ ନିୟମାନୁସାରେ ଖୋର୍ଦ୍ଧା ଦଳକୁ ବୋନସ ୬ ରନ ମିଳିଥିଲା।

ଟି୧୦ ମ୍ୟାଚ୍‌ରେ ଖୋର୍ଦ୍ଧା ଦଳ ଦର୍ଶନୀୟ ବ୍ୟାଟିଂ କରି ସମୀର ମହାନ୍ତିଙ୍କ ଧୂଆଁଧାର ୧୨ ବଲରୁ ୩୬ ରନ, ଅଭିଷେକ ଯାଦବଙ୍କ ୧୪ ବଲରୁ ୨୮ ରନ ଓ ପ୍ରଶାନ୍ତ ସାହୁଙ୍କ ଚିତ୍ତାକର୍ଷକ ୨୪ ବଲରୁ ୫୩ ରନ ସହାୟତାରେ ନିର୍ଦ୍ଧାରିତ ୧୦ ଓଭରରେ ୬ ଉଇକେଟ ବିନିମୟରେ ୧୩୯ ରନ ସଂଗ୍ରହ କରିଥିଲା । ଏବଂ ଟି୨୦ରେ ବୋନସ ୬ ରନକୁ ମିଶାଇ ସମୁଦାୟ ସଂଖ୍ୟା ୧୪୫ ରନ ହୋଇଥିଲା । ବରଗଡ ପକ୍ଷରୁ ସୟଦ ଜାକି ୨ଟି ଉଇକେଟ ଅକ୍ତିଆର କରିଥିଲେ । ଜବାବରେ ବରଗଡ ଦଳ ମାତ୍ର ୯୩ ରନରେ ସୀମିତ ରହିଥିଲା । ଦଳ ପକ୍ଷରୁ ବାଦଲ ଭୋଳ ୧୬ ବଲରୁ ୩୫ ରନ, ମଳୟ ହାତୀ ୨୧ ରନ ଓ ମହମ୍ମଦ ସାଲିମ ୧୪ ରନ ସଂଗ୍ରହ କରିଥିଲେ । ଖୋର୍ଦ୍ଧା ପକ୍ଷରୁ ଜୟନ୍ତ ବେହେରା ୨ଟି, ସୂର୍ଯ୍ୟକାନ୍ତ, ମଳୟ ଓ ଅଭିଷେକ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଟୁର୍ନାମେଣ୍ଟ ଫର୍ମାଟ ନିୟମାନୁସାରେ ଖୋର୍ଦ୍ଧା ଦଳ ୪୨ ରନରେ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଥିଲା। ଖୋର୍ଦ୍ଧା ଦଳର ଜୟନ୍ତ ବେହେରାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ନିର୍ମଳ ନେଗୀ ମ୍ୟାନ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ । ମ୍ୟାଚ୍ ପରିଚାଳନା କରିଥିଲେ ସମୀର ପାଣିଗ୍ରାହୀ ଓ ସତ୍ୟପ୍ରକାଶ ରଥ। ସ୍କୋରର ଥିଲେ ବିନୋଦ ପାତ୍ର। ଧାରା ବିବରଣୀ ପ୍ରଦାନ କରିଥିଲେ ପ୍ରଜ୍ଞା ପ୍ରିୟଦର୍ଶିନୀ ମିଶ୍ର, ଅଚ୍ୟୁତ ମିଶ୍ର, ପାର୍ଥ ଦାସ ଓ ବି ଏସ ରାଓ। ବୁଧବାର କରିମ୍ ସ୍ପୋର୍ଟ୍ସ ନାଗପୁର ଓ ହଲଦ୍ୱାନୀ କ୍ରିକେଟ୍ସ ଉତ୍ତରାଖଣ୍ଡ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ।




ଜୟନ୍ତ ବେହେରାଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଉଛି ।

# ବଲରାଜ କ୍ଲବ ଚାମ୍ପିୟନ

**ଭଦ୍ରକ ଅଫିସ,୨୯।୧**

ଭଦ୍ରକ ବ୍ଲକ ଆରଏନ ବେତରା ରାମନବମୀ ପଡ଼ିଆରେ ମହାବୀର କ୍ଲବ ଆନୁକୂଲ୍ୟରେ ଚାଲିଥିବା ୩୫ତମ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଭଞ୍ଜନଗରର ବଲରାଜ କ୍ଲବ ଆଦମପୁର ସ୍ପୋର୍ଟ୍ସ ଏକାଡ଼େମୀକୁ ଟାଇବ୍ରେକରରେ ପରାସ୍ତ କରି ଚାମ୍ପିୟନ ହୋଇଛି। ଏହି ଟୁର୍ନାମେଣ୍ଟରେ ମୋଟ ୮ଟି ଦଳ ଅଂଶଗ୍ରହଣ କରିଥିବାବେଳେ, ଅନୁଷ୍ଠିତ ଫାଇନାଲ ମ୍ୟାଚ ପ୍ରବଳ ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ହୋଇଥିଲା। ଖେଳର ଉଭୟାର୍ଦ୍ଧରେ କେହି କାହାକୁ ଗୋଲ ଦେଇ ପାରି ନ ଥିଲେ। ଫଳରେ ଟାଇବ୍ରେକର ପଦ୍ଧତିର ଆଶ୍ରୟ ନିଆଯାଇଥିଲା। ଏଥିରେ ଭଞ୍ଜନଗର ଦଳ ଆଦମପୁର ସ୍ପୋର୍ଟ୍ସ ଏକାଡ଼େମୀକୁ ୫–୨ଗୋଲରେ ପରାସ୍ତ କରି ଚାମ୍ପିୟନ ହୋଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପିସିସି ସମ୍ପାଦକ ଶୁଭେନ୍ଦୁ ରାୟମହାପାତ୍ର ଯୋଗଦେଇ ବିଜୟୀ ଦଳକୁ ଟ୍ରଫି ସହ ନଗଦ ୨୦ହଜାର ଓ ରନର୍ସଅପ ଦଳକୁ ଟ୍ରଫି ସହ ନଗଦ ୧୦ହଜାର ଟଙ୍କା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜୟ କୁମାର ଦାସ, ଶଶୀକାନ୍ତ ଦାସ, ଅଜୟ ଧଳ, ଅନ୍ୟତମ ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। କ୍ଲବର ସଦସ୍ୟ ଗୌରାଙ୍ଗ ପ୍ରଧାନ ଆଲୋକ ନାୟକ, କିଶୋର ବାରିକ, ଦୀପକ ମହାପାତ୍ର ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ। ଉତ୍ସବ ଶେଷରେ ହୃଷୀକେଶ ପାଣି ଧନ୍ୟବାଦ ଅର୍ପଣ କରିଥିଲେ।



ଅତିଥିଙ୍କ ସହ ଦୁଇ ଦଳର ଖେଳାଳିମାନେ।

ଧରିତ୍ରୀ
DHARITRI




## ସଂକ୍ଷେପରେ

### କାଠ ଜବତ, ୨ ଗିରଫ

**ଆନନ୍ଦପୁର/ଘସିପୁରା, ୨୯।୧(ସ୍ୱ.ପ୍ର.):** ଆନନ୍ଦପୁର ବନଖଣ୍ଡ ଅଧୀନ ବରାଙ୍ଗ ସଂରକ୍ଷିତ ଜଙ୍ଗଲରୁ ଶାଳକାଠ ଚୋରି କରି ନେଇ ଯାଉଥିବା ଦୁଇ ଜଣଙ୍କୁ ବନ କର୍ମଚାରୀ ନୂଆମାଳିଆଠାରୁ ଗିରଫ କରିଛନ୍ତି। ସେମାନେ ହେଲେ ନୂଆମାଳିଆ ଗ୍ରାମର ମଣ୍ଟୁ ମଲ୍ଲିକ(୩୧) ଏବଂ ଦିଲୀପ ପେରେଇ(୨୭)। ଅନ୍ଧାରର ସୁଯୋଗ ନେଇ ଲକ୍ଷ୍ମଣ ମଲ୍ଲିକ (୩୦) ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ସେମାନଙ୍କ ନିକଟରୁ ୩ ଗୋଟି ଶାଳବଲ୍ଲା ଓ ଗୋଟିଏ ଟାଙ୍ଗିଆ ଜବତ କରାଯାଇଛି। ଡିଏଫଓ ଅଜିତ୍ କୁମାର ଶତପଥୀଙ୍କ ନିର୍ଦ୍ଦେଶକ୍ରମେ ଏସିଏଫ ପ୍ରଫୁଲ୍ଲ ମଲ୍ଲିକ, ରେଞ୍ଜର ପ୍ରଶାନ୍ତ ସ୍ୱାଇଁ, ଫରେଷ୍ଟର ମଳୟ ସାହୁ, ଫରେଷ୍ଟଗାର୍ଡ଼ ଅବିନାଶ ପରିଡା, ଜ୍ୟୋତ୍ସ୍ନାମୟୀ ଜେନା ଓ ଜଙ୍ଗଲ ସୁରକ୍ଷାବାହିନୀ ପକ୍ଷରୁ ସାରଙ୍ଗଧର ମଲ୍ଲିକ, ଅଜୟ ଯେନା ପ୍ରମୁଖ ଚଢାଉରେ ସାମିଲ ହୋଇଥିଲେ।

## ଖୋଲାଥିଲା ଲେଭଲକ୍ରସିଂ ଫାଟକ

# ୧୦୦ମିଟର ଦୂରରେ ଅଟକିଲା ରାଜଧାନୀ ଏକ୍ସପ୍ରେସ୍

**ଜଳେଶ୍ୱର, ୨୯।୧(ଡି.ଏନ.ଏ.)**

ମଙ୍ଗଳବାର ମଧ୍ୟାହ୍ନ ୧୨ଟା ବେଳେ ଜଳେଶ୍ୱର-ବାଟଗ୍ରାମ ରେଳ ଲେଭଲକ୍ରସିଂଠାରେ ଏକ ଅଭାବନୀୟ ଘଟଣା ଘଟିଛି। ଶତାଧିକ ଲୋକ ଏକ ନିଶ୍ଚିତ ଦୁର୍ଘଟଣାରୁ ଅଳ୍ପେକ ବର୍ତ୍ତି ଯାଇଛନ୍ତି।

ଉକ୍ତ ଲେଭଲ କ୍ରସିଂରେ ଟ୍ରେନ୍ ପାସ୍ କରିବା ପାଇଁ ଦୀର୍ଘ ସମୟ ଧରି ଫାଟକ ପଡ଼ି ରହିଥିଲା। ଫଳରେ ଫାଟକର ଉଭୟ ପଟରେ ପ୍ରାୟ ୨୫ ମିନିଟ୍ ଧରି ପ୍ରବଳ ଗହଳି ହୋଇଥିଲା। ଫାଟକ ଉଠିବା କ୍ଷଣି ଅଟକି ରହିଥିବା ଲୋକେ ଯାତାୟାତ ଆରମ୍ଭ କରିଥିଲେ। ଏହାର ମାତ୍ର ୫ ମିନିଟ୍ ପରେ ଫାଟକରେ କାର୍ଯ୍ୟରତ କର୍ମଚାରୀ ପୁଣି ଫାଟକକୁ ବନ୍ଦ କରିବା ପାଇଁ ଚାହିଁଥିଲେ। ହେଲେ ପ୍ରବଳ ଗହଳି ହେତୁ ସେ ଫାଟକ ପକାଇ ପାରି ନ ଥିଲେ। ଫାଟକଠାରୁ ମାତ୍ର ୧୦୦ ମିଟର ଦୂରରେ ଦ୍ରୁତ ବେଗରେ ଆସୁଥିବା ନୂଆଦିଲ୍ଲୀ-ରାଜଧାନୀ ଏକ୍ସପ୍ରେସ୍‌କୁ ଦେଖି ଲୋକେ ପ୍ରାଣ ବିକଳରେ ନିଜକୁ ବଞ୍ଚାଇବା ପାଇଁ ଦୌଡାଦୌଡି ଆରମ୍ଭ କରିଥିଲେ। ସୌଭାଗ୍ୟବଶତଃ ରାଜଧାନୀ ଏକ୍ସପ୍ରେସ ସେହିଠାରେ ହିଁ ଅଟକିଯାଇଥିଲା। ପରେ ଲୋକେ ଆଶ୍ୱସ୍ତ ହୋଇଥିଲେ।


ରାଜଧାନୀ ଏକ୍ସପ୍ରେସ୍ ଆସୁଥିବା ବେଳେ ଲେଭଲ କ୍ରସିଂରେ ଲୋକଙ୍କ ଭିଡ଼।




## ଅଭିନବ ଭାବେ ମୋବାଇଲ ଲୁଟ ଉଦ୍ୟମ

# ଅଟକାଇବାରୁ ଛାତ୍ରଙ୍କୁ ଛୁରାମାଡ଼

**ଯୋଡ଼ା, ୨୯।୧(ଡି.ଏନ.ଏ.)**

ଯୋଡ଼ା ସହର ବସ୍‌ଷ୍ଟାଣ୍ଡରେ ମଙ୍ଗଳବାର ସକାଳେ ସ୍କୁଲ ବସ୍‌କୁ ଅପେକ୍ଷା କରିଥିବା ଜଣେ ଛାତ୍ରଙ୍କୁ ଛୁରାମାଡ଼ ହୋଇଛି। ଅଭିନବ ଭାବେ ମୋବାଇଲ ଲୁଟ କରୁଥିବା ବେଳେ ବିରୋଧ କରିବାରୁ ଜଣେ ଛାତ୍ରଙ୍କୁ ଛୁରାମାଡ଼ କରି ଦୁର୍ବୃତ୍ତ ଫେରାର ହୋଇଯାଇଛନ୍ତି। ଆହତ ଛାତ୍ର ଜଣଙ୍କ ହେଲେ ଯୋଡ଼ା ୱେଷ୍ଟ ଲୋୟର କ୍ୟାମ୍ପର ବଡବିଲସ୍ଥିତ ସେଣ୍ଟମେରୀ ସ୍କୁଲରେ ଷ୍ଟାଣ୍ଡାର୍ଡ ୧୧ରେ ପଢୁଥିବା ଓସ୍ ନନ୍ଦ। ସେ ସକାଳ ୬ଟା ୩୦ ମିନିଟ୍ ସମୟରେ ବସକୁ ଅପେକ୍ଷା କରିଥିଲେ। ସେହି ସମୟରେ ଜଣେ ଯୁବକ ଆସି କଥା ହେବାକୁ ଓସ୍‌ଙ୍କୁ ଫୋନ୍ ମାଗିଥିଲେ। ଓସ୍ ମୋବାଇଲ୍ ନଂ. ଡାଏଲ କରି ଉକ୍ତ ଯୁବକଙ୍କୁ ଦେଇଥିଲେ। କଥା ହେବା ପରେ ଯୁବକ ଜଣଙ୍କ ଓସ୍‌ଙ୍କୁ ମୋବାଇଲ ନ ଦେଇ ନିଜ ପକେଟରେ ପୂରାଇ ଦେଇଥିଲେ। ସେଠାରୁ ଚାଲିଯିବାକୁ ଉଦ୍ୟମ କରୁଥିଲେ। ତାଙ୍କୁ ଅଟକାଇବାରୁ ଯୁବକ ଜଣକ ଅତର୍କିତ ଭାବେ ତାଙ୍କୁ ଛୁରାମାଡ କରିଥିଲେ। ଓସ୍ ଆହତ ହୋଇ ଚିତ୍କାର କରିବାରୁ ନିକଟରେ ଥିବା କେତେକ ଲୋକ ପହଞ୍ଚି ଯାଇଥିଲେ। ମୋବାଇଲ ଛାଡି ଦୁର୍ବୃତ୍ତ ଜଣଙ୍କ ଫେରାର ହୋଇଯାଇଥିଲେ। ଓସ୍‌ଙ୍କ ପିଠି ଓ କାନ ପାଖରେ ଛୁରା ମାଡ ହୋଇଛି। ତାଙ୍କୁ ଆହତ ଅବସ୍ଥାରେ ଯୋଡ଼ା ଟାଟା ଷ୍ଟିଲ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏ ନେଇ ଯୋଡା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଯୋଡା ସହରରେ ଚୋରି, ଲୁଟ୍ , ଟ୍ରାଫିକ ଜାମ୍, ମାରପିଟ୍ ଭଳି ଘଟଣା ଘଟୁଛି। ପୋଲିସ ପକ୍ଷରୁ ଦୃଷ୍ଟି ଦିଆଯାଉନାହିଁ ବୋଲି ଅଭିଯୋଗ ହେଉଛି।

## ବେଆଇନ କରତକଳ ଉପରେ ଭିଜିଲାନ୍ସ ଚଢ଼ାଉ

# ୧୫ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଯନ୍ତ୍ରାଂଶ, କାଠ ଜବତ

**ଭୋଗରାଇ, ୨୯।୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଭୋଗରାଇ ଥାନା ନିକଟରେ ଏକ ବେଆଇନ କରତକଳ ଉପରେ ଭିଜିଲାନ୍ସ ବିଭାଗ ପକ୍ଷରୁ ମଙ୍ଗଳବାର ପୂର୍ବାହ୍ନରେ ଅଚାନକ ଚଢ଼ାଉ କରାଯାଇଛି। ଚଢ଼ାଉ ସମୟରେ କରତକଳ ମାଲିକ ଘଟଣାସ୍ଥଳରୁ ଚମ୍ପଟ ମାରିବାରେ ସଫଳ ହୋଇଛନ୍ତି। କରତକଳରେ ଲାଗିଥିବା ଯନ୍ତ୍ରାଂଶ ସହ ମୂଲ୍ୟବାନ କାଠକୁ ଜବତ କରାଯାଇଛି। ଚଢ଼ାଉ ସକାଳ ସାଢ଼େ ୭ଟାରୁ ଆରମ୍ଭ ହୋଇ ଅପରାହ୍ନ ପର୍ଯ୍ୟନ୍ତ ଚାଲିଥିଲା। ଯନ୍ତ୍ରାଂଶ ସହ କାଠର ଆନୁମାନିକ ମୂଲ୍ୟ ୧୫ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଭିଜିଲାନ୍ସ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ବେଆଇନ କରତକଳ ଚଢ଼ାଉ ପରେ ଅନ୍ୟ କରତକଳ ମାଲିକଙ୍କ ମଧ୍ୟରେ ଭୟର ବାତାବରଣ ଦେଖାଦେଇଛି। ଏବେ ବି କମର୍ଦ୍ଦା, କୁସୁଡ଼ା, ଜଗନ୍ନାଥପୁର ପୂର୍ବଦିଗ, ପସରବିନ୍ଧା ଆଦି ସ୍ଥାନରେ ବେଆଇନ ଭାବେ କରତକଳ ଚାଲୁ ରହିଛି। ବାଲେଶ୍ୱର ଭିଜିଲାନ୍ସ ଏସ୍‌ପି ସୁନୀଲ କୁମାର ସେନାପତିଙ୍କ ନିର୍ଦ୍ଦେଶକ୍ରମେ ଡିଏସ୍‌ପି ଏସ୍.କେ. ସାମନ୍ତରା, ଇନ୍ସପେକ୍ଟର ଅନିରୁଦ୍ଧ ନାୟକ, ଏଲ.ଏମ. ମୁଖୀ, ଫରେଷ୍ଟ ରେଞ୍ଜର ଶ୍ୟାମ ସିଂ, ଫରେଷ୍ଟର ଜଗନ୍ନାଥ ପରିଡ଼ା, ଡେପୁଟି କଲେକ୍ଟର ଅରୁଣା ତ୍ରିପାଠୀ, ଜଳେଶ୍ୱର ଏସ୍‌ଡ଼ିପିଓ ସହ ଭୋଗରାଇ, କମର୍ଦ୍ଦା ଆଇଆଇସି ଏବଂ ୨ ପ୍ଲାଟୁନ ପୋଲିସ ଫୋର୍ସ ଚଢ଼ାଉରେ ସାମିଲ ଥିଲେ।


କରତକଳ ଚଢ଼ାଉରେ ଯନ୍ତ୍ରାଂଶ ସାମଗ୍ରୀ ଗାଡ଼ିରେ ବୁହାଯାଉଛି।

# ବିବାହର ପ୍ରତିଶ୍ରୁତି ଦେଇ ପ୍ରତାରଣା, ଯୁବତୀ ଥାନାର ଦ୍ୱାରସ୍ଥ

**ବାସୁଦେବପୁର, ୨୯।୧(ଡି.ଏନ.ଏ.)**

ବାସୁଦେବପୁର ବ୍ଲକର ଇରମ ଅଞ୍ଚଳର ଜଣେ ଯୁବକ ଯାଜପୁର ଅଞ୍ଚଳର ଜଣେ ଯୁବତୀଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ପ୍ରତାରଣା କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ନ୍ୟାୟ ପାଇଁ ସମ୍ପୃକ୍ତ ଯୁବତୀ ଜଣକ ମଙ୍ଗଳବାର ପୂର୍ବାହ୍ନରେ ବାସୁଦେବପୁର ଥାନାରେ ସମ୍ପୃକ୍ତ ଯୁବକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଏହି ଯୁବକ ଜଣଙ୍କୁ ସ୍ଥାନୀୟ ପୋଲିସ ଥାନାକୁ ଆଣି ଘଟଣାର ପଚରା ଉଚରା କରିବା ସହିତ ସତ୍ୟାସତ୍ୟ ଜାଣିବାକୁ ଚାହିଁଥିଲେ। ଯୁବତୀ ଜଣକ ଏହି ଯୁବକଙ୍କୁ ବିବାହ କରିବାକୁ ଜିଦ୍ ଧରିବା ଫଳରେ ଯୁବକଙ୍କ ପରିବାର ଓ ଯୁବକ ଜଣକ ଏହି ପ୍ରସ୍ତାବକୁ ଅସ୍ୱୀକାର କରିଥିଲେ। ସମ୍ପୃକ୍ତ ଯୁବକ ଜଣଙ୍କର ମଙ୍ଗଳବାର ଅନ୍ୟତ୍ର ବିବାହ ଦିନ ଧାର୍ଯ୍ୟ ଥିବାରୁ ପୂର୍ବ ପ୍ରେମିକା ଜାଣିପାରି ଏହି ଯୁବକଙ୍କୁ ବିବାହ କରିବାକୁ ଜିଦ୍ ଧରି ବସିଥିଲେ। ପରେ ଅପରାହ୍ନରେ ଉକ୍ତ ଯୁବତୀ ଓ ଯୁବକଙ୍କ ପରିବାର ମଧ୍ୟରେ ଆପୋଷ ବୁଝାମଣା ପରେ ଯୁବତୀ ଜଣଙ୍କ ନିଜ ଘର ଯାଜପୁର ଅଭିମୁଖେ ଯାଇଥିବା ଜଣାପଡିଛି।

# ଟ୍ରାକ୍ଟର ଧକ୍କାରେ ଜୀବନ ଗଲା

**ପଦ୍ମପୁର, ୨୯।୧(ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ରାଜଘରପୋଖରୀ ପଞ୍ଚାୟତର ଜିଣାଦଣ୍ଡା ଗ୍ରାମର ଖଗେଶ୍ୱର ମହାନ୍ତି ଟ୍ରାକ୍ଟର ଧକ୍କାର ମୃତ୍ୟୁବରଣ କରିଛନ୍ତି। ସୋମବାର ସନ୍ଧ୍ୟାରେ ଖଗେଶ୍ୱର ରାସ୍ତାରେ ଯାଉଥିବା ବେଳେ ଏକ ଟ୍ରାକ୍ଟର ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ବାସୁଦେବପୁର ଓ ପରେ ଭଦ୍ରକ ଜିଲା ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ମୃତକଙ୍କ ପୁଅ ଅଭୟ ମଙ୍ଗଳବାର ନାୟକାଣିଡିହୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗ ଅନୁଯାୟୀ ପୋଲିସ ଏକ ମାମଲା(ନଂ ୧୧/୧୯) ରୁଜୁ କରି ଘଟଣାର ତଦନ୍ତ କରୁଛି।





Regd. Office: Hero MotoCorp Ltd., 34, Community Centre, Basant Lok, Vasant Vihar, New Delhi - 110057,India. CIN: L35911DL1984PLC017354. Phone No.: 011 - 46044100. For further information, contact nearest Hero MotoCorp authorised outlet or call our toll free no.: 1800 - 266 - 0018 or visit us on www.HeroMotoCorp.com. Accessories and features shown may not be part of standard fitment. Always wear a helmet while riding a two wheeler. *Terms & conditions apply. #Finance at the sole discretion of financiers. Customers have to provide all relevant documents desired by financiers to avail the loan. *Applicable for all models till 125cc.

Hero MILEAGE THODA EXTRA KILOMETERS PER LITRE

HeroMotoCorp.com HeroMotoCorpIndia HeroMotoCorpLimited TheHeroMotoCorp HeroMotoCorp

For Institutional and Bulk Sales please write to Kolkata@heromotocorp.com

ଅଥରାଇଜ୍‌ଡ ଡିଲର : ଭୁବନେଶ୍ୱର: ରୋହନ ହୀରୋ - 7799766422. ଭାରତ ହୀରୋ - 7799766378. ଡିଡି ହୀରୋ - 7799566329. ବାଲେଶ୍ୱର: ନୀଲମ ହୀରୋ - 7799766393. ବାରିପଦା : ଆଦିତ୍ୟ ହୀରୋ - 7799766370. ଭଦ୍ରକ : ସଞ୍ଜୀବ ହୀରୋ - 7799766380. ଚଣ୍ଡୀଖୋଲ: ଏସ୍.କେ. ହୀରୋ - 7799766362. କଟକ: କେଏମଜି ହୀରୋ - 7799766366. ସନୀ ହୀରୋ - 7799766401. ଏସେନ୍ ହୀରୋ - 7799766425. ଜଗତସିଂହପୁର: ତ୍ରିଶୂଳ ହୀରୋ - 7799766383. ଯାଜପୁର ରୋଡ: ସୌମିକ ହୀରୋ - 7799766410. ଜଳେଶ୍ୱର: ସାଇ ହୀରୋ - 7799766407. ଜଟଣୀ: ବିଶାଳ ହୀରୋ - 7799766398. କେନ୍ଦୁଝର: ସୁପ୍ରିମ ହୀରୋ - 7799766360. ନୟାଗଡ଼: ଭଗବତୀ ହୀରୋ - 7799766417. ପୁରୀ: ସଞ୍ଜୀବ ହୀରୋ - 06752-255881, 7894020001. ଅଥରାଇଜ୍‌ଡ ସର୍ଭିସ୍ ସେଣ୍ଟର: ବାଲିଆପାଳ : ବାବା ମୋଟର୍ସ - 253841, 9438757377. ବାଲୁଗାଁ: ମହାମୟୀ ମୋଟର୍ସ - (06756) 250280. ଯାଜପୁର: ଆୟୁଷ ଅଟୋମୋବାଇଲ୍ସ - 223864. କେନ୍ଦ୍ରାପଡ଼ା: ବୈଷ୍ଣବୀ ମୋଟର୍ସ - 221083. ଖୋର୍ଦ୍ଧା: ଦିନେଶ ଟ୍ରେଡିଂ କମ୍ପାନୀ - 221511. ନିମାପଡ଼ା: ବାସୁଦେବ ଅଟୋମୋବାଇଲ୍ସ - 252725. ପାରାଦୀପ: ପ୍ରଦୀପ ମୋଟର୍ସ - 9238120001. ପଟ୍ଟାମୁଣ୍ଡାଇ: ମିଶ୍ର ଅଟୋ - 220430. ପିପିଲି: ଶ୍ରୀରାମ ମୋଟର୍ସ - 240687. ପୁରୀ: ଲକ୍ଷ୍ମୀ ପ୍ରିୟା ମୋଟର୍ସ - 225552. ରାହାମା: ଶରଳା ଅଟୋମୋବାଇଲ୍ସ - 248001, 248002. ରାଇରଙ୍ଗପୁର: ମା ସାକମ୍ବରୀ ମୋଟର୍ସ - 7008906387. ସୋରୋ: ଟ୍ୱିଙ୍କିଲ ମୋଟର୍ସ - 221711, 9337375571.



୩୯

3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ